ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Wednesday, May 7/2025 | Page 12 | ₹ 7.00 | RAYAGADA
୫୧ଶ ଭାଗ ୧୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 161 | ମୂଲ୍ୟ ₹୭/-



**ଦିବ୍ୟଦର୍ଶିନୀଙ୍କ ଶତକ**

ବଲାଙ୍ଗୀର ବିପକ୍ଷ ଓସିଏ ଆନ୍ତଃ ଜିଲା ମହିଳା ଟି୨୦ ସୁପର ଲିଗ୍‌ରେ ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀ ଶତକ ହାସଲ କରିଛନ୍ତି।

୧୨

୦୨

**ମେଟ୍ ଗାଲାରେ କିଙ୍ଗ ଖାନ୍‌ଙ୍କ ଡେବ୍ୟୁ**

ପ୍ରତିଷ୍ଠିତ ଫେଶନ୍ ଇଭେଣ୍ଟ 'ମେଟ୍ ଗାଲା ୨୦୨୫'ରେ ଅଭିନେତା ଶାହରୁଖ ଖାନ୍ ନିଜର ସ୍ୱତନ୍ତ୍ର ଅନ୍ଦାଜ ସହ ଡେବ୍ୟୁ କରିଛନ୍ତି।





ଦେଶବ୍ୟାପୀ ବୁଧବାର ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ପ୍ରୟାଗରାଜରେ ପ୍ରସ୍ତୁତି ଚାଲିଛି।

# ମୋଦି ପାଇଥିଲେ ଆକ୍ରମଣର ଗୋଇନ୍ଦା ରିପୋର୍ଟ: ଖାର୍ଗେ

**ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ ହିନ୍ଦୁ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ୍ ୧୯ ତାରିଖରେ ସମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଇନ୍ଦା ରିପୋର୍ଟ ପ୍ରଦାନ କରାଯାଇଥିଲା। କିନ୍ତୁ ସରକାର ଉକ୍ତ ଗୋଇନ୍ଦା ତଥ୍ୟ ସଶସ୍ତ୍ର ବଳକୁ ନ ଦେବାରୁ ଏତେ ବଡ଼ ଆକ୍ରମଣ ଘଟିଗଲା ବୋଲି ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିବାବେଳେ ଖାର୍ଗେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଅନୁଚିତ। ସେ ଯାହା ଦାବି କରୁଛନ୍ତି ସେନେଇ ପ୍ରମାଣ ଦିଅନ୍ତୁ, ନଚେତ୍ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଭାଜପା କହିଛି।**

ରାଞ୍ଚି/ନୂଆଦିଲ୍ଲୀ,୬।୫

କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଖାର୍ଗେ କହିଛନ୍ତି, ପହଲଗାମ୍ ଆକ୍ରମଣ ସମ୍ପର୍କରେ ଆଗୁଆ ଗୋଇନ୍ଦା ରିପୋର୍ଟ ମିଳିବା ସତ୍ତ୍ୱେ ସେଠାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅଣଦେଖା କରାଯାଇଥିଲା। ଏପରି କି ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବିତ କଶ୍ମୀର ଗସ୍ତ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଥିଲା। ଯଦି ଗୋଇନ୍ଦା ତଥ୍ୟ ଆଧାରରେ ଗସ୍ତ ବାତିଲ କଲେ ତେବେ ସେଠାକୁ ଅଧିକ ସୁରକ୍ଷା ବଳ କାହିଁକି ପଠାଇଲେ ନାହିଁ? ସ୍ଥାନୀୟ ପୋଲିସକୁ କାହିଁକି ସତର୍କ କରାଇଲେ ନାହିଁ? ସମ୍ପୃକ୍ତ ଅଞ୍ଚଳରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନଙ୍କୁ ମୁତୟନ କରାଯିବା ଆବଶ୍ୟକ ଥିଲା। ସୁରକ୍ଷାରେ ତ୍ରୁଟି ହୋଇଥିବା ବିଷୟ ଏପ୍ରିଲ ୨୪ରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାର ମାନିଥିଲେ। ଯଦି ସେମାନେ ନିଜ ବିଫଳତା ସ୍ୱୀକାର କରିଥିଲେ, ତେବେ ଏତେ ଲୋକଙ୍କ ପ୍ରାଣହାନି ପାଇଁ ନିଜକୁ ଉତ୍ତରଦାୟୀ କରିବା ଉଚିତ। ଏକ ଖବରକାଗଜ ରିପୋର୍ଟକୁ ଭିତ୍ତିକରି ଖାର୍ଗେ ଏହି ପ୍ରସଙ୍ଗ ଉଠାଇଥିବା କହିଥିଲେ ମଧ୍ୟ ନିଜ ଅଭିଭାଷଣରେ ଉକ୍ତ ସୂତ୍ର ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କରିନାହାନ୍ତି। ଖାର୍ଗେ ଆହୁରି କହିଛନ୍ତି, ପହଲଗାମ୍ ଆକ୍ରମଣକୁ ନେଇ କଂଗ୍ରେସ ରାଜନୀତି କରିବାକୁ ଚାହୁଁନାହିଁ। ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଯେପରି ନ୍ୟାୟ ମିଳିବ ତାହା ସୁନିଶ୍ଚିତ କରିବା ଏକ ସାମୂହିକ ଉଦ୍ୟମ। ତେଣୁ ଆତଙ୍କବାଦ ପ୍ରସଙ୍ଗରେ ସରକାର ପାକିସ୍ତାନ ଉପରେ ଯାହା କାର୍ଯ୍ୟାନୁଷ୍ଠାନ ନେବେ କଂଗ୍ରେସ ତାକୁ ସମର୍ଥନ କରିବ ବୋଲି ଖାର୍ଗେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ଖାର୍ଗେଙ୍କ ଏହି ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ରବିଶଙ୍କର କହିଛନ୍ତି, ଖାର୍ଗେ ଜାତୀୟ ସୁରକ୍ଷା ଉପରେ ବିବାଦୀୟ ମନ୍ତବ୍ୟ ଦେଉଥିବା କଂଗ୍ରେସ ନେତାମାନଙ୍କୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ସେମାନଙ୍କ ଗୋଷ୍ଠୀରେ ସାମିଲ ହୋଇଯାଇଛନ୍ତି। ସେମାନେ ଜାତୀୟ ସୁରକ୍ଷାକୁ ମଜଭୁତ କରିବା କଥା କହି ଏହାକୁ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ସମାଲୋଚନା କରିଛନ୍ତି। ସେହିପରି ଭାଜପା ମୁଖପାତ୍ର ସି.ଆର୍. କେଶବନ୍ କହିଛନ୍ତି, ଖାର୍ଗେ ଯାହା ଦାବି କରୁଛନ୍ତି ସେନେଇ ପ୍ରମାଣ ଦିଅନ୍ତୁ। ନଚେତ୍ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ।



ମଲ୍ଲିକାର୍ଜୁନ ଖାର୍ଗେ

## ୧୩ ସୁଦ୍ଧା ଆଣ୍ଡାମାନ ଛୁଇଁପାରେ ମୌସୁମୀ

ନୂଆଦିଲ୍ଲୀ,୬।୫

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ୍ ସାଗର, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କେତେକ ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ସ୍ୱାଭାବିକ ସମୟଠାରୁ ସପ୍ତାହେ ପୂର୍ବରୁ ଉପରୋକ୍ତ ଅଞ୍ଚଳରେ ମୌସୁମୀ ପହଞ୍ଚିବା ଆଶା କରାଯାଉଛି ବୋଲି ମଙ୍ଗଳବାର ଅପରାହ୍ଣରେ ପାଣିପାଗ ବିଭାଗ କହିଛି। ଆଣ୍ଡାମାନ ସାଗରରେ ମୌସୁମୀ ପହଞ୍ଚିବାର ୧୫ ଦିନ ମଧ୍ୟରେ କେରଳର ଦକ୍ଷିଣ-ପଶ୍ଚିମ ଉପକୂଳ ଛୁଇଁଥାଏ। ଆଣ୍ଡାମାନ୍‌ରେ ସଅଳ ପହଞ୍ଚିବାକୁ ଥିବାରୁ କେରଳରେ ମଧ୍ୟ ଶୀଘ୍ର ମୌସୁମୀ ବର୍ଷା ହେବା ଆଶା କରାଯାଏ।

# କ୍ଷୀରରେ ଅପମିଶ୍ରଣ, ଜୀବନ ସହ ଖେଳ

## ୫୦ ବସ୍ତା ଅପମିଶ୍ରିତ ଦୁଗ୍ଧ ପାଉଡର ଜବତ, ଅଭିଯୁକ୍ତ ଫେରାର

**କମ୍ ଖର୍ଚ୍ଚରେ ଅଧିକ ଲାଭ ଆଶା ରଖି କେତେକ ଲୋକ ଜନସାଧାରଣଙ୍କୁ ଠକୁଛନ୍ତି। ଏପରି କି କ୍ଷୀର ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀରେ ରାସାୟନିକ ପଦାର୍ଥ ବ୍ୟବହାର କରି ଅନ୍ୟମାନଙ୍କ ଜୀବନ ସହ ଖେଳିବାକୁ ପଛାଉନାହାନ୍ତି। ଅନ୍ୟକେହି ଯେପରି ଜାଣି ନ ପାରିବେ ସେଥିଲାଗି ଏହି ଅପମିଶ୍ରଣ ଓମ୍‌ଫେଡ୍ ଦ୍ୱାରା ପରିଚାଳିତ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଳାଇଥିଲେ। ଏଭଳି ଏକ ଅପମିଶ୍ରିତ ଗୋଦାମ ଠାବ ହୋଇଛି ଜଗତ୍‌ସିଂହପୁର ଜିଲାରେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଖାଦ୍ୟ ସୁରକ୍ଷା ଅଧିକାରୀ ମଙ୍ଗଳବାର ବାଲିକୁଦା ବ୍ଲକ ଅନ୍ତର୍ଗତ ତରାସାହିସ୍ଥିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଢ଼ାଉକରି ବହୁ ପରିମାଣର ଅପମିଶ୍ରିତ କ୍ଷୀର ଏବଂ ୫୦ ବସ୍ତା ସିନ୍ଥେଟିକ୍ ମିଲ୍କ ପାଉଡର ଜବତ କରିଛନ୍ତି।**



ଜଗତ୍‌ସିଂହପୁର,୬।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ତରାସାହି ଗ୍ରାମରେ ଓମଫେଡ୍ ଦ୍ୱାରା ପରିଚାଳିତ ଏକ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ମଙ୍ଗଳବାର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଚଢ଼ାଉ କରି କ୍ଷୀରରେ ମିଶ୍ରଣ ପାଇଁ ଲୁଚାଇ ରଖାଯାଇଥିବା ୫୦ ବସ୍ତା(୧୨୫୦ କିଲୋଗ୍ରାମ) ଅପମିଶ୍ରିତ ପାଉଡର୍ ଜବତ କରିଛନ୍ତି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଏତେ ପରିମାଣର ଅପମିଶ୍ରିତ ପାଉଡର କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା ତା'ର ସ୍ପଷ୍ଟ ସୂଚନା ମିଳି ନ ଥିଲେ ସୁଦ୍ଧା କ୍ଷୀରର ପରିମାଣ ସହ ପାରାମିଟର ବୃଦ୍ଧି ପାଇଁ ବ୍ୟବହାର ହେଉଥିଲା ବୋଲି କୁହାଯାଉଛି। ଏଥିସହ ପନିର୍ ପ୍ରସ୍ତୁତିରେ ଏହି ପାଉଡର୍ ସହାୟକ ହେଉଥିଲା ବୋଲି ଆଲୋଚନା ହେଉଛି। ଜୀବନ ସହ ଖେଳୁଥିବା ଏଭଳି ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି।

ଜଗତ୍‌ସିଂହପୁର ଖାଦ୍ୟ ସୁରକ୍ଷା ଅଧିକାରିଣୀ(ଫୁଡ୍ ସେଫ୍ଟି ଅଫିସର) ସମିତା ଦାସଙ୍କ କହିବାନୁସାରେ, ଉପଜିଲାପାଳ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଲିକୁଦା ତହସିଲଦାର, ଆଇଆଇସି ଏବଂ ନିଜେ ଖାଦ୍ୟ ସୁରକ୍ଷା ଅଧିକାରିଣୀ ଉକ୍ତ ଦୁଗ୍ଧ ସଂଗ୍ରହ କେନ୍ଦ୍ରରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉକ୍ତ କେନ୍ଦ୍ରର ପରିଚାଳକ ତଥା ମା' ଛତରାଇ ଦୁଗ୍ଧ ସମବାୟ ସମିତି ସମ୍ପାଦକ ଉଲ୍ଲାସ ଦାସ ସେଠାରୁ ଖସି ପଳାଇଯାଇଥିଲେ। ଯାଞ୍ଚ ସମୟରେ ୨୫ କିଲୋଗ୍ରାମ ହିସାବରେ ୪୦ ବସ୍ତା ବିଭିନ୍ନ ବ୍ରାଣ୍ଡର ଅପମିଶ୍ରିତ ପାଉଡର ଗଚ୍ଛିତ ଥିବା ଜଣାପଡ଼ିଥିଲା। ଏହାବାଦ୍ ଆଉ ୧୦ ବସ୍ତାରେ ୨୫ଟି କିଲିକିଆ ପ୍ୟାକେଟ୍ ଥିବା ଜଣାଯାଇଥିଲା। ଏତେ ପରିମାଣର ଅପମିଶ୍ରିତ ପାଉଡର୍ ବ୍ୟବହାର ପାଇଁ ଗଚ୍ଛିତ ରଖାଯିବା ସାଧାରଣ କଥା ନୁହେଁ। ବିଭାଗ ଏହାକୁ ଗମ୍ଭୀରତାର ସହ ନେଇଛି। ନମୁନା ସଂଗ୍ରହ କରାଯାଇ ଷ୍ଟେଟ୍ ଫୁଡ୍ ଟେଷ୍ଟିଂ ଲାବରେଟୋରି ପଠାଯିବ। ତା'ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରୁ ସେ କହିଥିଲେ, ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରାଯାଇଥିଲା। ଉଲ୍ଲାସଙ୍କ ଘର ଆଗରେ ଚଢ଼ାଉ ଟିମ୍‌ର ଗାଡ଼ି ପହଞ୍ଚିବାପରେ ସେ ସନ୍ଦେହ କରି ଖସି ପଳାଇଥିଲେ। ତାଙ୍କୁ ଡାକିବା ପାଇଁ ପରିବାର ଲୋକଙ୍କୁ କୁହାଯାଇଥିଲେ ସୁଦ୍ଧା ସେ ଆସି ନ ଥିଲେ। ପାଉଡର୍ ବସ୍ତାଗୁଡ଼ିକ ତାଙ୍କ ଘର ପାର୍ଶ୍ୱ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ପଲିଥିନ୍ ଘୋଡ଼ାଇ ରଖିଥିଲେ। ତେବେ ଏତେ ପରିମାଣର ପାଉଡର ଗଚ୍ଛିତ ପଛର ରହସ୍ୟ ଜାଣିବା ପାଇଁ ପୋଲିସର ଆଶ୍ରୟ ନିଆଯିବ ବୋଲି ତରାଇ କହିଛନ୍ତି। କେତେଜଣଙ୍କ କହିବା କଥା ହେଲା, ୧ କିଲୋଗ୍ରାମ ପାଉଡର୍‌ରେ ୧୦ଲିଟର୍ କ୍ଷୀର ହେଉଛି। ଆଉ କେତେଜଣ କହୁଛନ୍ତି କମ୍ କ୍ଷୀରରେ କିଛି ପାଉଡର ମିଶାଯାଇ ପରିମାଣ ବୃଦ୍ଧି କରାଯାଉଛି। ସେହିପରି ପନିରରେ ଏହା ମଧ୍ୟ ବ୍ୟବହାର ହେଉଛି। ତେବେ ପରୀକ୍ଷା ରିପୋର୍ଟ ଆସିଲା ପରେ ବାସ୍ତବରେ ଏହା ଜୀବନ ପ୍ରତି ବିପଦ ସୃଷ୍ଟିକରେ କି ନୁହେଁ ତାହା ସ୍ପଷ୍ଟ ହୋଇଯିବ ବୋଲି ଉପଜିଲାପାଳ କହିଛନ୍ତି। ଅପରପକ୍ଷରେ ଖାଇବା ସୋଡା, ଲୁଣ, ୟୁରିଆ ଓ ରିଫାଇନ ତେଲ ସହ ଉକ୍ତ ନକଲି ପାଉଡର୍ ମିଶାଯାଇ ପ୍ରକୃତ କ୍ଷୀରର ପରିମାଣକୁ ଦ୍ୱିଗୁଣିତ କରି ଦିଆଯାଏ। ଏପରି କି ତାହା ଅପମିଶ୍ରିତ ବୋଲି ଜାଣିବା ସହଜ ହେଉ ନ ଥିବାରୁ ଅସାଧୁ ବ୍ୟକ୍ତିମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି ବୋଲି କେତେଜଣ ଦୁଗ୍ଧ ସମବାୟ ସମିତି ସମ୍ପାଦକ ନାମ ଗୋପନ ରଖି କହିଛନ୍ତି।

## ଦୁର୍ଘଟଣା ପୀଡ଼ିତଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ଲେସ୍ ଚିକିତ୍ସା

ନୂଆଦିଲ୍ଲୀ,୬।୫

ଜରୁରୀ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ ସମସ୍ତ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ କ୍ୟାଶ୍‌ଲେସ୍ ଚିକିତ୍ସା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଦେଶର ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ମିଳିବ। ଦୁର୍ଘଟଣା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ 'ସୁବର୍ଣ୍ଣ ସମୟ'ରେ ଜରୁରୀ ଚିକିତ୍ସା ଯୋଗାଇଦେଇ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନା ଘୋଷଣା କରାଯାଇଛି। ମନ୍ତ୍ରଣାଳୟ କ୍ୟାଶ୍‌ଲେସ୍ ଟ୍ରିଟ୍‌ମେଣ୍ଟ ଅଫ୍ ରୋଡ୍ ଆକ୍ସିଡେଣ୍ଟ ଭିକ୍ଟିମ୍ ସ୍କିମ୍, ୨୦୨୫ ଭାବେ ପୂର୍ବରୁ ଜଣାଶୁଣା ଏହି ଯୋଜନାର ଲକ୍ଷ୍ୟ ହେଲା ତ୍ୱରିତ୍ ଏବଂ ଜରୁରୀ ଚିକିତ୍ସା ମାଗଣାରେ ଯୋଗାଇଦେଇ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା। ୨୦୨୩ରେ ଭାରତରେ ମୋଟ ୪,୮୦,୦୦୦ ରାସ୍ତା ଦୁର୍ଘଟଣା ହୋଇଥିବାବେଳେ ସେଥିରେ ୧,୭୨,୦୦୦ ଜଣଙ୍କ ଜୀବନ ଯାଇଥିଲା। ତୁରନ୍ତ ଡାକ୍ତରୀ ଚିକିତ୍ସା ମିଳିଥିଲେ ଅନେକଙ୍କ ଜୀବନ ରକ୍ଷା ହୋଇପାରିଥାନ୍ତା। ତେଣୁ ଦୁର୍ଘଟଣାର ଠିକ୍ ପରବର୍ତ୍ତୀ ସୁବର୍ଣ୍ଣ ସମୟରେ ଚିକିତ୍ସା ଯୋଗାଇଦେବା ଉପରେ ନୂଆ ଯୋଜନା ଗୁରୁତ୍ୱ ଦେଉଛି। ଦୁର୍ଘଟଣାର ୭ ଦିନ ମଧ୍ୟରେ ଏହି ସୁବିଧା ଉପଲବ୍ଧ ହେବାକୁ ଥିବାବେଳେ ଏହା ସମସ୍ତେ ପାଇପାରିବେ।

**ଆଜିର ସମ୍ପାଦକୀୟ**

କଫ୍ ସିରପ୍‌ର ମଜା

# ମାନବ ବିକାଶ ସୂଚକାଙ୍କ: ଶ୍ରୀଲଙ୍କା ତଳେ ଭାରତ

## ଶୀର୍ଷରେ ଆୟର୍ଲାଣ୍ଡ

ନୂଆଦିଲ୍ଲୀ, ୬।୫



ୟୁନାଇଟେଡ୍ ନେଶନ ଡେଭେଲପ୍‌ମେଣ୍ଟ ପ୍ରୋଗାମ (ୟୁଏନ୍‌ଡିପି) ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ମାନବ ବିକାଶ ସୂଚକାଙ୍କ(ଏଚ୍‌ଡିଆଇ)ରେ ଭାରତ ୧୯୩ ଦେଶ ମଧ୍ୟରୁ ୧୩୦ତମ ସ୍ଥାନରେ ରହିଛି। ୨୦୨୨ରୁ ୨୦୨୩ ମଧ୍ୟରେ ଭାରତର ଏଚ୍‌ଡିଆଇ ର୍ୟାଙ୍କିଙ୍ଗ୍ ୧୩୩ତମ ସ୍ଥାନରୁ ଉନ୍ନୀତ ହୋଇ ୧୩୦ ତମ ସ୍ଥାନରେ ପହଞ୍ଚିଛି। ସେହିପରି ୨୦୨୨ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୭୬ ଥିବାବେଳେ ୨୦୨୩ରେ ଏହା ବୃଦ୍ଧି ଘଟି ୦.୬୮୫ରେ ପହଞ୍ଚିଛି। ୦.୯୭୨ ଏଚ୍‌ଡିଆଇ ଭାଲ୍ୟୁ ସହ ଏହି ସୂଚକାଙ୍କରେ ଆୟର୍ଲାଣ୍ଡ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ନରୱେ, ସୁଇଜରଲାଣ୍ଡ, ଡେନ୍‌ମାର୍କ ଏବଂ ଜର୍ମାନୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତର ର୍ୟାଙ୍କିଙ୍ଗ୍ ପଡ଼ୋଶୀ ବାଂଲାଦେଶ ସହ ସମାନ ରହିଛି। ସେହିପରି ଦେଶର ଅନ୍ୟ ୩ ପଡ଼ୋଶୀ ଶ୍ରୀଲଙ୍କା, ନେପାଳ ଏବଂ ପାକିସ୍ତାନ ଯଥାକ୍ରମେ ଏହି ସୂଚକାଙ୍କରେ ୮୯, ୧୪୫ ଏବଂ ୧୬୮ତମ ସ୍ଥାନରେ ରହିଛନ୍ତି। ୦.୩୮୮ ଏଚ୍‌ଡିଆଇ ଭାଲ୍ୟୁ ସହ ଦକ୍ଷିଣ ସୁଦାନ ଏହି ସୂଚକାଙ୍କର ସର୍ବନିମ୍ନ ସ୍ଥାନରେ ରହିଛି।

ଏହି ରିପୋର୍ଟ ଅନୁଯାୟୀ, ଭାରତ ମଧ୍ୟମ ମାନବ ବିକାଶ ବର୍ଗରେ ରହିଛି। ଉଚ୍ଚ ମାନବ ବିକାଶ ବର୍ଗରେ ରହିବା ପାଇଁ ଆବଶ୍ୟକ ଏଚ୍‌ଡିଆଇ ଭାଲ୍ୟୁ ୦.୭୦୦ରେ ଭାରତ ନିକଟତର ହୋଇଛି। ତେବେ ଅସମାନତା ଭାରତର ଏଚ୍‌ଡିଆଇ ଭାଲ୍ୟୁକୁ ୩୦.୭% ପର୍ଯ୍ୟନ୍ତ ହ୍ରାସ କରୁଛି, ଯାହା ଭାରତର ଏଚ୍‌ଡିଆଇ ଭାଲ୍ୟୁକୁ ସର୍ବାଧିକ କ୍ଷତି ପହଞ୍ଚାଉଥିବା ଏହି ରିପୋର୍ଟ କହିଛି। ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ରହିଥିବା ଅସମାନତାରେ ଉନ୍ନତି ଆସିଥିବାବେଳେ ଦେଶରେ ଆୟ ଏବଂ ଲିଙ୍ଗଗତ ଅସମାନତା ଏବେ ମଧ୍ୟ ଜାରି ରହିଛି। ଭାରତର ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି ଏବଂ ରାଜନୈତିକ ପ୍ରତିନିଧିତ୍ୱ ଦୃଷ୍ଟିରୁ ମହିଳାଙ୍କ ସ୍ଥିତି ଏବେ ମଧ୍ୟ ଅନ୍ୟ ଦେଶ ତୁଳନାରେ ଦୁର୍ବଳ ଥିବା ଏହି ରିପୋର୍ଟ କହିଛି। ସେହିପରି ଭାରତରେ ପ୍ରତିବ୍ୟକ୍ତିଙ୍କ ହାରାହାରି ଆୟୁ ୭୧.୭ ବର୍ଷରୁ ୭୨ ବର୍ଷକୁ ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଏହି ରିପୋର୍ଟ କହିଛି। ୟୁଏନ୍‌ଡିପି ଇଣ୍ଡିଆର ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ଆଞ୍ଜେଲା ଲୁସିଗି କହିଛନ୍ତି, ୨୦୨୨ ତୁଳନାରେ ୨୦୨୩ରେ ଭାରତ ଏଚ୍‌ଡିଆଇରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଏହି ରିପୋର୍ଟ ଏଚ୍‌ଡିଆଇର ପ୍ରମୁଖ ଦିଗଗୁଡ଼ିକରେ ଭାରତର ଉନ୍ନତିକୁ ପ୍ରତିଫଳିତ କରୁଛି। ବିଶେଷ କରି ସ୍କୁଲ୍ ଶିକ୍ଷା, ମୁଣ୍ଡ ପିଛା ଜାତୀୟ ଆୟରେ ଭାରତର ପ୍ରଦର୍ଶନରେ ଉନ୍ନତି ଆସିଥିବା ସେ କହିଛନ୍ତି।

# ୩୩ ପଇସା କମିବ ବିଦ୍ୟୁତ୍ ଦର

ଭୁବନେଶ୍ୱର,୬।୫(ରବିନାରାୟଣ ଜେନା)





ଦୀର୍ଘଦିନ ପରେ ରାଜ୍ୟର ଖୁଚୁରା ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇ ଭଲ ଖବର ଶୁଣିବାକୁ ମିଳିଛି। ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ ପକ୍ଷରୁ ଜନଶୁଣାଣି ବେଳେ ବିଦ୍ୟୁତ୍ ଟାରିଫ୍ ୟୁନିଟ୍ ପିଛା ୩୩ ପଇସା କମିବ ବୋଲି ଜଣାପଡ଼ିଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ ଜନସାଧାରଣଙ୍କ ଯୁକ୍ତି ଶୁଣିବା ପରେ ଆୟୋଗ ଏହି ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ଏସଂକ୍ରାନ୍ତରେ ଆୟୋଗଙ୍କ ପକ୍ଷରୁ ସରକାରଙ୍କ ଅନୁମତି ନେବାପରେ ବିଧିବଦ୍ଧ ଘୋଷଣା ହେବ।

ସୂଚନା ଅନୁଯାୟୀ, ଚଳିତବର୍ଷର ଖୁଚୁରା ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ କରିବାପାଇଁ ଫେବୃଆରୀରେ ହୋଇଥିବା ଜନଶୁଣାଣି ବେଳେ ଓଡ଼ିଶା ପାୱାର ଜେନେରେଶନ କରପୋରେଶନ(ଓପିଜିସି) ଦାଖଲ କରିଥିବା ଦରଖାସ୍ତକୁ ଆୟୋଗ ଫଇସଲା ନ କରି ବିଦ୍ୟୁତ୍ ମୂଲ୍ୟକୁ ଅପରିବର୍ତ୍ତିତ ରଖିଥିଲା। ମଙ୍ଗଳବାର ଓପିଜିସି ଦାଖଲ କରିଥିବା ଟାରିଫ ଦରଖାସ୍ତଗୁଡ଼ିକୁ ଜନଶୁଣାଣି ପାଇଁ ଗ୍ରହଣ କରିଥିଲା। ଜରୁରୀ କାର୍ଯ୍ୟ ପାଇଁ ଆୟୋଗଙ୍କ ସଭ୍ୟ ଗଜେନ୍ଦ୍ର ମହାପାତ୍ର ଶୁଣାଣି ସମୟରେ ବିରତି ନେଇଥିବା ବେଳେ ଆୟୋଗଙ୍କ ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଓ ଅନ୍ୟତମ ସଭ୍ୟ ସୁଶାନ୍ତ ରାୟ ମହାପାତ୍ର ଜନଶୁଣାଣି କରିଥିଲେ। ଓପିଜିସିର ସାଧାରଣ ପରିଚାଳକ ହରେଶ ତ୍ରିପାଠୀ ଦ୍ୱିତୀୟ ପର୍ଯ୍ୟାୟ ପ୍ଲାଣ୍ଟ ପାଇଁ ଗତ ଜନଶୁଣାଣି ସମୟରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୩ ଟଙ୍କା ୪୦ ପଇସା ଅନୁମୋଦନ ସମ୍ପର୍କରେ ସୂଚନା ପ୍ରଦାନକରି ଦରଖାସ୍ତଗୁଡ଼ିକୁ ଅନୁମୋଦନ ପାଇଁ ଆୟୋଗଙ୍କୁ ନିବେଦନ କରିଥିଲେ।

ଜନଶୁଣାଣି ବେଳେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ, ଓଡ଼ିଶାର ସମୁଦାୟ ବିଦ୍ୟୁତ୍ ଚାହିଦାର ଏକ-ତୃତୀୟାଂଶ ଭାଗ ଓପିଜିସି ପୂରଣ କରୁଛି। ଓପିଜିସିର ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲେ ଓଡ଼ିଶାର ଅର୍ଦ୍ଧାଧିକ ସିଂହଭାଗ ବିଦ୍ୟୁତ୍ ଚାହିଦା ପୂରଣ କରିବ। ତେଣୁ ଓପିଜିସି ବିଦ୍ୟୁତ୍ ମୂଲ୍ୟ ଉପଭୋକ୍ତା ପଇଠ କରୁଥିବା ଖୁଚୁରା ବିଦ୍ୟୁତ୍ ମୂଲ୍ୟକୁ ଭଲଭାବେ ପ୍ରଭାବିତ କରୁଛି। ଓପିଜିସିରେ ଲୋକଙ୍କ ଅଂଶଧନ ବାବଦକୁ ୪୧୯୨ କୋଟି ଟଙ୍କା ପ୍ରକଳ୍ପରେ ପୁଞ୍ଜିନିବେଶ ହୋଇଥିଲେ ମଧ୍ୟ ଏହାର ସୁଫଳ ଉପଭୋକ୍ତାଙ୍କୁ ମିଳିପାରୁ ନାହିଁ। ଓପିଜିସିର କୋଇଲା ଖର୍ଚ୍ଚ ଟନ୍ ପିଛା ୧୮୦୦ ଟଙ୍କା ଅସ୍ଥାୟୀ ଭାବେ ଅନୁମୋଦନ ହୋଇଛି। କୋଇଲାର ଏପରି ଅତ୍ୟଧିକ ଅସ୍ଥାୟୀ ମୂଲ୍ୟ ନିରୂପଣ ଉପରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ସୂଚନା ଆନନ୍ଦ ଆୟୋଗଙ୍କୁ ଅବଗତ କରିଥିଲେ। ସେ କହିଥିଲେ, ଏହାର ସମାଧାନ ହୋଇଗଲେ ଓପିଜିସି ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ପ୍ରାୟ ୧ ଟଙ୍କା କମ୍ ହୋଇଯିବ, ଯାହାର ସିଧାସଳଖ ଲାଭ ଉପଭୋକ୍ତାଙ୍କୁ ମିଳିବ। ଖୁଚୁରା ବିଦ୍ୟୁତ୍ ମୂଲ୍ୟ ୟୁନିଟ୍ ପିଛା ୩୩ ପଇସା ହ୍ରାସ ଘଟିବ।

## ସଂକ୍ଷେପରେ

### ୟେମେନ୍ ବନ୍ଦରରେ ଇସ୍ରାଏଲ୍‌ର ବୋମାମାଡ଼

ସାନା,୬।୫

ହୁତି ଆତଙ୍କବାଦୀ ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ସ୍ଥିତ ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ମିଶାଇଲ୍ ମାଡ଼ କରିବାର ଦିନକ ପରେ ଇସ୍ରାଏଲୀ ସେନା ଏହାର ପ୍ରତିଶୋଧ ନେଇଛି। ଇସ୍ରାଏଲ୍ ପକ୍ଷରୁ ସୋମବାର ସନ୍ଧ୍ୟାରେ ୟେମେନ୍‌ର ହୋଦେଇଦାହ ବନ୍ଦରକୁ ଟାର୍ଗେଟ କରି ୩୦ଟି ଯୁଦ୍ଧବିମାନରୁ ବୋମାମାଡ଼ କରାଯାଇଛି। ବନ୍ଦର ଏକ ନିଆଁ ପିଣ୍ଡୁଳାରେ ପରିଣତ ହେବା ସହ ପ୍ରବଳ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ଉକ୍ତ ବନ୍ଦର ଦେଇ ଇରାନୀୟ ଅସ୍ତ୍ର ଓ ସାମରିକ ସରଞ୍ଜାମ ଅନ୍‌ସାରଲ୍ଲାହକୁ ଚୋରା ଚାଲାଣ ହେଉଥିଲା ବୋଲି ଇସ୍ରାଏଲ୍ କହିଛି। ବନ୍ଦର ସମେତ ଏକ ସିମେଣ୍ଟ କାରଖାନା କ୍ଷତିଗ୍ରସ୍ତ ହୋଇଥିବାବେଳେ ୨୧ ଜଣ ଆହତ ହୋଇଥିବା ୟେମେନି ଗଣମାଧ୍ୟମ ପକ୍ଷରୁ କୁହାଯାଇଛି।

### ନୂଆ ପୋପ୍ ନିର୍ବାଚନ ପାଇଁ ଆଜି କାର୍ଡିନାଲଙ୍କ ବୈଠକ



ନୂଆଦିଲ୍ଲୀ,୬।୫

ପୋପ୍ ଫ୍ରାନ୍ସିସଙ୍କର ଗତ ଏପ୍ରିଲ ୨୧ରେ ପରଲୋକ ପରେ ନୂଆ ପୋପ୍ ନିର୍ବାଚନ ଲାଗି ବୁଧବାର ଭାଟିକାନ୍ ସିଟିର ସିଷ୍ଟାଇନ୍ ଚାପେଲ୍‌ରେ କାର୍ଡିନାଲମାନଙ୍କ ସଭା ବସିବ। ନିର୍ବାଚନ ପ୍ରକ୍ରିୟାରେ ସର୍ବାଧିକ ୧୩୩ ଜଣ କାର୍ଡିନାଲ। ମଙ୍ଗଳବାରଠାରୁ ସେମାନେ ସିଷ୍ଟାଇନ୍ ଚାପେଲରେ ପହଞ୍ଚିଥିବାବେଳେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେଠାରେ ରହିବେ। ନିର୍ବାଚନରେ ଗୋପନୀୟତା ପାଇଁ ସମସ୍ତ ମୋବାଇଲ୍ ଫୋନ୍ ସିଗ୍‌ନାଲକୁ ବୁଧବାର ଅପରାହ୍ନରେ ବ୍ଲକ୍ କରିଦିଆଯିବ। କନ୍‌କ୍ଲେଭ୍ ସମୟରେ ପୂର୍ଣ୍ଣ ଗୋପନୀୟତା ବଜାୟ ରଖିବା ପାଇଁ ସିଷ୍ଟାଇନ୍ ଚାପେଲ ଚାରିପଟେ ସ୍ୱତନ୍ତ୍ର ସିଗ୍ନାଲ ଜାମର ବ୍ୟବହାର କରାଯିବ। ସମସ୍ତ ପ୍ରକାର ଡିଜିଟାଲ ଯୋଗାଯୋଗକୁ ବନ୍ଦ ରଖାଯିବ।

## ଆଜି ମକ୍ ଡ୍ରିଲ୍

# ଆଲର୍ଟରେ ପ୍ରତିରକ୍ଷା ପ୍ରତିଷ୍ଠାନ



ନାଗରିକ ସୁରକ୍ଷା ମକ୍ ଡ୍ରିଲ୍‌ର ଦିନକ ପୂର୍ବରୁ ମଙ୍ଗଳବାର ପ୍ରୟାଗରାଜ ପୋଲିସ ଲାଇନ୍‌ରେ ପୋଲିସ କର୍ମଚାରୀମାନେ ଅଭ୍ୟାସ କରୁଛନ୍ତି।

ନୂଆଦିଲ୍ଲୀ,୬।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ବଢୁଥିବା ଉତ୍ତେଜନାର ଜବାବ ଦେବାକୁ ଯାଇ ଭାରତ ପକ୍ଷରୁ ପ୍ରତିରକ୍ଷା ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ଏହି କ୍ରମରେ ବୁଧବାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପାଖାପାଖି ୩୦୦ ସିଭିଲ୍ ଡିଫେନ୍ସ ଜିଲାରେ ନାଗରିକ ସୁରକ୍ଷା ପ୍ରସ୍ତୁତି ନିମନ୍ତେ ମକ୍ ଡ୍ରିଲ୍ କରାଯିବ। ଆଣବିକ ପ୍ଲାଣ୍ଟ, ସାମରିକ ଘାଟି, ତୈଳ ବିଶୋଧନାଗାର, ଜଳବିଦ୍ୟୁତ୍ ଡ୍ୟାମ୍ ଆଦିକୁ ଆଲର୍ଟରେ ରଖାଯାଇଛି।

ଏହି ଡ୍ରିଲ୍‌ରେ ଏୟାର-ରେଡ୍ ସାଇରନ୍, ନାଗରିକ ତାଲିମ, ବଙ୍କର ପରିଚାଳନା ଆଦି ସାମିଲ ହେବ। ଏଥିରେ ଜିଲାର ବିଭିନ୍ନ ଅଧିକାରୀ, ସିଭିଲ୍ ଡିଫେନ୍ସ ୱାର୍ଡେନ, ସ୍ୱେଚ୍ଛାସେବୀ, ହୋମ୍‌ଗାର୍ଡ, ନ୍ୟାଶନାଲ କ୍ୟାଡେଟ୍ କର୍ (ଏନ୍‌ସିସି), ନ୍ୟାଶନାଲ ସର୍ଭିସ ସ୍କିମ୍ (ଏନ୍‌ଏସ୍‌ଏସ୍), ନେହେରୁ ଯୁବ କେନ୍ଦ୍ର ସଂଗଠନ (ଏନ୍‌ୱାଇକେଏସ୍), ସ୍କୁଲ୍ କଲେଜର ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିବେ। ଏଥିସହ ସରକାରୀ ଓ ଘରୋଇ ଅନୁଷ୍ଠାନର କର୍ମଚାରୀ, ହସ୍ପିଟାଲ କର୍ମଚାରୀ, ରେଲୱେ ଏବଂ ମେଟ୍ରୋ କର୍ମଚାରୀ, ପୋଲିସ, ଅର୍ଦ୍ଧସାମରିକ ଓ ପ୍ରତିରକ୍ଷା ବଳକୁ ମଧ୍ୟ ସାମିଲ କରାଯିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଅଧିକରୁ ଅଧିକ ଲୋକେ ଯେପରି ସକ୍ରିୟ ଭାବେ ସାମିଲ ହେବେ, ସେଥିପାଇଁ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ସାଧାରଣ ପ୍ରଶାସନିକ ଜିଲାଠାରୁ ସିଭିଲ୍ ଡିଫେନ୍ସ ଜିଲା ଅଲଗା। ଆଣବିକ ପ୍ଲାଣ୍ଟ, ସାମରିକ ଘାଟି, ତୈଳ ବିଶୋଧନାଗାର, ଜଳବିଦ୍ୟୁତ୍ ଡ୍ୟାମ୍ ଆଦି ଥିବା ଅଞ୍ଚଳକୁ ସିଭିଲ୍ ଡିଫେନ୍ସ ଜିଲା ଭାବେ ରାଜ୍ୟ ସରକାର ଚିହ୍ନଟ କରିଥାନ୍ତି।

### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସମୀକ୍ଷା

#### ୧୯ ସର୍ବାଧିକ ପ୍ରାଥମିକତା ସ୍ଥାନ ଚିହ୍ନଟ

ନାଗରିକ ସୁରକ୍ଷା ପ୍ରସ୍ତୁତି ଲାଗି ବୁଧବାର ଦେଶବ୍ୟାପୀ ମକ୍ ଡ୍ରିଲ୍ ହେବାକୁ ଯାଉଛି। ଏହା ପୂର୍ବରୁ ମଙ୍ଗଳବାର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ସିଭିଲ୍ ଡିଫେନ୍ସ ମୁଖ୍ୟମାନେ ଯୋଗ ଦେଇଥିଲେ। ଏହା ବ୍ୟତୀତ ସିଭିଲ୍ ଡିଫେନ୍ସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ମହାନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ଥିଲେ। ଦେଶବ୍ୟାପୀ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ପାଇଁ ପ୍ରୋଟୋକଲ୍ ଚୂଡ଼ାନ୍ତ କରିବା ନିମନ୍ତେ ଏହି ବୈଠକ ବସିଥିଲା। ସୁରକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟି ସମ୍ପର୍କରେ ଅଂଶଗ୍ରହଣକାରୀମାନେ ସୂଚାଇଥିଲେ। ଦେଶର ପାଖାପାଖି ୩୦୦ ସ୍ଥାନରେ ନାଗରିକ ସୁରକ୍ଷା ମକ୍ ଡ୍ରିଲ୍ ହେବାକୁ ଥିବାବେଳେ ସେଥିରୁ ସର୍ବାଧିକ ପ୍ରାଥମିକତା ଦିଆଯିବାକୁ ଥିବା ୧୯ଟି ସ୍ଥାନକୁ ଚିହ୍ନଟ କରାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ମକ୍ ଡ୍ରିଲ୍ ବେଳେ ଆକାଶମାର୍ଗରୁ ଆକ୍ରମଣଜନିତ ସତର୍କତା ସାଇରନ୍ ବାଜିବ ଏବଂ ନାଗରିକମାନେ ଏହି ସମୟରେ ନିଜକୁ କିପରି ସୁରକ୍ଷିତ ରଖିବେ ସେନେଇ ତାଲିମ ଦିଆଯିବ। ବଙ୍କର ଏବଂ ଟ୍ରେଞ୍ଚକୁ କିପରି ପରିଷ୍କାର କରିବେ ତାହା ମଧ୍ୟ ଶିକ୍ଷା ଦିଆଯିବ। ଏହା ବ୍ୟତୀତ କ୍ରାସ୍-ବ୍ଲାକ୍‌ଆଉଟ୍ ପଦକ୍ଷେପ ସ୍ୱରୂପ ରାତିରେ ଆକ୍ରମଣ ସମୟରେ କିପରି ଆଲୋକ ଲିଭାଇବାକୁ ବା ଝାପ୍‌ସା କରିବାକୁ ହେବ, ତାହା ଶିକ୍ଷା ଦିଆଯିବ, ଯେପରି ଶତ୍ରୁପକ୍ଷ ପାଇଲଟ୍ ଉପରୁ ଉକ୍ତ ଅଞ୍ଚଳକୁ ଦେଖି ନ ପାରିବେ। ମୁଖ୍ୟତଃ ରାସ୍ତାଘାଟ ଆଲୋକ, ଫ୍ୟାକ୍ଟ୍ରି ଆଲୋକ ଏବଂ ଗାଡ଼ିମୋଟର ଆଲୋକ ଉପରେ କଟକଣା ରହିବ। ବିପଦ ଥିବା ଅଞ୍ଚଳରେ ଉଜ୍ଜ୍ୱଳ ବିଜ୍ଞାପନ ସାଇନ୍‌ବୋର୍ଡଗୁଡ଼ିକୁ ହଟାଯିବ। ଗୁରୁତ୍ୱପୂର୍ଣ୍ଣ ପ୍ଲାଣ୍ଟ ଓ ପ୍ରତିଷ୍ଠାନଗୁଡ଼ିକୁ ଘୋଡ଼ାଇବାର ବ୍ୟବସ୍ଥା ହେବା ସହ ଲୋକଙ୍କୁ ସ୍ଥାନାନ୍ତର ଯୋଜନାର ଅଭ୍ୟାସ କରାଯିବ। ଭାରତୀୟ ବାୟୁସେନା ସହ ହଟ୍‌ଲାଇନ୍ ଏବଂ ରେଡିଓ ଯୋଗାଯୋଗ ଲିଙ୍କ୍‌ଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ସହ କଣ୍ଟ୍ରୋଲ ରୁମ୍ ଏବଂ ଛାୟା କଣ୍ଟ୍ରୋଲ ରୁମ୍‌ଗୁଡ଼ିକର କାର୍ଯ୍ୟଦକ୍ଷତାର ପରୀକ୍ଷା କରାଯିବ। ନାଗରିକମାନଙ୍କୁ ପାଖରେ ଚିକିତ୍ସା ସାମଗ୍ରୀ, ମହମବତି, ଟର୍ଚ୍ଚ ଏବଂ ପାଖରେ ଜରୁରୀ ଆବଶ୍ୟକତା ପାଇଁ ନଗଦ ଅର୍ଥ ରଖିବାକୁ ପରାମର୍ଶ ଦିଆଯିବ।

### ଭାରତ ସହ ପ୍ରତିରକ୍ଷା ଚୁକ୍ତିରେ ସଂଶୋଧନ ହୋଇଛି: ମାଳଦ୍ୱୀପ



ମହମ୍ମଦ ମୁଇଜ୍ଜୁ

ନୂଆଦିଲ୍ଲୀ,୬।୫

ମାଳଦ୍ୱୀପ ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାରେ ଯେପରି ସାଲିସ୍ କରା ନ ଯିବ, ସେଥିପାଇଁ ଭାରତ ସହ ପ୍ରତିରକ୍ଷା ଚୁକ୍ତିରେ ସଂଶୋଧନ କରାଯାଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ଘାସାନ ମୌମୁନ୍ କହିଛନ୍ତି। ଗତବର୍ଷ ଏକ ଚୁକ୍ତିନାମା ବଳରେ ମାଳଦ୍ୱୀପରେ ପୂର୍ବରୁ ରହିଥିବା ୭୪ ଜଣ ଭାରତୀୟ ସୈନ୍ୟଙ୍କୁ ବିଦା କରାଯାଇଥିଲା। ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ସୋମବାର ୧୫ ଘଣ୍ଟାର ମାରାଥନ ଖବରଦାତା ସମ୍ମିଳନୀରେ କହିଥିଲେ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ସହ ପୂର୍ବ ସରକାର ବେଳେ ସ୍ୱାକ୍ଷର ହୋଇଥିବା ଚୁକ୍ତିନାମାକୁ ନେଇ ଚିନ୍ତା କରିବାର କିଛି ନାହିଁ। ମଙ୍ଗଳବାର ପାର୍ଲାମେଣ୍ଟ ସଦସ୍ୟମାନେ ଉଠାଇଥିବା ପ୍ରଶ୍ନର ଉତ୍ତର ଦେଇ ମୌମୁନ୍ କହିଛନ୍ତି, ଭାରତ ସହ ଦୀର୍ଘମିଆଦୀ ବନ୍ଧୁତା ପାଇଁ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିରେ ସଂଶୋଧନ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତାର ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି।

## ଆକ୍ରମଣ ଆଶଙ୍କାରେ ପିଓକେ ଲୋକେ ଛାନିଆ

ନୂଆଦିଲ୍ଲୀ,୬।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଶଙ୍କା କରି ପାକ୍ ଅଧିକୃତ କଶ୍ମୀରର ଜନସାଧାରଣ ଆତଙ୍କିତ ହୋଇଛନ୍ତି। ସେଠାରେ ଏମର୍ଜେନ୍ସି ଭଳି ପରିବେଶ ସୃଷ୍ଟି ହୋଇଛି। ପରିବାରଗୁଡ଼ିକ ସେମାନଙ୍କ ବଙ୍କରକୁ ମଜଭୁତ କରିବା ସହ ସୁରକ୍ଷିତ ସ୍ଥାନକୁ ଯିବା ଯୋଜନା କରୁଛନ୍ତି। ହସ୍ପିଟାଲଗୁଡ଼ିକରେ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖାଯାଉଥିବାବେଳେ ସ୍କୁଲ୍ ପିଲାଙ୍କୁ ଜରୁରୀ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଉଛି। ତେବେ ଭଗବାନ ଚାହିଁଲେ ସେପରି କିଛି ହେବ ନାହିଁ ବୋଲି ମଜୁଫରାବାଦର ଅଜିମ ଗିଲାନି କହିଛନ୍ତି। ପୂର୍ବରୁ ଏଭଳି ହୋଇଛି। ଯଦି ଭଗବାନ ନ କରନ୍ତି, ତେବେ ସ୍ଥିତି ଖରାପ ହେଲେ ଉଭୟ କଶ୍ମୀରର ଲୋକେ ଅସୁବିଧା ଭୋଗିବେ ବୋଲି ସେ କହିଛନ୍ତି।

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ବିଶ୍ୱସ୍ତରରେ ଅଧିକ ଏକଘରିକିଆ ହେବାରେ ଲାଗିଛି। ଏହା କେବଳ ବିଶ୍ୱନୀୟତା ହରାଇନାହିଁ, ବନ୍ଧୁଙ୍କୁ ହରାଇଛି। ସାଉଦି ଆରବ ଏବଂ ୟୁଏଇ ଭଳି ଉପସାଗରୀୟ ଦେଶଗୁଡ଼ିକ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଏପରିକି ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ମଧ୍ୟ ମାପିଚୁପି ପ୍ରତିକ୍ରିୟା ଦେଉଛି ଏବଂ ଉତ୍ତେଜନା ହ୍ରାସ ଲାଗି ଉଭୟ ଭାରତ ଓ ପାକିସ୍ତାନକୁ ଅନୁରୋଧ କରିଛି। ବର୍ତ୍ତମାନ ସୁଦ୍ଧା କେବଳ ତୁର୍କୀ ପାକିସ୍ତାନକୁ ସମର୍ଥନ କରିବା ସହ ଏହାର ନୌସେନା ଜାହାଜ ରବିବାର କରାଚୀ ବନ୍ଦରରେ ପହଞ୍ଚିଛି। ଏହା ପୂର୍ବରୁ ତୁର୍କୀ ବାୟୁସେନାର ସି-୧୩୦ ବିମାନ କାରଚୀରେ ପହଞ୍ଚିଥିଲା।

## ପାକିସ୍ତାନକୁ ସମାଲୋଚନା କଲା ୟୁଏନ୍‌ଏସ୍‌ସି

ଜାତିସଂଘ, ୬।୫

ଜମ୍ମୁ-କଶ୍ମୀରରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ପକ୍ଷରୁ ମଙ୍ଗଳବାର ଡକାଯାଇଥିବା ଏକ ରୁଦ୍ଧଦ୍ୱାର ବୈଠକରେ ପାକିସ୍ତାନକୁ ସମାଲୋଚନା କରାଯାଇଛି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲଇଟି)ର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପାକିସ୍ତାନକୁ ପ୍ରଶ୍ନ କରାଯାଇଛି। ଏହି ବୈଠକରେ ଅନେକ ସଦସ୍ୟ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଏନେଇ ଦାୟିତ୍ୱବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କେତେଜଣ ସଦସ୍ୟ ଏହି ବୈଠକରେ ପର୍ଯ୍ୟଟକଙ୍କୁ ସେମାନଙ୍କ ଧାର୍ମିକ ବିଶ୍ୱାସ ଆଧାରରେ ଟାର୍ଗେଟ କରାଯିବାର ପ୍ରସଙ୍ଗ ଉଠାଇଥିଲେ। ପାକିସ୍ତାନ ପକ୍ଷରୁ କରାଯାଉଥିବା ମିଶାଇଲ ପରୀକ୍ଷଣ ଏବଂ ଦେଶର ନେତାମାନେ ପରମାଣୁ ଆକ୍ରମଣ ନେଇ କରୁଥିବା ବୟାନବାଜି ଯୋଗୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଛି ବୋଲି ଏହି ବୈଠକରେ ଅନେକ ଦେଶ କହିଥିଲେ।

## ଗୁଜରାଟରେ କାଳବୈଶାଖୀ: ୧୪ ମୃତ

ଅହମଦାବାଦ,୬।୫

ଗୁଜରାଟରେ ମଙ୍ଗଳବାର ଅଦିନିଆ କାଳବୈଶାଖୀ ବର୍ଷା ଓ ପ୍ରବଳ ବେଗରେ ପବନ ବହିବା ଯୋଗୁ ଅନ୍ୟୂନ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୬ ଜଣ ଆହତ ହୋଇଛନ୍ତି। ଏଥିରେ ୭ ଘର ଭାଙ୍ଗିଥିବାବେଳେ ୨୬ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବର୍ଷା ସାଙ୍ଗକୁ ୬୦ କିଲୋମିଟର ବେଗରେ ପବନ ଆଉ କେତେଦିନ ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ସଙ୍କଟ ବଢ଼ିବା ଆଶଙ୍କା କରାଯାଉଛି। ଗତ ୨୪ ଘଣ୍ଟାର ପ୍ରବଳ ବର୍ଷା ପବନରେ ରାଜ୍ୟର ୨୫୩ ତାଲୁକା ମଧ୍ୟରୁ ୧୬୮ଟି କ୍ଷତିଗ୍ରସ୍ତ ହୋଇଛି।

## 'ଜାତିଭିତ୍ତିକ ସଂରକ୍ଷଣ ରେଳ ଡବା ସଦୃଶ'

### ୪ ସପ୍ତାହରେ ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୬।୫

ଦେଶରେ ଜାତିଭିତ୍ତିକ ସଂରକ୍ଷଣ ରେଳ ଡବା ସଦୃଶ। ସାଧାରଣତଃ ରେଳ ଡବାରେ ପ୍ରବେଶ କରୁଥିବା ଯାତ୍ରୀମାନେ ଅନ୍ୟମାନଙ୍କୁ ଭିତରକୁ ଯିବା ପାଇଁ ଦେବାକୁ ଚାହାନ୍ତି ନାହିଁ। ଦେଶରେ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଅବସ୍ଥା ଏବେ ଠିକ୍ ସେହିପରି ହୋଇଯାଇଛି ବୋଲି ମହାରାଷ୍ଟ୍ର ପଞ୍ଚାୟତ ନିର୍ବାଚନ ପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସଂରକ୍ଷଣ ସମ୍ପର୍କିତ ମାମଲାର ଶୁଣାଣିକରି ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି। ମହାରାଷ୍ଟ୍ରରେ ଶେଷ ପଞ୍ଚାୟତ ନିର୍ବାଚନ ୨୦୧୬-୧୭ରେ ହୋଇଥିଲା। ୨୦୨୨ର ବାନ୍ଥିଆ କମିଶନ ରିପୋର୍ଟକୁ ଆଧାରକରି ନିର୍ବାଚନରେ ଓବିସି ବର୍ଗକୁ ସଂରକ୍ଷଣ ଦିଆଯାଉ ବୋଲି ରାଜ୍ୟରେ ବିଭିନ୍ନ ଦଳ ଏବଂ ସଙ୍ଗଠନ ଦାବି କରିଥିଲେ। ଫଳରେ ରାଜ୍ୟରେ ୨୦୧୬ ପରଠାରୁ ପଞ୍ଚାୟତ ନିର୍ବାଚନ ହୋଇପାରି ନ ଥିଲା। ଶୁଣାଣି ସମୟରେ ୪ ସପ୍ତାହ ମଧ୍ୟରେ ମହାରାଷ୍ଟ୍ରରେ ପଞ୍ଚାୟତ ନିର୍ବାଚନ କରାଇବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ର ବାନ୍ଥିଆ କମିଶନ ରିପୋର୍ଟ ପୂର୍ବରୁ ଓବିସିଙ୍କ ପାଇଁ ନିର୍ବାଚନରେ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଏହି ପଞ୍ଚାୟତ ନିର୍ବାଚନରେ ଲାଗୁହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।



## ସମ୍ପତ୍ତି ତାଲିକା ଘୋଷଣାକଲେ ସୁପ୍ରିମକୋର୍ଟ ବିଚାରପତି

ନୂଆଦିଲ୍ଲୀ,୬।୫

### ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ସ୍ଥାୟୀ ଜମା ୫୫.୭୫ ଲକ୍ଷ ଟଙ୍କା




ସୁପ୍ରିମକୋର୍ଟର ୩୩ ବିଚାରପତିଙ୍କ ମଧ୍ୟରୁ ୨୧ ଜଣ ସୋମବାର ରାତିରେ ସେମାନଙ୍କର ଓ ସେମାନଙ୍କ ଜୀବନସାଥୀଙ୍କ ସମ୍ପତ୍ତି ତାଲିକା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ବିଦାୟୀ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କ ସ୍ଥାୟୀ ଜମା ପରିମାଣ ୫୫.୭୫ ଲକ୍ଷ ଟଙ୍କା ହୋଇଥିବାବେଳେ ଦକ୍ଷିଣ ଦିଲ୍ଲୀରେ ତାଙ୍କର ୩ ବେଡ୍‌ରୁମ୍ ବିଶିଷ୍ଟ ଡିଡିଏ ଫ୍ଲାଟ୍ ଏବଂ କମନ୍‌ୱେଲ୍‌ଥ କ୍ରୀଡ଼ା ଗ୍ରାମରେ ୨,୪୪୬ ବର୍ଗଫୁଟର ଏକ ୪ ବେଡ୍‌ରୁମ୍ ବିଶିଷ୍ଟ ଫ୍ଲାଟ୍ ରହିଛି। ୧୩ରେ ଅବସର ନେବାକୁ ଯାଉଥିବା ସିଜେଆଇ ଖାନ୍ନାଙ୍କର ଗୁରୁଗ୍ରାମର ସିସ୍‌ପାଲ ବିହାରରେ ୪ବେଡ୍‌ରୁମ୍ ଫ୍ଲାଟ୍‌ରେ ୫୬% ଶେୟାର ଏବଂ ହିମାଚଳପ୍ରଦେଶର ଡେଲହାଉସିରେ ଘର ଓ ଜମିରେ ଶେୟାର ରହିଛି। ପିପିଏଫରେ ତାଙ୍କର ୧.୦୬ କୋଟି ଟଙ୍କା ଜମା ଥିବାବେଳେ ଜିପିଏଫ୍ ପରିମାଣ ୧,୭୭,୮୯,୦୦୦ ଟଙ୍କା, ଏଲ୍‌ଆଇସି ମନିବ୍ୟାକ୍ ପଲିସି ବାର୍ଷିକ ପ୍ରିମିୟମ୍ ୨୯,୬୨୫ ଟଙ୍କା ଏବଂ ୧୪,୦୦୦ ଟଙ୍କାର ଶେୟାର ରହିଛି। ଅସ୍ଥାବର ସମ୍ପତ୍ତି ମଧ୍ୟରେ ୨୫୦ ଗ୍ରାମ ସୁନା, ୨ କିଲୋଗ୍ରାମ ରୁପା ଏବଂ ୨୦୧୫ର ଏକ ମାରୁତି ସ୍ୱିଫ୍ଟ କାର୍ ରହିଛି।

୧୪ରେ ପରବର୍ତ୍ତୀ ସିଜେଆଇ ଭାବେ ଦାୟିତ୍ୱ ନେବାକୁ ଯାଉଥିବା ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ୧୯.୬୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ମହାରାଷ୍ଟ୍ରର ଅମରାବତୀରେ ପୈତୃକ ଘର, ମୁମ୍ବାଇର ବାନ୍ଦ୍ରା ଏବଂ ଦିଲ୍ଲୀର ଡିଫେନ୍ସ କଲୋନିରେ ଆପାର୍ଟମେଣ୍ଟ ଏବଂ ଅମରାବତୀ ଓ ନାଗପୁରରେ କୃଷିଜମି ରହିଛି। ତାଙ୍କ ପାଖରେ ଥିବା ସୁନା ପରିମାଣ ୫.୨୫ ଲକ୍ଷ ଟଙ୍କା ହୋଇଥିବାବେଳେ ସ୍ତ୍ରୀଙ୍କ ପାଖରେ ୨୯.୯୦ ଲକ୍ଷ ଟଙ୍କାର ଅଳଙ୍କାର ଓ ୬୧,୩୨୦ ଟଙ୍କା ଜମାରାଶି ରହିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର ଚଣ୍ଡିଗଡ଼ର ସେକ୍ଟର ୧୦ରେ ଘର, ପଞ୍ଚକୁଲାରେ ୧୩ ଏକର ଚାଷଜମି, ଗୁରୁଗ୍ରାମରେ ୩୦୦ ବର୍ଗ ଗଜ ପ୍ଲଟ୍ ରହିଛି। ଜଷ୍ଟିସ୍ ଅଭୟ ଏସ୍ ଓକାଙ୍କର ଠାଣେରେ ଆବାସିକ ଫ୍ଲାଟ, କୃଷିଜମି, ୨୧.୭୬ ଲକ୍ଷ ଟଙ୍କାର ସ୍ଥାୟୀ ଜମା ଏବଂ ୯.୧୦ ଲକ୍ଷ ଟଙ୍କାର ଜମାରାଶି ରହିଛି। ସୁପ୍ରିମକୋର୍ଟରେ ସ୍ୱଚ୍ଛତା ବଢ଼ାଇବା ପାଇଁ ବିଚାରପତିମାନେ ସେମାନଙ୍କ ସମ୍ପତ୍ତି ସର୍ବସାଧାରଣରେ ଘୋଷଣା କରିବା ନିମନ୍ତେ ଏପ୍ରିଲ୍ ୧ରେ ପୂର୍ଣ୍ଣ ଅଦାଲତ ନିଷ୍ପତ୍ତି ନେଇଥିଲା।

## ଫୁରସତ୍

### ମେଟ୍ ଗାଲାରେ କିଙ୍ଗ୍ ଖାନ୍‌ଙ୍କ ଡେବ୍ୟୁ



ଶାହାରୁଖ ଖାନ୍

**ନ୍ୟୁୟର୍କ:** ବିଶ୍ୱର ସବୁଠାରୁ ପ୍ରତିଷ୍ଠିତ ଫ୍ୟାଶନ୍ ଇଭେଣ୍ଟ ମେଟ୍ ଗାଲା ୨୦୨୫ ସୋମବାର ନ୍ୟୁୟର୍କସ୍ଥିତ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ ଦେଶ ତଥା ବିଶ୍ୱର ଅନେକ ବଡ଼ ସେଲିବ୍ରିଟି ଆସି ସେମାନଙ୍କ ଷ୍ଟାଇଲିଶ୍ ଲୁକ୍‌କୁ ପ୍ରେଜେଣ୍ଟ କରିଥିଲେ। ବଲିଉଡ୍‌ରେ କିଙ୍ଗ୍ ଖାନ୍ ଭାବେ ପରିଚିତ ଶାହାରୁଖ ଖାନ୍ ମେଟ୍ ଗାଲା ୨୦୨୫ରେ ନିଜର ସ୍ୱତନ୍ତ୍ର ଅନ୍ଦାଜ ସହ ଡେବ୍ୟୁ କରିଛନ୍ତି। ସେ ମେଟ୍ରୋ ପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟରେ ପହଞ୍ଚିବା ମାତ୍ରେ ତାଙ୍କୁ ସେଠାରେ ଉପସ୍ଥିତ ପ୍ରଶଂସକ ଜୋର୍‌ସୋରରେ ସ୍ୱାଗତ କରିଥିଲେ। ଏହି ଅନ୍ତର୍ଜାତୀୟ ଫ୍ୟାଶନ୍ ଇଭେଣ୍ଟରେ ବିଭିନ୍ନ ବିଦେଶୀ ଗଣମାଧ୍ୟମକୁ ଶାହରୁଖ କହିଛନ୍ତି, ମେଟ୍ ଗାଲା ୨୦୨୫ରେ ଡେବ୍ୟୁକରି ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହି ଇଭେଣ୍ଟ ପାଇଁ ପ୍ରସିଦ୍ଧ ଫ୍ୟାଶନ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ ତାଙ୍କର ଲୁକ୍‌କୁ ଡିଜାଇନ୍ କରିଥିବା ସେ କହିଛନ୍ତି। ଶାହାରୁଖ କହିଛନ୍ତି, ସେ ଖୁବ୍ କମ୍ ରେଡ୍ କର୍ପେଟ ଇଭେଣ୍ଟରେ ନଜରକୁ ଆସନ୍ତି। ତେଣୁ ଏଠାକୁ ଆସିବା ପାଇଁ ସେ ନର୍ଭସ ଥିଲେ। ତେବେ ଏବେ ସେ ଉତ୍ସାହିତ ଅଛନ୍ତି। ଶାହାରୁଖଙ୍କ ବ୍ୟତୀତ ମେଟ୍ ଗାଲା ୨୦୨୫ରେ ନିଜ ଜଲୱା ଦେଖାଇଥିବା ଅନ୍ୟ ଭାରତୀୟମାନେ ହେଉଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍, କିଆରା ଆଡ଼ଭାନୀ, ଗାୟକ ତଥା ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ଏବଂ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଝିଅ ଈଶା ଅମ୍ବାନୀ।

### ବିମାନ ଦୁର୍ଘଟଣାରୁ ବର୍ତ୍ତି କୁମ୍ଭୀର ସମ୍ମୁଖରେ ଫସିଲେ

#### ୩୬ ଘଣ୍ଟା ପରେ ପାଇଲଟ୍ ଓ ୪ ଯାତ୍ରୀ ସୁରକ୍ଷିତ ଉଦ୍ଧାର

ସୁକ୍ରେ



ବେଳେବେଳେ ମଣିଷ ଗୋଟିଏ ସମସ୍ୟାରୁ ମୁକ୍ତି ପାଇବା ମାତ୍ରେ ତୁରନ୍ତ ଆଉ ଏକ ସମସ୍ୟାରେ ଫସିଯାଇଥାଏ। ଦକ୍ଷିଣ ଆମେରିକୀୟ ଦେଶ ବଲିଭିଆରେ କେତେଜଣ ଯାତ୍ରୀଙ୍କ ସହ ଠିକ୍ ଏହିପରି ଘଟିଛି। ସେମାନେ ଏକ ବିମାନ ଦୁର୍ଘଟଣାର ଶିକାର ହୋଇଥିଲେ। ସୌଭାଗ୍ୟବଶତଃ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ବିମାନଟି ଏକ ସନ୍ତସନ୍ତିଆ ଭୂମିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଠାରେ ଅନେକ କୁମ୍ଭୀର ଥିଲେ। ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଏହି ଯାତ୍ରୀମାନେ ସେଠାରେ ୩୬ ଘଣ୍ଟା ଧରି ଫସି ରହିଥିଲେ। ସୋମବାର ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ବିବିସିର ରିପୋର୍ଟ ଅନୁଯାୟୀ, ଗତ ଶନିବାର ବଲିଭିଆର ଏମାଜୋନାସ୍ ଅଞ୍ଚଳରେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। ଏକ ଛୋଟ ବିମାନ ଉତ୍ତର ବଲିଭିଆର ବୋରେସ୍‌ରୁ ତ୍ରିନିଦାଦ ଯାଉଥିବା ବେଳେ ଏହା ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ପାଇଲଟ ବିମାନଟିକୁ ଏକ ସନ୍ତସନ୍ତିଆ ଭୂମି ଅଞ୍ଚଳରେ ଜରୁରୀ ଅବତରଣ କରାଇଥିଲେ। ବିମାନରେ ଥିବା ୫ ଜଣ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ୩ ମହିଳା ଏବଂ ୨୯ ବର୍ଷୀୟ ପାଇଲଟ୍ ଥିଲେ। ତେବେ ସେମାନେ କୁମ୍ଭୀର ଥିବା ଉକ୍ତ ସନ୍ତସନ୍ତିଆ ଭୂମିରେ ୩୬ ଘଣ୍ଟା ଧରି ଫସି ରହିଥିଲେ। ଏମାଜୋନାସରେ କାର୍ଯ୍ୟରତ ଜଣେ ସ୍ଥାନୀୟ ଅଧିକାରୀ କହିଛନ୍ତି, ଶନିବାର ହଠାତ୍ ବଲିଭିଆର ବେନି ରାଜ୍ୟରୁ ଏହି ବିମାନ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ମତ୍ସ୍ୟଜୀବୀମାନେ ସୋମବାର ଏମାଜୋନାସର ଏକ ସନ୍ତସନ୍ତିଆ ଭୂମିରେ ଏହି ବିମାନଟିକୁ ଦେଖିବାକୁ ପାଇଥିଲେ। ଏହାପରେ ବିମାନର ପାଇଲଟ ଏବଂ ଫସି ରହିଥିବା ଅନ୍ୟ ୪ ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ରେସ୍କ୍ୟୁ ଅପରେଶନ ଆରମ୍ଭ ହୋଇଥିଲା। ହେଲିକପ୍ଟର ମାଧ୍ୟମରେ ସେମାନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଉକ୍ତ ସନ୍ତସନ୍ତିଆ ଭୂମିରେ ବିମାନର ମାତ୍ର ଅଳ୍ପ କିଛି ଫୁଟ ଦୂରରେ ଅନେକ କୁମ୍ଭୀର ରହିଥିଲେ। ବିମାନରୁ ନିରନ୍ତର ଇନ୍ଧନ ବହୁଥିବାରୁ ବୋଧହୁଏ କୁମ୍ଭୀରମାନେ ପାଇଲଟ ଏବଂ ଅନ୍ୟ ୪ ଯାତ୍ରୀଙ୍କୁ ଆକ୍ରମଣ କଲେ ନାହିଁ ବୋଲି ସେ କହିଛନ୍ତି।




# ଗାଁ ମାଟିରେ କ୍ରୀଡ଼ାତନ୍ତ୍ରର ଶିଳାନ୍ୟାସ

**ସୂର୍ଯ୍ୟବଂଶୀ ସୂରଜ**



୨୦୨୩ରେ ମୁମ୍ବାଇଠାରେ ଅନୁଷ୍ଠିତ ୧୪୧ତମ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଅଭିଭାଷଣରେ କହିଥିଲେ କ୍ରୀଡ଼ା ଆମ ସମାଜ, ସଭ୍ୟତା ଏବଂ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ବୈଦିକ ଯୁଗଠାରୁ ଆରମ୍ଭ କରି ବେଦପୁରାଣ ଏବଂ ଗ୍ରନ୍ଥ-ଉପନିଷଦ ପର୍ଯ୍ୟନ୍ତ ସବୁଠି କ୍ରୀଡ଼ାର କଳା, କୌଶଳ, ବୈଶିଷ୍ଟ୍ୟ ଏବଂ ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଧନୁର୍ବିଦ୍ୟା, ଅଶ୍ୱାରୋହ, ସନ୍ତରଣ, କୁସ୍ତି ଭଳି ଅନେକ କ୍ରୀଡ଼ା ହେଉଛି ଆମ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଂଶ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପକ୍ଷରୁ କରାଯାଇଥିବା ପ୍ରତ୍ନତାତ୍ତ୍ୱିକ ଖନନ ରିପୋର୍ଟ ଆଧାରରେ ଗୁଜରାଟର ଧୋଲାବୀରା ଏବଂ ହରିୟାଣାର ରାଖୀଗଡ଼ୀଠାରେ ପ୍ରାୟ ୫୦୦୦ ବର୍ଷ ପୂର୍ବେ ବିଶାଳ ଷ୍ଟାଡିୟମ ଥିବାର ସନ୍ଧାନ ମିଳିବା ଏବଂ ସେହି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ବସିବା ଲାଗି ବ୍ୟବସ୍ଥା ଥିବା ପ୍ରାଚୀନ ସମୟରୁ କ୍ରୀଡ଼ା ସଂସ୍କୃତି ପ୍ରତି ରହିଥିବା ଆମର ଭଲପାଇବାକୁ ପ୍ରଦର୍ଶିତ କରିଥାଏ। କ୍ରୀଡ଼ା କେବଳ ଜିତିବା କିମ୍ବା ହାରିବାର ପ୍ରତିଯୋଗିତା ନୁହେଁ ବରଂ ଏହା ଆମକୁ ଜୀବନରେ ଏକ ନୂତନ ଅନୁଭବ ତଥା ଅନୁଶାସନର ପାଠ ମଧ୍ୟ ପଢ଼ାଇଥାଏ। ଦେଶଦୁନିଆକୁ ସଂଯୋଗ କରୁଥିବା ଆମର ଏହି କ୍ରୀଡ଼ା ସଂସ୍କୃତି ଆମ ମଧ୍ୟରେ 'ବସୁଧୈବ କୁଟୁମ୍ବକମ୍'ର ଭାବନାକୁ ସଶକ୍ତ କରିବା ସହିତ ଶାନ୍ତି, ସୌହାର୍ଦ୍ଦ୍ୟ, ବିକାଶ ଏବଂ ପ୍ରଗତିର ବାର୍ତ୍ତା ପ୍ରଦାନ କରିଥାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ଦେଶ ଏବଂ ଆମ ରାଜ୍ୟକୁ ବିଶ୍ୱ ମାନଚିତ୍ରରେ ଏକ କ୍ରୀଡ଼ାହବ୍ ଭାବେ ଚିତ୍ରିତ କରାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶାର ୩୧୪ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବ। ସମଗ୍ର ଓଡ଼ିଶାରେ ଏହି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ କରାଯାଇଛି।

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିକୁ ଓଡ଼ିଶାର ପ୍ରତିଟି ବ୍ଲକରେ ପହଞ୍ଚାଇବା ଲକ୍ଷ୍ୟରେ ବ୍ଲକସ୍ତରୀୟ ଷ୍ଟାଡିୟମର ରୂପରେଖ ପ୍ରସ୍ତୁତ କରାଯାଇଛି। ବ୍ଲକସ୍ତରୀୟ ଷ୍ଟାଡିୟମ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ଏକ କ୍ରୀଡ଼ା ନର୍ସରି ଭାବେ କାର୍ଯ୍ୟ କରିବ। ଷ୍ଟାଡିୟମରେ ଫୁଟବଲ୍ ଏବଂ କ୍ରିକେଟ ଗ୍ରାଉଣ୍ଡ, ଆଥ୍ଲେଟିକ୍ ଟ୍ରାକ୍, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ୍ କୋର୍ଟ ଆଦିର ନିର୍ମାଣ କରାଯିବ। ଏଥିସହିତ ବିଭିନ୍ନ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ଆଦି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହିତ ସ୍ଥାନୀୟ କ୍ରୀଡ଼ା ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ଷ୍ଟାଡିୟମରେ ଇନ୍‌ଡୋର ହଲ୍‌ର ମଧ୍ୟ ନିର୍ମାଣ କରାଯିବ। ଇନ୍‌ଡୋର ହଲ୍‌ରେ ବ୍ୟାଡମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମ୍ନାଷ୍ଟିକ, ଭାରୋତ୍ତୋଳନ ଆଦି କ୍ରୀଡ଼ା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ କରାଯିବ।

ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଥିବା ଖବର ଖବରକାଗଜର ପୃଷ୍ଠା ବିମଣ୍ଡନ କରୁଥିଲା ସତ, କିନ୍ତୁ ପୂର୍ବ ସରକାରଙ୍କ ସମୟରେ ଏହି ଦିଗରେ କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନ ଥିଲା। ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ ପ୍ରତିଭାର ବିକାଶ ହୋଇପାରିଲେ ହିଁ ପ୍ରକୃତରେ କ୍ରୀଡ଼ାର ବିକାଶ ହୋଇପାରିବ। ଏହି ଲକ୍ଷ୍ୟରେ ଆମେ ସରକାରକୁ ଆସିବାର ମାତ୍ର ୧୦ ମାସ ସମୟ ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀକୁ କ୍ୟାବିନେଟରେ ପାରିତ କରିଥିଲୁ ଏବଂ ଏଥିସହିତ ଅଦ୍ୟାବଧି ବ୍ଲକସ୍ତରୀୟ ଷ୍ଟାଡିୟମ ପ୍ରକଳ୍ପର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ ହୋଇସାରିଛି। ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଆଜି ଓଡ଼ିଶାର କ୍ରୀଡ଼ା ସମାଜକୁ ପ୍ରେରିତ କରିଛି।

ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ନିକଟ ଅତୀତରେ ଓଡ଼ିଶାର ୩୦ଟି ଜିଲାରେ ୩୦ଟି ଖେଲୋ ଇଣ୍ଡିଆ ସେଣ୍ଟରର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଜିଲାଗୁଡ଼ିକରେ ଖେଲୋ ଇଣ୍ଡିଆ ସେଣ୍ଟରର ପରିଚାଳନା ନିମନ୍ତେ ସରକାରଙ୍କ ତରଫରୁ ବାର୍ଷିକ ୫ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବ। ଏଥିସହିତ ରାଜ୍ୟରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଥିବା ସିଏମ୍-ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନଶିପ୍ ସମସ୍ତ ଜିଲାରେ ଅନୁଷ୍ଠିତ ହୋଇସାରିଛି। ଏହାର ଆୟୋଜନ ଦ୍ୱାରା ନିଶ୍ଚିତ ଭାବରେ ଓଡ଼ିଶାରେ ଯୁବ କ୍ରୀଡ଼ାପ୍ରତିଭାର ବିକାଶ ହୋଇପାରିଛି।

ରାଜ୍ୟରେ କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ମାନଙ୍କ ବିକାଶ କରିବା ହିଁ ଆମର ପ୍ରାଥମିକ ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୩୬ରେ ଭାରତରେ ଅଲିମ୍ପିକ୍ସ ଗେମ୍ସ ଆୟୋଜନ ହେବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ ବିକଶିତ ଓ ସମୃଦ୍ଧ ଓଡ଼ିଶା-୨୦୩୬ ଗଠନର ଲକ୍ଷ୍ୟ ସହିତ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ ରୂପେ ପରିଗଣିତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ବିଗତ ଦିନରେ ଓଡ଼ିଶାରେ କଳିଙ୍ଗ ସୁପର କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍, ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ଜାତୀୟ ସନ୍ତରଣ ଓ ଆଥ୍ଲେଟିକ୍ସ ଟୁର୍ନାମେଣ୍ଟ ଆଦି ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ହେବା ସହିତ ଆଗାମୀ ଦିନରେ ଭାରତର ପ୍ରଥମ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଓଡ଼ିଶାରେ ଆୟୋଜନ କରାଯିବାର ଯୋଜନା ରହିଛି। ସେହିପରି ଭାବେ ନ୍ୟାଶନାଲ ଗେମ୍ସଠାରୁ ନେଇ ପ୍ୟାରିସ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଆମ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି।

**କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ, ଓଡ଼ିଶା ସରକାର**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମଣ୍ଡୁଆ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଟ୍ରକ୍ ମାଲିକ ସଂଘର ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ନିକଟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ନାୟକ, ଜିଲା ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ ବାରିକ ଉପସ୍ଥିତ ଅଛନ୍ତି।

# ୧୧୬୪ ଏକର ଜମିରେ ହେବ ପୁରୀ ବିମାନବନ୍ଦର

**ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)**

- **୫୬୩୧ କୋଟି ଟଙ୍କା ଖର୍ଚ୍ଚ ହେବ, ୪୬ ଲକ୍ଷ ଯାତ୍ରୀ ସୁବିଧା ପାଇବେ**
- **ପ୍ରଧାନମନ୍ତ୍ରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧନ୍ୟବାଦଦେଲେ ମୁଖ୍ୟମନ୍ତ୍ରୀ**

ପୁରୀଠାରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା ପାଇଁ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଶ୍ରୀଜଗନ୍ନାଥ ବିମାନବନ୍ଦର ନାମରେ ନାମିତ ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫୬୩୧ କୋଟି ଟଙ୍କା ମୂଲ୍ୟରେ ୧୧୬୪ ଏକର ଜମିରେ ବିକଶିତ ହେବ। ଏହାର ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବ। ଏହା ସମ୍ପୂର୍ଣ୍ଣ ହେବା ପରେ ୪୬ ଲକ୍ଷ ଯାତ୍ରୀଙ୍କୁ ବିମାନ ଯାତାୟାତର ସୁବିଧା ପ୍ରଦାନ କରିବ। ଏହି ବିମାନବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ। ପୁରୀ ସହର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି।

# ମମତାଙ୍କ ପଦକ୍ଷେପକୁ ଓଡ଼ିଶାରୁ ଜୋରଦାର ବିରୋଧ

**ଦୀଘା ଜଗନ୍ନାଥ ମନ୍ଦିର ବିବାଦ**

- **ବୟକଟ୍ ପୁରୀ କହି ଅଧିକ ପ୍ରଚାର କରୁଛନ୍ତି: ଉପମୁଖ୍ୟମନ୍ତ୍ରୀ**
- **ମମତାଙ୍କୁ ଓଡ଼ିଶା ଆସିଲେ ପ୍ରବଳ ବିରୋଧ କରାଯିବ: ପଦ୍ମଲୋଚନ**
- **ମମତାଙ୍କ ଶେଷ ସମୟ ଆସିଗଲାଣି: ପ୍ରତାପ**
- **ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁଦର୍ଶନ**

**ଭୁବନେଶ୍ୱର, ୬।୫ (ସୁନିତ୍ ମିଶ୍ର)**

ଦୀଘାଠାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଏବଂ ଏହାର ନାମ ଜଗନ୍ନାଥ ଧାମ ବୋଲି ଦିଆଯିବା ଘଟଣାକୁ ନେଇ ଜୋର୍ ଧରିଛି ରାଜନୀତି। ଓଡ଼ିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଏବଂ ଭାଜପା ବିଧାୟକ ଓ ଏମ୍‌ପିମାନେ ଏହି ଘଟଣାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଅନ୍ୟପଟେ ଜଗନ୍ନାଥ ମନ୍ଦିର ନାମକୁ ଜଗନ୍ନାଥ ଧାମ ଦିଆଯାଇପାରିବ ନାହିଁ ବୋଲି ଓଡ଼ିଶାରୁ ସ୍ୱର ଉଠିଥିଲା। ଏହାପରେ କିଛି ସମୟ ପାଇଁ ଜଗନ୍ନାଥ ଧାମ ବୋଲି ଯେଉଁ ଲେଖା ଥିଲା ତାହା ଉଠାଇ ଦିଆଯାଇଥିଲା। ହେଲେ ସୋମବାର ବିଳମ୍ବିତ ରାତିରେ ପୁଣି ଥରେ ଦୀଘା ଜଗନ୍ନାଥ ମନ୍ଦିରଠାରେ ତା'ର ନାଁ ଜଗନ୍ନାଥ ଧାମ ବୋଲି ସ୍ଥାୟୀ ଭାବେ ଲେଖାଯାଇଛି, ଯାହାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ଅନ୍ୟପଟେ ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିବା ବୟକଟ୍ ପୁରୀ ସମ୍ବନ୍ଧିତ ଟ୍ୟାଗ୍ ଲାଇନକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରବଳ ବର୍ଷିଛନ୍ତି।

ପ୍ରଭାତୀ ଏହି ପ୍ରସଙ୍ଗରେ କହିଛନ୍ତି, ପୁରୀ ଏପରି ଏକ ଜାଗା ଯାହାର ପ୍ରଚାରପ୍ରସାରର ଆବଶ୍ୟକତା ନ ଥାଏ। ବୟକଟ୍ ପୁରୀ ଟ୍ୟାଗ୍‌ଲାଇନ ଆରମ୍ଭ କରିବା ଦ୍ୱାରା ପୁଣି ଥରେ ପୁରୀ ଚର୍ଚ୍ଚାକୁ ଆସିଛି। ଯାହାଙ୍କ ପାଖରେ ଜଗନ୍ନାଥ ଏବଂ ତାଙ୍କ ଆଶୀର୍ବାଦ ହୋଇଛି ସେମାନଙ୍କୁ ବୟକଟ୍, ଧମକ, ନାଲିଆଖି କିଛି କରିପାରିବ ନାହିଁ। ସରକାର, ଗଜପତି ମହାରାଜା, ମୁକ୍ତିମଣ୍ଡପ ଏହା ଉପରେ ସବୁକିଛି ସ୍ପଷ୍ଟ କରିଛନ୍ତି। ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ବାରମ୍ବାର ଏପରି ମମତା ବାନାର୍ଜୀ କରିବା ଏହା ତାଙ୍କର ଶୋଭନୀୟ ଆଚରଣ ନୁହେଁ ବୋଲି ପ୍ରଭାତୀ କହିଛନ୍ତି।

ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି, ପୁରୀ ଆସିଲେ ମମତା ବାନାର୍ଜୀଙ୍କୁ ଆମେ ପୂରାଇ ଦେବୁନାହିଁ, ବିରୋଧ କରାଯିବ। ସାରା ଓଡ଼ିଶାର ସାଢେ ୪ କୋଟି ଲୋକ ତାଙ୍କୁ ବିରୋଧ କରିବୁ। ପୁରୀ ହେଉଛି ଜଗନ୍ନାଥ ଧାମ। ଦୀଘାରେ ଜଗନ୍ନାଥ ମନ୍ଦିର କରିବାରେ ଅସୁବିଧା ନାହିଁ, ହେଲେ ତା'ର ନାଁ ଜଗନ୍ନାଥ ଧାମ ଦେଇପାରିବେନାହିଁ ବୋଲି ସେ କହିଛନ୍ତି।

ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ହିମାଳୟରେ ଯାଇ ମୁଣ୍ଡ ବାଡ଼େଇଲେ ମୁଣ୍ଡ ଫାଟିଯିବ ସିନା ପର୍ବତ ଗଡ଼ିପଡିବନାହିଁ। ମମତା ଦିଦି ତାଙ୍କ ଔକାତ ଜାଣିନାହାନ୍ତି। ଓଡ଼ିଶାରେ ଜଗନ୍ନାଥଙ୍କୁ ଅପମାନିତ କରି ଏଠାରୁ ଗୋଟିଏ ସରକାରର ପତନ ହେଲା। ଦାରୁ ଉପରେ ଶୋଇ ଫଟୋ ଛାଡ଼ିଲେ ପୂର୍ବ ସରକାରଙ୍କ ମନ୍ତ୍ରୀ। ମମତାଙ୍କର ସେମିତି ଗୋଟିଏ ଶେଷ ସମୟ ଆସିଗଲାଣି। ଜଗନ୍ନାଥଙ୍କୁ ଅସମ୍ମାନକଲେ ମାନେ ତାଙ୍କର ପତନ ଅନିବାର୍ଯ୍ୟ। ମମତା ଦିଦି ଯାହା କହିଦେଲେ କ'ଣ ସେଇଟା ଧାମ ହୋଇଯିବ କି, ସେମିତି ହୁଏ ନାହିଁ। ପୃଥିବୀରେ ବହୁ ଜଗନ୍ନାଥ ମନ୍ଦିର ଅଛି, ହେଲେ ପୁରୀ ହେଉଛି ଜଗନ୍ନାଥ ଧାମ। ଯାହା ପାଖରେ ଟଙ୍କା ଅଛି ସେ କ'ଣ ଆଉ ଗୋଟିଏ ଧାମ କରିଦେବେ। ମମତାଙ୍କ ଶେଷ ସମୟ ଆସିଗଲାଣି ବୋଲି ପ୍ରତାପ କହିଛନ୍ତି।

ଅନ୍ୟପଟେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ମଧ୍ୟ ଏହି ଘଟଣାକୁ ବିରୋଧ କରିଛନ୍ତି। ଦୀଘା ପାଇଁ ଧାମ ଶବ୍ଦ ଠିକ୍ ନୁହେଁ , ଏହା କେବଳ ଗୋଟିଏ ସ୍ଥାନରେ ରହିପାରିବ ତାହା ହେଉଛି ପୁରୀ ବୋଲି ସେ କହିଛନ୍ତି। ସେହିପରି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏହି ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଯେଉଁପରି ତା'ର ନାଁ ଜଗନ୍ନାଥ ଧାମ ବୋଲି ପ୍ରଚାର କରାଯାଉଛି ତାହା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ। ଏହା ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଉଛି। ଆଉ କେଉଁଠି ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଏହା ହିନ୍ଦୁ ସଂସ୍କୃତି ଓ ପରମ୍ପରାକୁ ଆଘାତ ଦେଇଛି। ଏହା ଉପରେ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ଇନ୍‌ଫର୍ମର ସନ୍ଦେହ: ନାଏବ ସରପଞ୍ଚଙ୍କ ଗଳା କାଟି ହତ୍ୟା

**ମାଲକାନଗିରି,୬।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲା ତାର୍ଲାବେଡାରେ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀମାନେ ସୋମବାର ରାତିରେ ନାଏବ ସରପଞ୍ଚ ମୁଚାକି ରାମାଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ସୋମବାର ମଧ୍ୟରାତ୍ରିରେ କେତେଜଣ ସଶସ୍ତ୍ର ମାଓବାଦୀ ତାର୍ଲାବେଡାକୁ ଯାଇ ନାଏବ ସରପଞ୍ଚ ମୁଚାକିଙ୍କୁ ଘରୁ ଉଠାଇନେଇଥିଲେ। ପରେ ନିକଟସ୍ଥ ଜଙ୍ଗଲରେ ତାଙ୍କ ଗଳା କାଟି ନିର୍ମମ ଭାବେ ହତ୍ୟା କରିଥିଲେ। ପରେ ମୁଚାକିଙ୍କ ମୃତଦେହ ଗ୍ରାମ ପ୍ରବେଶ ଦ୍ୱାରରେ ଫୋପାଡ଼ି ପଳାଇଥିଲେ। ସୁକ୍‌ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁଚାକିଙ୍କ ମୃତଦେହ ଜବତ କରିବା ସହ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ, ସ୍ଥାନ: ଆନନ୍ଦବନ, ସମୟ: ସକାଳ ୯ଟା ୧୫।
- ମେଣ୍ଟାଲ ହେଲ୍‌ଥ ଆଣ୍ଡ ୱେଲନେସ୍ ଆୱେରନେସ ସମିଟ୍, ସ୍ଥାନ: ଆଇଟିସି ୱେଲକମ୍ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ରେଡକ୍ରସ୍ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଟକ
- କଟକ ଜିଲା କଂଗ୍ରେସ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଖପୁରିଆ, ନୂଆପଡ଼ା, କଟକ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବରିହା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୂଆବଜାର ପରିବା ମାର୍କେଟ୍, ବାଲେଶ୍ୱର, ସମୟ: ସକାଳ ୮ଟା।
- ଖଇରା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୯ଟା।
- ମକଡ୍ରିଲ୍ କାର୍ଯ୍ୟକ୍ରମ, ସ୍ଥାନ: ବାଲେଶ୍ୱର ସହର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଶ୍ରୀ ହନୁମାନଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଟିଲୋ, ବନ୍ତ, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ ଗ୍ରାମ, ବସୁଦେବପୁର, ସମୟ: ପୂର୍ବାହ୍ନ ୯ ଟା।
- ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଖେମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଦିବାରାତ୍ର ଫୁଟବଲ ମ୍ୟାଚ୍ ୩ ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ ଟା।
- ମକ୍‌ଡ୍ରିଲ, ସ୍ଥାନ: ବାତ୍ୟାଶ୍ରୟ ସ୍ଥଳ, ଦୋସିଙ୍ଗା, ଚାନ୍ଦବାଲି, ସମୟ: ଅପରାହ୍ନ ୪ ଟା।
- ମକ୍‌ଡ୍ରିଲ, ସ୍ଥାନ: ବାତ୍ୟାଶ୍ରୟ ସ୍ଥଳ, ଚନ୍ଦିନୀପାଳ, ଚାନ୍ଦବାଲି, ସମୟ: ଅପରାହ୍ନ ୪ ଟା।

## କେନ୍ଦୁଝର
- ଜଳପୁରୁଷଙ୍କ କେନ୍ଦୁଝର ଗସ୍ତ, ସ୍ଥାନ: ଗୋନାଶିକା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ପତ୍ରିକା ମହାବାହୁ ପ୍ରକାଶନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ବରିଷ୍ଠ ନାଗରିକ ସଂଘ ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ସିଭିଲ ଡିଫେନ୍ସ ମକ୍‌ଡ୍ରିଲ, ସ୍ଥାନ:ଗୋପାଳପୁର ବନ୍ଦର ଓ ଛତ୍ରପୁର ଆଇଆରଇଏଲ, ସମୟ: ଅପରାହ୍ନ ୪ଟା।

## ଗଜପତି
- ଜିଲା ପରିଷଦ ବୈଠକ, ସ୍ଥାନ: ପାରଳାଖେମୁଣ୍ଡି ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ
- ସାମ୍ଭାବ୍ୟ ଯୁଦ୍ଧକୁ ନେଇ ମକଡ୍ରିଲ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଜିଲାରେ ଏ-୧ ଗ୍ରେଡ୍ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା
- ସମ୍ଭାବ ଯୁଦ୍ଧ ମୁକାବିଲା ପାଇଁ ମକ୍ ଡ୍ରିଲ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେଡାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ସକାଳ ୬ଟା୧୦ମିନିଟ୍।
- ମା ମଙ୍ଗଳା ମନ୍ଦିରର ୧୩ ତମ ବାର୍ଷିକ ପ୍ରତିଷ୍ଠା ଯଜ୍ଞୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଭିକିପୁର ଗ୍ରାମ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼
- ୪୨ ମୌଜା ମହିଳା ମଣ୍ଡଳ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୪ଟା ।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ସପ୍ତମ ଦିବସ, ସ୍ଥାନ: ନୟାଗଡ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅଷ୍ଟମ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଅଷ୍ଟମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅଷ୍ଟମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚାଚେରି ଭୋଗଖିଆର ପ୍ରସ୍ତୁତି ବୈଠକ, ସ୍ଥାନ:ଡାକବଙ୍ଗଳା କଣ୍ଟିଲୋ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା
- ରାୟଗଡାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ରାଜୀବ ଲୋଚନ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା, ସ୍ଥାନ: ସଂସ୍କୃତି ଭବନ, ରାୟଗଡା, ସମୟ: ସକାଳ ୯ଟା ୩୦ ।
- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଭିଲ ଡିଫେନ୍ସ ମକ୍ ଡ୍ରିଲ, ସ୍ଥାନ: ରାୟଗଡା ସହର ଓ ଉପକଣ୍ଠ ଅଞ୍ଚଳ, ସମୟ: ଅପରାହ୍ନ ୪ଟା।
- ମା' ମୁତ୍ୟାଲାମା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ପୌରାଣିକ ନାଟକ ରାମାୟଣ କାର୍ଯ୍ୟକ୍ରମ, ସ୍ଥାନ: କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର
- କିନ୍ନର ସମ୍ପ୍ରଦାୟ ପକ୍ଷରୁ ବହୁଚରା ମାତାଙ୍କ ଷୋହଳ ପୂଜା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମା' ମୁତ୍ୟାଲୁମାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ, ସ୍ଥାନ: ପୋଲିସ କଲୋନୀସ୍ଥିତ ଅସ୍ଥାୟୀ ମଣ୍ଡପ କୋରାପୁଟ, ସମୟ: ସକାଳ ୬ଟା।
- ସିପିଆଇ ଓ ୟୁଥ ଆସୋସିଏସନର ଶୋଭାଯାତ୍ରା, ସାଧାରଣ ସଭା, ସ୍ଥାନ:ଆରଟିଓ କାର୍ଯ୍ୟାଳୟ ପଡିଆ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସଦର ମହକୁମା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ବିଭିନ୍ନ ଦାବି ପୂରଣ ନେଇ କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ : ଜେଏସଡବ୍ଲୁ ବିପିଏସଏଲ ମୁଖ୍ୟ ଫାଟକ, ସମୟ : ଅପରାହ୍ନ ୧ଟା ୩୦ ।
- ଜିଲା ପ୍ରଶାସନ ପକ୍ଷରୁ ଡିଫେନ୍ସ ମକ୍ ଡ୍ରିଲ, ସ୍ଥାନ : ଲକ୍ଷ୍ମୀ ଟକିଜ ଛକରୁ କ୍ଷେତରାଜପୁର, ସମୟ : ଅପରାହ୍ନ ୪ଟା ।

## ବଲାଙ୍ଗୀର
- ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।

## ରାଉରକେଲା
- ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ସମାରୋହ ଶୁଭାରମ୍ଭ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ନାଗରିକ ପ୍ରତିରକ୍ଷା ମକ୍ ଡ୍ରିଲ୍, ସ୍ଥାନ: ଉଦିତନଗର ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ତହସିଲଦାରଙ୍କୁ ଚକୁଳି ପଞ୍ଚାୟତ କୃଷକ ସଙ୍ଗଠନର ଦାବିପତ୍ର ପ୍ରଦାନ,ସ୍ଥାନ:ତହସିଲ କାର୍ଯ୍ୟାଳୟ, ଅଡାବିରା,ସମୟ: ସକାଳ ୯ଟା।
- ବୈଶାଖମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଅଧିବାସ,ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଳ,ସମୟ: ସନ୍ଧ୍ୟା ୫ଟା।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଏ.ଇ.ଏମ୍ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ସାମୂହିକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା।
- ଭାଜପା କାର୍ଯ୍ୟକର୍ତ୍ତା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।
- ଡୁଙ୍ଗୁରିପାଲି ଦିଗଶିରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ସାଧାରଣ ବୈଠକ, ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ସମୟ: ସମୟ ୯ ଟା।
- ତରଭା ବ୍ଲକ ମରାଡୁଗୋଛାରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ତେଲନଦୀ କୂଳରୁ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ଅଲେଖ ମହିମା ଅଖଣ୍ଡ ବ୍ରହ୍ମଯଜ୍ଞର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ସହର ଝୁପୁଡିପଡା ସ୍ଥିତ ଅଲେଖ ମହିମା ମଠ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ସକାଳ ୯ଟା ୩୦।
- ନାମଯଜ୍ଞ ଅବସରରେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡୋଙ୍ଗରୀ ଗାଁ, ସମୟ: ସକାଳ ୮ଟା ୧୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଆରମ୍ଭ, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ଅପରାହ୍ନ ୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ଯାତ୍ରା, ବ୍ୟବସାୟ, ପରିବହନ, ସାଂଗଠନିକ ଆଲୋଚନା ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍ସନ ପିଛା ଛାଡ଼ିବ ନାହିଁ। ପରିବାରର ଆବଶ୍ୟକତାଜନିତ ଖର୍ଚ୍ଚ ବୃଦ୍ଧି ପାଇବ। କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ବୃଷ** ଆଜି ଯେଉଁ କାମରେ ହାତ ଦେବେ ସବୁ କିଛି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମୂହିକ କାମରେ ବନ୍ଧୁଙ୍କ ସହଯୋଗ ଆପଣଙ୍କୁ ଭାବ ବିଭୋର କରାଇବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ।

**ମିଥୁନ** ପ୍ରାପ୍ୟ ଅର୍ଥ ସକାଶେ ଆପଣଙ୍କୁ ଆଜି ବହୁତ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ପରିବାରରେ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ମିଳିବାର ଆଶା ରହିଛି। ଅକସ୍ମାତ୍ କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ଖୁସି ଖବର ମିଳିବ। ପଡ଼ୋଶୀଙ୍କ ସହ ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ** ଅତ୍ୟଧିକ କର୍ମଜଞ୍ଜାଳ ମଧ୍ୟରେ ମାନସିକ ଚାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦିନ ମଧ୍ୟରେ ଉଗ୍ରତା ଓ କେତେବେଳେ ପୁଣି ପ୍ରଶାନ୍ତି ସମୟାନୁକ୍ରମେ ପରିସ୍ଥିତି ଅନୁଯାୟୀ ଅନୁଭୂତ ହେବ। ଆନୁଷ୍ଠାନିକ କାମରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ସିଂହ** ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ଦିନଚର୍ଯ୍ୟାରେ ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନେ ଅସହଯୋଗ ମନୋଭାବ ପୋଷଣ କରିବେ।

**କନ୍ୟା** ପରିସ୍ଥିତିର ଫାଇଦା ଉଠାଇବାକୁ ଯାଇ ବନ୍ଧୁଙ୍କ ଆଲୋଚନାରେ ସମର୍ଥନ ଦେଇପାରନ୍ତି। ନୂତନ ଗାଡ଼ି କ୍ରୟରେ ବିଳମ୍ବଜନିତ ଅସୁବିଧା ଅନୁଭବ କରିବେ। ଅପେକ୍ଷା କରିବାକୁ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ସେବା ମନୋଭାବରୁ ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** ଆଜି ଆର୍ଥିକ, ପାରିବାରିକ ଏବଂ ଜମିଜମା ସମ୍ବନ୍ଧୀୟ କାମରେ ସଫଳତା ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଅସୁବିଧାକୁ ପ୍ରକାଶ ନ କରି କେବଳ ମାନସିକ କଷ୍ଟ ପାଇପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ କିନ୍ତୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ କାର୍ଯ୍ୟହାନି ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ବନ୍ଧୁ ସମ୍ମୁଖରେ ମନର ଭାବକୁ ପରିପ୍ରକାଶ କରିବାରେ ପଛେଇଯିବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ ହିଁ କ୍ଷତିରେ ପଡ଼ିବେ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବହୁମୁଖୀ ହେବ କିନ୍ତୁ ଖର୍ଚ୍ଚ ମଧ୍ୟ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀଙ୍କ ପ୍ରଶଂସା ଭାଜନ ହେବେ ।

**ଧନୁ** ଅତୀତ କଥାକୁ ବାରମ୍ବାର ମନେ ପକାଇଲେ ଅସ୍ଥିରତା ଭିତରେ ସମୟ କଟିବ। ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତାଜନିତ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ ଜୀବନ କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** ସଫଳତା ଓ ବିଫଳତାର ଦୋଛକିରେ ରହି ମାନସିକ ଚାପଗ୍ରସ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରି ଆଶା ପୂରଣରେ ସଫଳ ହେବେ। ସତ୍‌ସଙ୍ଗ, ପ୍ରବଚନ, ପ୍ରତିଯୋଗିତାରେ ସଫଳତା ପାଇପାରନ୍ତି। ଆଜିର ଯାତ୍ରାରେ ନିକଟ ସମ୍ପର୍କୀୟ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** ପରିବାରର କେତେକ ଅସଜଡ଼ା କାମକୁ ନେଇ ବ୍ୟସ୍ତତା କାରଣରୁ ମାନସିକ ଶାନ୍ତି ହରାଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ସତର୍କ ରହିବା ଭଲ ହେବ। ସରକାରୀ ସ୍ତରରେ କୌଣସି ସୁବିଧା ସୁଯୋଗକୁ ନେଇ ପଡ଼ୋଶୀଙ୍କଠାରୁ ଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରିବାର ଓ କର୍ମକ୍ଷେତ୍ରକୁ ସଜାଡ଼ିବାରେ ସମର୍ଥ ହେବେ ଏବଂ ଅଭିଳଷିତ କର୍ମ ସମ୍ପାଦନ ହେବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ବାହାରକୁ ଯିବାକୁ ପଡ଼ିପାରେ। ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ମେ ୭ ତାରିଖ, ବୈଶାଖ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର- ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ.୦୫.୧୮ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧରି ନ ପାଇଲି ମନକୁ**
**ଦଣ୍ଡେ ପାଇଁ କି ପଣତ ପାରିଲି,**
**କଳଙ୍କ ରଖିଲି କୁଳକୁ ।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ଅବୈଧ ସମ୍ପର୍କ ବା ଚୋରା ପ୍ରୀତିରେ ଲିପ୍ତ ରହିଥାନ୍ତି। ତେବେ ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ କିଛି ଭୁଲ୍ ହେବ ନାହିଁ। ଯୌବନାବସ୍ଥାରେ ମନକୁ ସଂଯତ ବା ଆୟତ୍ତରେ ରଖିପାରି ନ ଥିବା ଜଣେ ବିଟପୀ ନାରୀର ଏ ନେଇ ମନରେ ଅନୁଶୋଚନା ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ ହାଣ୍ଡିକ କୁଟେଇବ**
**ହଳଦୀ କଠୁଆକୁ ବଟେଇବ**
**ତେବେ ଯାଇ ଝିଅ ପଠେଇବ।**

ନାରୀର ଜୀବନ ଚିତ୍ର। ଆଗକାଳରେ ନାରୀ ଶିକ୍ଷା, ଲେଖା ପଢ଼ାରେ ନ ଥିଲା। କାଟିବା, କୁଟିବା, ବାଟିବା, ରାନ୍ଧିବା, ବାଢ଼ିବା ବୋହୂ ହେବାକୁ ଯଥେଷ୍ଟ ଥିଲା। ବୋହୂ ଆଣିବାକୁ ବୋହୂ ବାପଘରକୁ ଯାଇଥିବା ଲୋକର ଶାଶୁକୁ ଖବର ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି ୧୨ ଜିଲାରେ ସୁରକ୍ଷା ମକ୍‌ଡ୍ରିଲ୍


ମକ୍‌ଡ୍ରିଲ ପାଇଁ ବରମୁଣ୍ଡା ଫାୟାରଷ୍ଟେଶନ ପଡ଼ିଆରେ ମଙ୍ଗଳବାର ଓସ୍‌ଡମା ପକ୍ଷରୁ ପ୍ରସ୍ତୁତି ଚାଲିଛି। **(ଫଟୋ: ବିକାଶ ନାୟକ)**

**ଭୁବନେଶ୍ୱର,୬।୫(ସତ୍ୟଜିତ ରାଉତ)**

## ଅପରାହ୍ନ ୪ଟାରେ ବାଜିବ ସାଇରନ୍

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯିବ। ଓଡ଼ିଶାରେ ୧୨ଟି ଜିଲା ସମ୍ବେଦନଶୀଳ ତାଲିକାଭୁକ୍ତ ହୋଇଥିବାବେଳେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ (ତାଳଚେର), ଖୋର୍ଦ୍ଧା(ଭୁବନେଶ୍ୱର), ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଜଗତ୍‌ସିଂହପୁର(ପାରାଦୀପ), ଢେଙ୍କାନାଳ, ପୁରୀ, କୋରାପୁଟ ଏବଂ ସୁନ୍ଦରଗଡ଼ (ରାଉରକେଲା)। ପ୍ରଥମ ବର୍ଗରେ ତାଳଚେର ରଖାଯାଇଥିବାବେଳେ ଦ୍ୱିତୀୟ ବର୍ଗରେ ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର, ଗୋପାଳପୁର, ହୀରାକୁଦ, ପାରାଦୀପ, ରାଉରକେଲା ଏବଂ ତୃତୀୟ ବର୍ଗରେ ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂପୁର, କେନ୍ଦ୍ରାପଡ଼ାକୁ ରଖାଯାଇଛି। ଶତ୍ରୁ ଆକ୍ରମଣ ବେଳେ କେମିତି ସାଧାରଣ ଲୋକେ ନିଜକୁ ସୁରକ୍ଷିତ ରଖିବେ, ଆକ୍ରମଣ ବେଳେ କେଉଁ ନିରାପଦ ସ୍ଥାନକୁ ଯିବେ, ଯୁଦ୍ଧ ପରର କ୍ଷୟକ୍ଷତି ଉଦ୍ଧାର କେମିତି ହେବ ଆଦିକୁ ନେଇ ମକ୍‌ଡ୍ରିଲ୍ କରାଯିବା ସହ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୨ଟି ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟାନ୍ୟ ସ୍ଥାନରେ ମକ୍‌ଡ୍ରିଲ୍‌ର ବ୍ୟବସ୍ଥା ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ରାଜ୍ୟଗୁଡ଼ିକ ସହ ମକ୍‌ଡ୍ରିଲ୍ ପରିଚାଳନା ସମ୍ପର୍କିତ ବୈଠକ କରିଥିଲେ। ଏପଟେ ଜିଲାପାଳମାନଙ୍କ ସହ ଭର୍ଚୁଆଲ୍ ଜରିଆରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଥିଲେ, ଏହି ପ୍ରସ୍ତୁତି ୭ ତାରିଖରୁ ଆରମ୍ଭହୋଇ ସପ୍ତାହ ଯାଏ ଚାଲିବ। ୭ ତାରିଖର ପ୍ରସ୍ତୁତି ନିର୍ଦ୍ଦିଷ୍ଟ ସହରାଞ୍ଚଳ ଓ ଉପକୂଳାଞ୍ଚଳରେ କରାଯିବ। ଶତ୍ରୁ ବିମାନ ଆକ୍ରମଣ କଲେ ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରାଯିବ। ଏହି ସାଇରନ୍ ଲମ୍ବାସମୟ ଧରି ବାଜିବ। ୭ ତାରିଖ ଅପରାହ୍ନ ୪ଟା ବେଳେ ସାଇରନ୍ ବାଜିବ। ସାଇରନ୍ ବାଜିବା ପରେ ଜନସାଧାରଣ କଂକ୍ରିଟ ଛାତଥିବା ଘର ଭିତରକୁ ଚାଲିଯିବେ। ଦିନବେଳେ ପରୀକ୍ଷା କରାଯାଉଥିବାରୁ ଅନ୍ଧକାରର ଆବଶ୍ୟକ ପଡ଼ିବ ନାହିଁ। ଏନେଇ ଜିଲା କର୍ତ୍ତୃପକ୍ଷଙ୍କୁ ବସ୍ତି ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀ ନିର୍ଦ୍ଧାରଣ କରିବାକୁ କୁହାଯାଇଛି। ଥରେ ଆକ୍ରମଣର ପ୍ରଭାବ ସରିଗଲେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ପୁଣି ଲମ୍ବା ସାଇରନ୍ ବଜାଇବେ, ଯାହା ସୂଚିତ କରିବ ଯେ ଶତ୍ରୁ ବିମାନ ଫେରିଗଲା। ଏହାପରେ ବେସାମରିକ ପ୍ରତିରକ୍ଷା, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଆହତ ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ନେବାର ବ୍ୟବସ୍ଥା କରିବେ। ବୁଧବାର ସୁଦ୍ଧା ରାଜ୍ୟ ଓ ଜିଲାସ୍ତରରେ ନିୟନ୍ତ୍ରଣ କକ୍ଷମାନ କରାଯିବ। ଜେନେଭା ଚୁକ୍ତି ଅନୁସାରେ ବେସାମରିକ ପ୍ରତିରକ୍ଷା ଓ ରେଡ୍‌କ୍ରସ ସଂସ୍ଥା ଯୁଦ୍ଧରେ ଅଂଶୀଦାର ନୁହନ୍ତି। ସେମାନଙ୍କ ଉପରେ କୌଣସି ଆକ୍ରମଣ କରାଯାଇପାରିବନାହିଁ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବେସାମରିକ ପ୍ରତିରକ୍ଷାର ନିୟନ୍ତ୍ରକ ଭାବେ କାମ କରନ୍ତି। ତେଣୁ ଜନସାଧାରଣଙ୍କ ପାଇଁ ସବୁ ସେବା ବେସାମରିକ ପ୍ରତିରକ୍ଷା ସଂସ୍ଥା ଅଧୀନରେ ଚାଲିବ। ସେମାନେ ଖାଦ୍ୟ, ଜଳଯୋଗାଣ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଇତ୍ୟାଦି ସବୁ ବେସାମରିକ ପ୍ରତିରକ୍ଷା ସଂସ୍ଥା ପକ୍ଷରୁ ସଂଯୋଜନା କରାଯିବ। ଜିଲା ମାଜିଷ୍ଟ୍ରେଟ୍‌ମାନେ ବିଭିନ୍ନ ସେବାର ମୁଖ୍ୟଙ୍କୁ ଏଥିପାଇଁ ବେସାମରିକ ପ୍ରତିରକ୍ଷା ୱାର୍ଡେନ୍ ଭାବେ ନିଯୁକ୍ତି ଦେବେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସାହୁ ଜିଲାପାଳମାନଙ୍କୁ ଏସ୍‌ପିଙ୍କ ସହ ସମନ୍ୱୟ ରକ୍ଷାକରି ନାଗରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର, ୧୨ ଜିଲାର ଜିଲାପାଳ, ଏସ୍‌ପି ଏବଂ ଜିଲା ଆପାତ୍‌କାଳୀନ ଅଧିକାରୀମାନେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ଭୁବନେଶ୍ୱରରେ ମକ୍‌ଡ୍ରିଲ୍ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ବରମୁଣ୍ଡାସ୍ଥିତ ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ(ଓଏଫ୍‌ଡିଆର୍‌ଏ)ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶକ୍ରମେ ସିଭିଲ୍ ଡିଫେନ୍ସ ଅର୍ଗାନାଇଜେଶନ୍ ନେତୃତ୍ୱରେ ପୋଲିସ, ଅଗ୍ନିଶମ, ବିଭିନ୍ନ ସ୍ୱେଚ୍ଛାସେବୀ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିବେ। ବୁଧବାର କେବଳ ବୋମା ବର୍ଷଣକୁ ନେଇ ମକ୍‌ଡ୍ରିଲ୍ କରାଯିବ। ଏହି ମକ୍‌ଡ୍ରିଲ୍ ଏକ ପ୍ରସ୍ତୁତି ହୋଇଥିବାବେଳେ ଏଥିରେ ଭୟଭୀତ ନ ହୋଇ ଜନସାଧାରଣ ସହଯୋଗ କରିବାକୁ ଡିଆଇଜି ନିବେଦନ କରିଛନ୍ତି।

# ଜିଲ୍ଲା ସୀମାନ୍ତରେ ଓଡ଼ିଶା–ଆନ୍ଧ୍ର ଅବକାରୀ ବିଭାଗର ଧରପଗଡ଼

**ରାୟଗଡ଼ା, ୬।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଗାଁଗୁଡିକରେ ବେଆଇନ ଭାବେ ଚାଲିଥିବା ମଦ କାରବାରକୁ ରୋକିବା ପାଇଁ ମଙ୍ଗଳବାର ଓଡ଼ିଶା–ଆନ୍ଧ୍ର ଅବକାରୀ ଅଧିକାରୀଙ୍କ ମିଳିତରେ ଜୋର୍‌ଦାର ଧରପଗଡ଼ କରାଯାଇଛି। ଏହି ସମୟରେ ୫ଟି ମାମଲାରେ ୧୧ହଜାର ୧୦୦ ଲିଟର ପୋଚ, ୮୮୦ଲିଟର ଦେଶୀମଦ ଜବତକରି ନଷ୍ଟ କରାଯାଇଥିବା ଜଣାପଡିଛି। ଏନେଇ କାହାରିକୁ ଗିରଫ କରାଯାଇ ନ ଥିବା ବିଭାଗୀୟ ସୂଚନାରୁ ଜଣାପଡିଛି ।

ରାୟଗଡ଼ା ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ରେଞ୍ଜ ଷ୍ଟାଫ, ସଦର ଥାନା କର୍ମଚାରୀ ଏବଂ ଜିଲା ଭ୍ରାମ୍ୟମାଣ ଅବକାରୀ ୟୁନିଟ ପକ୍ଷରୁ ଓଡ଼ିଶା–ଆନ୍ଧ୍ର ସୀମାନ୍ତ ଶେଷଖାଲ ଥାନା ଅନ୍ତର୍ଗତ ଅନିଜା, ସୁଲଭା, ବୋରହାଲୱା,



ଅବକାରୀ କର୍ମଚାରୀଙ୍କ ସହ ଜବତ ଦେଶୀମଦ।

### ୫ ମାମଲାରେ ବିପୁଳ ପରିମାଣର ପୋଚ, ଦେଶୀ ମଦ ଜବତ

କେରଡା, ଆଦି ଗ୍ରାମରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ଜିଲା ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ନିରୀକ୍ଷକ କୃଷ୍ଣପାଣି ସିନ୍ଦୂର, ରାୟଗଡା ସଦର ଥାନା ଓଆଇସି ସଞ୍ଜୟ ପ୍ରଧାନ,ଏଏସ୍ଆଇ ରାଶି ନାୟକ, ରାମେଶ୍ୱର ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଜିଲାର ସୀମାନ୍ତବର୍ତ୍ତୀ ଗ୍ରାମାଞ୍ଚଳରେ ବେଆଇନ ଭାବେ ମହୁଲ ଫୁଲ ଚୋରା ଚାଲାଣ, ଦେଶୀ ମଦ କାରବାର ଆଦି ବୃଦ୍ଧି ପାଉଥିବା ବେଳେ ଜିଲାପାଳ ପାରୁଲ ପଟୱାରିଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ତରଫରୁ ଧରପଗଡ ଚାଲିଛି।

# ଗଛରେ ପିଟିହେଲା ବାଇକ୍: ପୁଅ ମୃତ, ବାପା ଗୁରୁତର



ଗୁରୁତରଙ୍କୁ ମେଡିକାଲକୁ ନିଆଯାଉଛି।

**ଟିକିରି,୬।୫(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ଥାନା ଅନ୍ତର୍ଗତ ଡୁଡୁକାବାହାଲ ପଞ୍ଚାୟତର କାଡସିଲ ଘାଟି ବୁଲାଣି ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ବାଇକ୍ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ପୁଅର ମୃତ୍ୟୁ ହୋଇଥିବାବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟିକିରି ଥାନା ଅନ୍ତର୍ଗତ ରାମୁଗୁଡା ଗ୍ରାମର ବିଜୁ ମାଝୀ (୨୨) । ତାଙ୍କ ବାପା ଦୟା ମାଝୀଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ବାପାପୁଅ କୌଣସି ଏକ କାର୍ଯ୍ୟରେ ନିଜଘର ରାମୁଗୁଡାରୁ ଶଙ୍କରଡା ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବାଇକ୍ ଗଛରେ ପିଟି ହୋଇଯାଇଥିଲା। ଖବରପାଇ ଟିକିରି ଥାନା ଏସ୍ଆଇ ପ୍ରିସ୍କା ଓଝା ଓ ଏଏସ୍ଆଇ ନରେଶ ରାଉଳ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଟିକିରି ଓ ପରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମୃତକଙ୍କ ମୃତଦେହ ଜବତ ବ୍ୟବଚ୍ଛେଦ ପରେ ପରିବାର ଲୋକେଙ୍କୁ ହସ୍ତାନ୍ତର କରାଯାଇଛି। ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ଏ ନେଇ କେସ୍ ନମ୍ବର ୭୧/୨୫ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ତେବେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଲୋକେ ସଚେତନ ହେଉ ନ ଥିବା ଅଭିଯୋଗ ହେଉଛି।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ)**

ଜନୈକା ଯୁବତୀଙ୍କୁ ଚାକିରି କରାଇ ଦେବାକୁ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ପଦ୍ମତୋଳା ଗ୍ରାମର ରାହୁଲ କୁମାର ସ୍ୱାଇଁ(୨୩) । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବଡବଜାର ଅଞ୍ଚଳର ଜଣେ ଯୁବତୀଙ୍କ ସହ ରାହୁଲଙ୍କ ପରିଚୟ ହୋଇଥିଲା। ଯୁବତୀଙ୍କୁ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ରାହୁଲ ତାଙ୍କ ସହ ମିଳାମିଶା ଆରମ୍ଭ କରିଥିଲେ। ଏପରିକି ତାଙ୍କ ସହ ବନ୍ଧୁତା ସ୍ଥାପନ କରି ତାଙ୍କ ଇଚ୍ଛା ବିରୁଦ୍ଧରେ ବାରମ୍ବାର ବଳାତ୍କାର କରିଥିଲେ। ଚାକିରି ମିଳିଯିବା ଆଶାରେ ସେ ବାଧ୍ୟହୋଇ ଚୁପ ହୋଇ ରହୁଥିଲେ। ଚାକିରି ନମିଳିବାରୁ ଯୁବତୀ ଜଣଙ୍କ ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରିଥିଲା।

### ଫୁଲଟାରେ ବୋମାମାଡ଼ ଘଟଣା, ୮ ଗିରଫ

**ବ୍ରହ୍ମପୁର, ୬।୫(ସୁବାସ ଚନ୍ଦ୍ର ପାଢ଼ୀ)**

ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁରେ ପତିଆରା ପାଇଁ ବୋମାମାଡ ଘଟଣାରେ ଏବେ ପୋଲିସ ଉଭୟ ଗୋଷ୍ଠୀର ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲିଙ୍ଗରାଜ ଚର୍ଚ୍ଚା(୩୮), ବଳରାମ ନାହାକ (୨୫), ସନ୍ନ୍ୟାସୀ ସାଶମଲ(୨୫), ସୁକାନ୍ତ ନାହାକ(୩୦), ଦଣ୍ଡପାଣି ସାଶମଲ(୨୭), ପୂର୍ଣ୍ଣ ବସ୍ତିଆ(୩୨), ତପନ ଚର୍ଚ୍ଚା(୨୫), ସନ୍ତୋଷ ମଲିକ ଓରଫ ବାୟା(୩୫)। ମାମଲା ନଂ.୧୩୨/୨୫ରେ ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ଯେଉଁମାନଙ୍କ ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଗାଁରେ ଏବେବି ପୋଲିସ ଫୋର୍ସ ମୁତୟନ ରହିଛି। ଘଟଣା ପରେ ବିଭିନ୍ନ ସ୍ଥାନରେ ଲୁଚିଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଏବେ ଖୋଜିଖୋଜି କରୁଛି।

# ରାସ୍ତା ଶୋଚନୀୟ, ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

**ରାୟଗଡା,୬।୫ (ଭାଗ୍ୟଶ୍ରୀ ମିଶ୍ର)**

ରାୟଗଡ଼ା ବ୍ଲକ୍ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡ଼ା ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ନିର୍ମାଣ ହୋଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ନିର୍ମାଣ ହେବାର ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଏହାର ମରାମତି ହୋଇ ନ ଥିବାରୁ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ଖାଲରେ ପାଣି ଜମିରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟିହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ରାସ୍ତା ମରାମତି ପାଇଁ ବେହେରାଗୁଡ଼ା ଗ୍ରାମବାସୀ ବାରମ୍ବାର ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗକଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ଫଳରେ ସୋମବାର ପୁଣି ଥରେ ରାୟଗଡ଼ାରେ ଅନୁଷ୍ଠିତ ଜିଲାସ୍ତରୀୟ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିକୁ ଆସି ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିବା ଗ୍ରାମବାସୀ କହିଛନ୍ତି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଅଭିଯୋଗପତ୍ର ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପିଡବ୍ଲ୍ୟୁଡି ରାସ୍ତାରୁ ବେହେରାଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ୩ କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ନିର୍ମାଣ ହୋଇଥିଲା। ୨୦୧୨ରେ ରାସ୍ତା କାମ ଆରମ୍ଭ ହୋଇ ୨୦୧୩ରେ ସମ୍ପୂର୍ଣ୍ଣ ହୋଇଥିବା ଏକ ବୋର୍ଡରେ ଉଲ୍ଲେଖ କରାଯାଇଛି। ହେଲେ ଉକ୍ତ ରାସ୍ତା କାମ ୨୦୧୪ରେ ଆରମ୍ଭ ହୋଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ରାସ୍ତା ମରାମତି ହେବାର ୫ବର୍ଷ ପର୍ଯ୍ୟନ୍ତ ସମ୍ପୃକ୍ତ ଠିକା ସଂସ୍ଥା ରକ୍ଷଣାବେକ୍ଷଣ କରିବାର ଦାୟିତ୍ୱ ରହିଥିଲେ ମଧ୍ୟ ଉକ୍ତ ରାସ୍ତାର କୌଣସି ପ୍ରକାର ମରାମତି କାର୍ଯ୍ୟ କରାଯାଇନାହିଁ ବୋଲି ଗ୍ରାମବାସୀ



ପଙ୍କ କାଦୁଅରେ ଭର୍ତ୍ତି ହୋଇଥିବା ବେହେରାଗୁଡ଼ା ଗ୍ରାମ ରାସ୍ତା।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ମରାମତି ଦାବି

କହିଛନ୍ତି। ରାସ୍ତା ମରାମତି ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କୁ ଅନେକ ଥର ଲିଖିତ ଦାବି ପରେ ମଧ୍ୟ ରାସ୍ତା ମରାମତି କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଅନେକ ସମୟରେ ଲୋକେ ଛୋଟ ବଡ଼ ଦୁର୍ଘଟଣା ଶିକାର ହେଉଛନ୍ତି। ସେହିପରି ପିଲାମାନେ ସ୍କୁଲ, କଲେଜ ଯିବାରେ ଅସୁବିଧା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବେହେରାଗୁଡ଼ା ଗ୍ରାମର ଗୋବିନ୍ଦ ଉଲାକା, ବସନ୍ତ ସାମଲ, ନରେଶ ଉଲାକା, ନରେଶ ବିଡ଼ିକା, ମହେନ୍ଦ୍ର ଉଲାକା, ସାନୁ ଯାକକା, ମୁଗୁରି ଉଲାକା, କ୍ରିଷ୍ଣା ମେଲେକା ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

# ରେଳଧାରଣାରୁ ବୃଦ୍ଧାଙ୍କ ମୃତଦେହ ଜବତ

**ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ)**

ସରକାରୀ ରେଳବାଇ ପୋଲିସ (ଜିଆରପି)ଥାନା କର୍ମଚାରୀ ମଙ୍ଗଳବାର ଅପରାହ୍ନରେ ରେଳଧରଣାରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛନ୍ତି। ତାଙ୍କର ପରିଚୟ ମିଳିନଥିବା ବେଳେ ବୟସ ଆନୁମାନିକ (୬୫) ବର୍ଷ ହେବ ବୋଲି ପୋଲିସ ଅନୁମାନ ଲଗାଇଛି। ସେ ଏକ ଶାଢ଼ୀ ପିନ୍ଧିଥିବା ବେଳେ ଘଟଣାସ୍ଥଳରୁ ପୋଲିସକୁ ଅନ୍ୟ କୌଣସି ସୁରାଗ ମିଳିପାରିନାହିଁ। ପୋଲିସ ଏସଂକ୍ରାନ୍ତରେ ନଂ.୪୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୃଦ୍ଧା ଜଣଙ୍କ ରେଳଧାରଣା ପାର ହେଉଥିବା ବେଳେ କୌଣସି ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପରିଚୟ ସ୍ପଷ୍ଟ ପାଇଁ ମୃତଦେହକୁ ସଂରକ୍ଷଣ ଗୃହରେ ୪ ଦିନ ଯାଏଁ ସଂରକ୍ଷିତ ରଖାଯିବ। ସେହିପରି ସମସ୍ତ ଥାନାକୁ ଏନେଇ ବାର୍ତ୍ତା ପ୍ରେରଣ କରାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ବିଭିନ୍ନ ସ୍ଥାନରେ ଯାଇଥିବା ରେଳଧାରଣାରେ ଅନେକ ଲୋକଙ୍କ କୌଣସି ନା କୌଣସି କାରଣରୁ ମୃତ୍ୟୁ ହେଉଛି। ଏନେଇ ପୋଲିସ ପକ୍ଷରୁ ସଚେତନ କରାଯାଉଥିଲେ ବି ଲୋକଙ୍କ ମାନସିକତା ବଦଳୁ ନଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ପୋଲିସ କହିଛି।

# ଆମ୍ବୁଲାନ୍ସକୁ ଧକ୍କାଦେଲା ବୋଲେରୋ, ପ୍ରସୂତି ଗୁରୁତର




ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ।

**ରାୟଗଡ଼ା,୬।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳର ଗୁରୁତର ଥିବା ଜଣେ ପ୍ରସୂତିଙ୍କୁ ଆମ୍ବୁଲାନ୍ସ ସୋମବାର ବିଳମ୍ବିତ ରାତିରେ ମେଡିକାଲକୁ ଆଣିବା ସମୟରେ ଏକ ବୋଲେରୋ ସହ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ପ୍ରସୂତି ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ନାରାୟଣପୁର ପଞ୍ଚାୟତ ଖଟଗାନ୍ଧା ଗାଁର ଦାସୀ ତିଆକାଙ୍କ ସ୍ତ୍ରୀ କୁନି ୱାଡକା। ପ୍ରକାଶ ଯେ, କୁନିଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ଦାସୀ ଆମ୍ବୁଲାନ୍ସ ଡାକିଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ବେଳକୁ କୁନି ଏକ ମୃତ ଶିଶୁ ଜନ୍ମ ଦେଇଥିଲେ। ତେବେ କୁନିଙ୍କ ଅବସ୍ଥା ଭଲ ନ ଥିବାରୁ ଦାସୀ ତାଙ୍କୁ ଆମ୍ବୁଲାନ୍ସରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ। ହେଲେ ରାସ୍ତାରେ କଲ୍ୟାଣସିଂହପୁର ନିକଟରେ ଆମ୍ବୁଲାନ୍ସ ସହ ବୋଲେରୋ ଧକ୍କା ହୋଇଥିଲା। ଏଥିରେ ପ୍ରସୂତି କୁନି ଗୁରୁତର ଆହତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ କଲ୍ୟାଣସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ମୃତ କର୍ମଚାରୀଙ୍କ ପରିବାରଙ୍କୁ ଶିକ୍ଷକ ସଂଘର ସହାୟତା

**ଗୁଣପୁର, ୬।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ କେ. କିଶୋର ରାଓଙ୍କ ମୃତ୍ୟୁ ପରେ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରଙ୍କୁ ମଙ୍ଗଳବାର ସହାୟତା ରାଶି ପ୍ରଦାନ କରାଯାଇଛି। ମୃତ କର୍ମଚାରୀ ରାଓଙ୍କ ଦ୍ୱାଦଶ ଅବସରରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀଙ୍କ ଦ୍ୱାରା ତାଙ୍କ ପରିବାର ଲୋକଙ୍କୁ ୧ ଲକ୍ଷ ୨୨ ହଜାର ଟଙ୍କା ସହାୟତା ରାଶି ଦିଆଯାଇଛି। ଏହାସହ ଗୁଣପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀ ବେହେରା ମଧ୍ୟ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ଗୁଣପୁର ଶିକ୍ଷକ ସଂଘ ସଭାପତି ଶିବପ୍ରସାଦ ମହାପାତ୍ର, ସଞ୍ଜୀବ ପଟ୍ଟନାୟକ, ଆର୍ତ୍ତତ୍ରାଣ ରଥ ଓ ରାୟଗଡ଼ା ଶିକ୍ଷକ ନେତା ସୁରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହିସାବ ରକ୍ଷକ ଓ ସହାୟକ ଭାବେ କାର୍ଯ୍ୟରତ ଠିକା କର୍ମଚାରୀ କେ. କିଶୋର ରାଓଙ୍କ ଗତ ୨୫ ତାରିଖରେ ମୃତ୍ୟୁ ହୋଇଥିଲା।



ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ଦୁର୍ଘଟଣାରେ ଆହତ ସାମ୍ବାଦିକଙ୍କ ମୃତ୍ୟୁ

### ଶ୍ରଦ୍ଧାଞ୍ଜଳି ଜଣାଇଲେ ଜିଲାପାଳ


**ରାୟଗଡ଼ା,୬।୫(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ସଦର ମହକୁମାରେ କାର୍ଯ୍ୟରତ ଜଣେ ସାମ୍ବାଦିକ ରାଜୀବ ଲୋଚନ ପଣ୍ଡା (୪୮)ଙ୍କ ସୋମବାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରାଜୀବ ଗତ ଗୁରୁବାର ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ସୋମବାର ତାଙ୍କର ଅକାଳ ବିୟୋଗ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ମରଶରୀର ରାୟଗଡ଼ାସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ଜିଲାପାଳ ପାରୁଲ ପଟୱାରିଙ୍କ ସହ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏବଂ ବହୁ ଶୁଭେଚ୍ଛୁ ସେଠାରେ ପହଞ୍ଚି ମାଲ୍ୟାର୍ପଣ କରି ରାଜୀବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ଜିଲାପାଳ ପାରୁଲ ସେଠାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିଜ ପରିବାର ବୋଲି ସମ୍ବୋଧିତ କରିବା ସହ ସମସ୍ତ ସହଯୋଗ ପାଇଁ ସେ ଅଛନ୍ତି ବୋଲି କହିଥିଲେ । ଏହି ସମୟରେ ଜିଲାରେ ୧୦୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ । ଏସ୍‌ୟୁଜେ ସାମ୍ବାଦିକ ୟୁନିୟନ ରାୟଗଡ଼ା ଜିଲା ଶାଖା ସଭାପତି ଶିବ ନାରାୟଣ ଗଉଡ଼, ପ୍ରେସ୍ ୟୁନିୟନ ସଭାପତି ଅମୂଲ୍ୟ ରତ୍ନ ସାହୁ, ଶିବପ୍ରସାଦ ଦୋରା, ଜି.ଶ୍ରୀନିବାସ, ଶିବାଜୀ ଦାସ, ସୁଶାନ୍ତ ପ୍ରଧାନ, ସୁରେଶ ଦାସଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ରାଜୀବଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ସୂଚନାଯୋଗ୍ୟ, ଗତ ଗୁରୁବାର ରାଜୀବ ନିଜ କାର୍ ଚଳାଇ କୋଲନରା ଯାଉଥିବାବେଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯିବାରୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଜୋରରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ କୋଲନରା ଓ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉନ୍ନତ ଚିକିତ୍ସା ପାଇଁ ପରିବାର ଲୋକେ ରାଜୀବଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ । ସେଠାରେ ଚିକିତ୍ସିତ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ରାଜୀବଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଅପରାହ୍ନରେ ରାୟଗଡ଼ା ବ୍ରାହ୍ମଣ ସାହିସ୍ଥିତ ଝଞ୍ଜାବତୀ ନଦୀ ତଟ ଶ୍ମଶାନଘାଟରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।



ଜିଲାପାଳ ପାରୁଲ ପଟୱାରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।



**ସଂକ୍ଷେପରେ**

## ୨ ମାଓବାଦୀ ଗିରଫ, ପ୍ରେସର ବୋମା ଜବତ



ମାଲକାନଗିରି,୬।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ନାରାୟଣପୁର ଜିଲାରେ ଯବାନମାନେ ୨ ମାଓବାଦୀଙ୍କୁ ମଙ୍ଗଳବାର ଗିରଫ କରିବା ସହ ଗୋଟିଏ ପ୍ରେସର ବୋମା ଜବତ କରିଛନ୍ତି। ନାରାୟଣପୁର ଜିଲା ଛୋଟେଡୋଙ୍ଗର ଥାନା ଅନ୍ତର୍ଗତ ଛୋଟେବୁରଗୁମ ଗ୍ରାମରେ ଯବାନମାନେ ସର୍ଚ୍ଚ ସମୟରେ ରାସ୍ତା କଡରେ ଏକ ପ୍ରେସର ଆଇଇଡି ବୋମା ଥିବା ଜାଣିବାକୁ ପାଇଥିଲେ। ଉକ୍ତ ବୋମାକୁ ସୁରକ୍ଷିତ ଭାବେ ଜବତ କରି ସ୍କ୍ୱାର୍ଡ ଦ୍ୱାରା ନିଷ୍କ୍ରିୟ କରିଥିଲେ। ତେବେ ଏହି ବୋମା ଖଞ୍ଜିବା ପରେ ଦୁଇଜଣ ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଉଥିବା ସମୟରେ ଯବାନମାନେ ୨ଜଣଙ୍କୁ ଗିରଫ କରିଛନ୍ତି। ଉକ୍ତ ଦୁଇଜଣଙ୍କୁ ଗିରଫକରି ପଚରାଉଚୁରା ପରେ ସୁକମନ କୋରାମ ଓ ଅନ୍ୟ ଜଣେ ବୁଧରାମ କୋରାମ ବୋଲି ପରିଚୟ ଦେଇଥିଲେ। ଏହି ଦୁଇଜଣ ଆମଦଇ ଏରିଆ କମିଟିରେ ଜଡିତ ଥିବା ସ୍ୱୀକାର କରିଥିଲେ। ପୋଲିସ ଓ ନିର୍ମାଣ କାର୍ଯ୍ୟରେ ଅଘଟଣ ଘଟାଇବାକୁ ଏମାନେ ବୋମା ଖଞ୍ଜିଥିବା ସ୍ୱୀକାର କରିଥିଲେ। ପୋଲିସ ଏହି ଦୁଇଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି ।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

ଜୟପୁର,୬।୫(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଖବରଦାତାମାନେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ କୋରାପୁଟ ଏସ୍‌ପି ରୋହିତ ବର୍ମା ଓ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଉପସ୍ଥିତ ଥିଲେ। ୨୬ ନଂ ଜାତୀୟ ରାଜପଥ, କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବା, ଟ୍ରାଫିକ ସମସ୍ୟା ସମାଧାନ ଓ ଜବରଦଖଲ ଉଚ୍ଛେଦ ଆଦି ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ୬ ଚୋରି ବାଇକ୍ ଜବତ, ୨ ଗିରଫ

ସେମିଳିଗୁଡା/ସୁନାବେଡା,୬।୫ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କିଛି ଦିନ ହେବ ସୁନାବେଡ଼ା ଓ ସେମିଳିଗୁଡାରେ ବାଇକ୍ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିଥିବା ବେଳେ ସେମିଳିଗୁଡା ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି ୬ ଚୋରି ବାଇକ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ ପାଡୁଆ ଥାନା ଅଧୀନ ବାଲଡା ଗାଁର ସୁକଦେବ ହନ୍ତାଲ(୨୪) ଓ ନନ୍ଦପୁର ଥାନା ଅଧୀନ ହିକିମପୁଟ ଖିଲବା ଗ୍ରାମର ବିଶ୍ୱରଞ୍ଜନ ପେଟିଆ। ସେମାନଙ୍କଠାରୁ ୬ ଚୋରି ବାଇକ୍ ଜବତ କରାଯାଇଛି। ଏ ନେଇ ସେମିଳିଗୁଡ଼ା ଥାନରେ ପୂର୍ବରୁ ରୁଜୁ ହୋଇଥିବା କେସ୍ ନଂ. ୪୭/୨୫ ମାମଲା ଆଧାରରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ କାରୀ ଅଧିକାରୀ ତଥା ଥାନା ଏଏସ୍‌ଆଇ ଦିଗନ୍ତ ପ୍ରଭୁ ସହାୟ ସୂଚନା ଦେଇଛନ୍ତି।

## ୨ ବାଇକ୍ ଧକ୍କା, ବୃଦ୍ଧ ମୃତ

ବୈପାରୀଗୁଡା,୬।୫(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ରାମଗିରୀ ନିକଟରେ ୨ ବାଇକ୍ ଧକ୍କା ହୋଇ ଜଣେ ବୃଦ୍ଧଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ କାଉଗୁଡାର ଧନର୍ଯ୍ୟୟ ଗାଦବା(୬୦)।ସୂଚନା ଅନୁଯାୟୀ, ସୋମବାର ସକାଳୁ ଧନର୍ଯ୍ୟୟ ତାଙ୍କ ପୁଅ ଭୁବନଙ୍କ ସହ ଏକ ବାଇକ୍ ଯୋଗେ ଗୁପ୍ତେଶ୍ୱର ଦର୍ଶନ କରିବାକୁ ଯାଉଥିଲେ। ଗୁପ୍ତେଶ୍ୱର ପହଞ୍ଚିବାକୁ ୧୨ କି.ମି. ରାସ୍ତା ବାକି ଥିବା ବେଳେ ରାମଗିରୀ ନିକଟରେ ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲେ। ଭୁବନ ବାଇକ୍ ଚଲାଉଥିବା ବେଳେ ଧନର୍ଯ୍ୟୟ ପଛରେ ବସିଥିଲେ। ରାସ୍ତା କଡରେ ଥିବା ଏକ ପାଟ୍ରୋଲ ଟାଙ୍କିରେ ତେଲ ପକାଇ ଅନ୍ୟ ବାଇକ୍ ଆରୋହୀ ରାସ୍ତାକୁ ବାହାରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତ ଧନର୍ଯ୍ୟୟଙ୍କୁ ରାମଗିରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୁବନ ମଧ୍ୟ ଆହତ ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପୋଲିସ କେସ୍ ନଂ ୧୦୦/୨୫ରେ ମାମଲା ରୁଜୁ କରି ଉଭୟ ବାଇକ୍ ଜବତ କରିଛି।

# ଏ-୧ ଗ୍ରେଡ୍ ୧୨ ଟପ୍ପରଙ୍କୁ ସମ୍ମାନିତକଲେ ଜିଲାପାଳ

**ମାଲକାନଗିରି ଜିଲ୍ଲା**

ମାଲକାନଗିରି, ୬।୫(ଦୁର୍ଯ୍ୟୋଧନ ପାତ୍ର)



ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ।

ଗତ ୨ ତାରିଖରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ମାଲକାନଗିରି ଜିଲାରେ ୯୬.୪୧ ପ୍ରତିଶତ ପାସ୍ ହାର ହୋଇଥିବା ବେଳେ ଏହାକୁ ନେଇ ଜିଲାରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମନରେ ଖୁସି ଦେଖାଦେଇଥିଲା। ଜିଲା ପ୍ରଶାସନ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ପ୍ରଚେଷ୍ଟା ଓ ମାନସିକ ସ୍ଥିତିର ପରିବର୍ତ୍ତନ ଫଳାଫଳ ପ୍ରକାଶ ପାଇଲା ପରେ ଜିଲା ଓ ରାଜ୍ୟରେ ସୁନାମ ଅର୍ଜନ କରିଛି। ଚଳିତ ବର୍ଷ ଜିଲାରେ ୧୨ ଜଣ ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି। ମଙ୍ଗଳବାର ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସମସ୍ତ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଛନ୍ତି। ଏ-୧ ଗ୍ରେଡ୍‌ରେ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଏମ୍‌ଭି ୭୯ର ଡାନିଏଲ ଲେଙ୍କା, ଉମ୍ବରୁ ଲେଙ୍କା, ବାଲିମେଳା ଶିଶୁ ବିଦ୍ୟା ମନ୍ଦିରର ସାଇଶ୍ରୀୟା ସ୍ୱାଇଁ, ପ୍ରାଚୀ ଦାସ, ଅନ୍ୱେଷା ବିଶ୍ୱାଳ, ସ୍ମୃତିରେଖା ପ୍ରଧାନ, ନୀତୀଶ ପାଙ୍ଗୀ, ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରେରଣା ପାତ୍ରୀ, ଜଗନ୍ନାଥପାଲୀ ଉଚ୍ଚ ବିଦ୍ୟାଳୟ ଏମ୍‌ଭି ୭ର ଶୁଭଜିତ ବାଛାର, ଆକାଶ ମୁର୍ମୁ, ବାସୁଦେବ ମହୁରି ଓ ଜୟ ମିସ୍ତ୍ରି।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଜିଲା ଶିକ୍ଷାଧିକାରୀ, ସମସ୍ତ ବ୍ଲକ ଶିକ୍ଷାଧିକାରୀ, ଅଭିଭାବକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲାପାଳ ପାଟିଲ ସମସ୍ତଙ୍କୁ ସମ୍ବର୍ଦ୍ଧିତକରି ଜିଲା ପାଇଁ ଗୌରବ ଆଣିଥିବାରୁ ଧନ୍ୟବାଦ ଦେବା ସହ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ନିଷ୍ଠାର ସହ ଶିକ୍ଷା ଗ୍ରହଣ ପାଇଁ ମନ ବଳାଇଲେ ଗୌରବରୁ ଆହୁରି ତ୍ୱରାନ୍ୱିତ କରିବେ ବୋଲି କହିଥିଲେ।

# କୋର୍ଟରେ ତତ୍କାଳୀନ ପିଏସ୍ ଭଗବାନଙ୍କ ଆତ୍ମସମର୍ପଣ

ମାଲକାନଗିରି,୬।୫(ଦୁର୍ଯ୍ୟୋଧନ ପାତ୍ର)

- ମାଲକାନଗିରିର ତତ୍କାଳୀନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କ ମୃତ୍ୟୁ ମାମଲା
- ଜାମିନ ମଞ୍ଜୁର କଲେ ଏସ୍‌ଡିଜେଏମ୍

ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ମୃତ୍ୟୁ ମାମଲାରେ ମଙ୍ଗଳବାର ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅବସରପ୍ରାପ୍ତ ପିଏସ୍ ଭଗବାନ ପାଣିଗ୍ରାହୀ ଆତ୍ମସମର୍ପଣ କରିଛନ୍ତି। ପାଣିଗ୍ରାହୀ ଜଣେ କର୍କଟ ରୋଗୀ ହୋଇଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ଦର୍ଶାଇ ହାଇକୋର୍ଟରେ ଉକ୍ତ ମାମଲାରୁ ତାଙ୍କୁ ନିବୃତ୍ତ ରଖିବାକୁ ସେ ନିବେଦନ କରିଥିଲେ। ହାଇକୋର୍ଟ ଏହାକୁ ବିଚାରକରି ପାଣିଗ୍ରାହୀଙ୍କୁ ମଙ୍ଗଳବାର ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆତ୍ମସମର୍ପଣ କରିବା ପରେ ଏସ୍‌ଡିଜେଏମ୍ ଏହାର ବିଚାର କରି ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ୬ ବର୍ଷ ଧରି ଏହି ମାମଲା ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ଆରମ୍ଭକରି ଉଚ୍ଚ ନ୍ୟାୟାଳୟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ମାମଲାରେ ସମ୍ପୃକ୍ତ ପୂର୍ବତନ ଜିଲାପାଳଙ୍କ ସହ ଅନ୍ୟ ୩ ଜଣ ବିଭିନ୍ନ ଆଳ ଦେଖାଇ କୋର୍ଟର ସମୟ ଓ ହାଜର ହେବାରେ ଅବହେଳା କରି ଆସୁଥିଲେ। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୨୭ରେ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣଙ୍କ ମୃତଦେହ ସତୀଗୁଡା ଜଳଭଣ୍ଡାରରୁ ଜବତ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ତତ୍କାଳୀନ ଜିଲାପାଳ ଅଗ୍ରୱାଲଙ୍କ ସହ ଅନ୍ୟ ୩ ଜଣ କର୍ମଚାରୀଙ୍କ ନାମରେ ଦେବନାରାୟଣଙ୍କ ସ୍ତ୍ରୀ ବନଜା ପଣ୍ଡା ଅଭିଯୋଗ କରିଥିଲେ।

# ଏକ ଦେଶ ଏକ ନିର୍ବାଚନକୁ ବୁଦ୍ଧିଜୀବୀଙ୍କ ସମର୍ଥନ

ମାଲକାନଗିରି, ୬।୫(ଦୁର୍ଯ୍ୟୋଧନ ପାତ୍ର)




କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି ।

ଭାରତ ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ରାଷ୍ଟ୍ରର ବିକାଶରେ ମଧ୍ୟବର୍ତ୍ତୀ ଏବଂ ଉପନିର୍ବାଚନରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ନିଜ ଦାୟିତ୍ୱଠାରୁ ଅଧିକ ସମୟ ନିର୍ବାଚନରେ ଦେଉଛନ୍ତି। ଏଭଳି ନିର୍ବାଚନରେ ଅନେକ ସ୍ଥାନରେ ହିଂସା ଘଟୁଥିଲା ବେଳେ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ । ଏଥିପାଇଁ ବ୍ୟୟ ହେଉଥିବା ଖର୍ଚ୍ଚ ଦେଶର ଉନ୍ନୟନ କାର୍ଯ୍ୟରେ ବିନିଯୋଗ ହୋଇପାରିଲେ ଆମ ଦେଶ ପାଇଁ ଏହା ମଙ୍ଗଳ ହେବ। ମଙ୍ଗଳବାର ଏକ ଦେଶ – ଏକ ନିର୍ବାଚନ ସମ୍ବନ୍ଧୀୟ ସମ୍ମିଳନୀରେ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ମାଲକାନଗିରିରେ ଭାରତୀୟ ଜନତା ପାର୍ଟି ଜିଲା ସଭାପତି ଅଶୋକ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ସୌମେନ୍ଦ୍ର ଜେନା ଓ ରାଜ୍ୟ ଟୋଲି ସଦସ୍ୟ ରାଜେଶ କୁମାର ପଟ୍ଟନାୟକ ଯୋଗଦେଇ ଏକ ଦେଶ– ଏକ ନିର୍ବାଚନ ସମ୍ବନ୍ଧରେ ଦେଶର କି ଉପକାର ହେବ, ଆର୍ଥିକ ବ୍ୟୟକୁ କିପରି ରୋକାଯାଇପାରିବ ଏବଂ ଦେଶରେ ଏକ ସ୍ଥିର ସରକାର ଗଠନ ହୋଇପାରିବ ସେ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ଉପସ୍ଥିତ ୧୦୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ମଧ୍ୟବର୍ତ୍ତୀ ଓ ଉପନିର୍ବାଚନକୁ ବିରୋଧ କରିବା ସହ ଏକା ସମୟରେ ଦେଶରେ ୫ ବର୍ଷ ପାଇଁ ସାଧାରଣ ନିର୍ବାଚନ କରାଇବାକୁ ମତ ପ୍ରକାଶ ପାଇଥିଲା। ଏଥିପାଇଁ ସମ୍ବିଧାନ ସଂଶୋଧନ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଛନ୍ତି।

## ବ୍ଲକ ବିଜେଡି ସଭାପତି ଚିନାମ ରାବିଡ଼ିଙ୍କୁ ସମ୍ବର୍ଦ୍ଧନା

ପଡିଆ, ୬।୫(ଭାସ୍କର ରାଓ)

ଗତ ସାଧାରଣ ନିର୍ବାଚନରେ ମାଲକାନଗିରିରେ ବିଜେଡିର ପରାଜୟ ପରେ ଏବେ ପୁଣି ଗଡ଼ ସଜାଡ଼ିବାକୁ ନୂଆ ସଂଗଠନ କରାଯାଇଥିବା ଦେଖିବାକୁ ମିଳିଛି। ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ଏକ ଦଳୀୟ ନିର୍ବାଚନ କମିଟି ଗଠନ କରାଯାଇ ପ୍ରତ୍ୟକ ଜିଲାରେ ସଭାପତି ଓ ବ୍ଲକରେ ସଭାପତି ନିଯୁକ୍ତି କରାଯାଇଛି। ଏହିକ୍ରମରେ ପଡିଆ ବ୍ଲକ ବିଜେଡିର ମଙ୍ଗ ପୂର୍ବତନ ଏମ୍‌ପି ପ୍ରତିନିଧି ଚୀନାମ ରାବିଡ଼ କୁମାରଙ୍କୁ ଦିଆଯାଇଛି। ଛାତ୍ର ଜୀବନରୁ ଜନତାଦଳରେ ରହିବା ସହ ଗତ ଦିନରେ ପୂର୍ବତନ ବିଧାୟକ ଓ ଏମ୍‌ପିଙ୍କ ପଡିଆ ବ୍ଲକ ପ୍ରତିନିଧି ଭାବେ ରାବିଡ଼ି ଦାୟିତ୍ୱ ତୁଲାଇ ୨୦୨୧ ପଞ୍ଚାୟତ ନିର୍ବାଚନରେ ମଧ୍ୟ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କୁ ବ୍ଲକ ସଭାପତି ଦାୟିତ୍ୱ ମିଳିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଖେଳଯାଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୈଠକକରି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିବା ଦେଖିବାକୁ ମିଳିଛି।

# ପ୍ରେରଣାଙ୍କୁ ସମ୍ବର୍ଦ୍ଧିତକଲେ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ



ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଅନ୍ୟମାନେ ।

କୋରୁକୋଣ୍ଡା, ୬।୫(ଶିବଦତ୍ତ ସାହୁ )

ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀ ପରୀକ୍ଷାରେ ଏ ୧ ପ୍ରାପ୍ତ ହୋଇଥିବା ଏବଂ ୫୪୩ ନମ୍ବର ରଖି ଜିଲାର ଟପ୍ ୧୨ ମଧ୍ୟରେ ସ୍ଥାନ ପାଇଥିବା ଛାତ୍ରୀ ପ୍ରେରଣା ପାଢ଼ୀଙ୍କୁ ମଙ୍ଗଳବାର ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲ, ସ୍କୁଲ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ବେହେରା, ଆଲୁମିନି ସଭାପତି ଦିଲୀପ କୁମାର ବେପାରୀ, ୬ ନଂ. ୱାର୍ଡ କାଉନସିଲର ତୁଳାମଣି ଛତି, ବରିଷ୍ଠ ନାଗରିକ ରାଜେନ୍ଦ୍ର କୁଲଦୀପଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରେରଣାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ।

# କୋରାପୁଟରେ ଆଜି ମକ୍‌ଡ୍ରିଲ୍: ଖବରଦାତା ସମ୍ମିଳନୀ କଲେ ଜିଲାପାଳ

**ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍**

କୋରାପୁଟ,୬।୫(ଅମିତାଭ ବେହେରା)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି ରୋହିତ ବର୍ମା ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ସ୍ଥିତିର ମୁକାବିଲା ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲା ୨ ନଂ ଜୋନ୍‌ରେ ଥିବାରୁ ବୁଧବାର ଅପରାହ୍ନ ୪ଟାରେ ପ୍ରଶାସନ ପକ୍ଷରୁ ମକ୍‌ଡ୍ରିଲ୍ ହେବାକୁ ନିଷ୍ପତ୍ତି ନିଆଯାଇଛି। କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଜନସାଧାରଣଙ୍କୁ ମାଇକ୍ ଯୋଗେ ସଚେତନ କରାଯାଇ ୩ ମିନିଟ ସାଇରନ ବାଜିବ। ସାଇରନ ବାଜିବା ବେଳେ ଜନସାଧାରଣ ୧୫ ମିନିଟ୍ ପାଇଁ ସୁରକ୍ଷା ଦୃଷ୍ଟିରୁ ନିକଟସ୍ଥ କୋଠା ଭିତରକୁ ଯାଇ ନିଜକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିବେ। ଏହାକୁ ସଫଳ କରିବା ନେଇ ଜିଲା ପ୍ରଶାସନ ପକ୍ଷରୁ କୋରାପୁଟ ସହରକୁ ୫ ଜୋନ୍‌ରେ ବିଭକ୍ତ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସ୍ଥାନ ଚିହ୍ନଟ କରାଯାଇଛି। ସମ୍ଭାବ୍ୟ ସ୍ଥିତିକୁ ନେଇ କୋରାପୁଟ ଡିପିଓଠାରେ ବୁଧବାରଠାରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି। ଜିଲାର ପ୍ରାୟ ୨ ଶହ ସ୍ୱେଚ୍ଛାସେବୀ ମକ୍‌ଡ୍ରିଲ୍‌ରେ ସାମିଲ ହେବା ନେଇ ଜିଲାପାଳ ଭି. କୀର୍ତ୍ତିଭାସନ ସୂଚନା ଦେଇଛନ୍ତି। ଲୋକେ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା, ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୬।୫(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ଅପରାହ୍ନ ୨ଟାରେ କୋର୍ଟ୍ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ କୈଳାସ ଚୌଧୁରୀ। ସୂଚନା ଅନୁଯାୟୀ, ବାଇକ୍‌ରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଉମୁରି ଗ୍ରାମ ରାସ୍ତାରେ ଜୟପୁର ଅବକାରୀ ଥାନା ଚଢ଼ାଉ କରିଥିଲା। ଅଭିଯୁକ୍ତଙ୍କଠାରୁ ୧୮ ଲିଟର ଦେଶୀ ମଦ ଓ ବାଇକ୍‌କୁ ଜବତ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

# ନିଶା ଇଞ୍ଜେକସନ କାରବାର ମାମଲାରେ ୩ ଗିରଫ

ଜୟପୁର,୬।୫(ପବନ ପାଣିଗ୍ରାହୀ)

ନିଶା ଇଞ୍ଜେକସନ କାରବାର କରୁଥିବା ଅଭିଯୋଗରେ ଜୟପୁର ଟାଉନ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନାଗାର୍ଚି ସାହିର ମନୁ ପଣ୍ଡା(୨୭),ପୁରୁଣାଗଡ ଅଞ୍ଚଳର ସୁରଜ ଗୁପ୍ତା(୨୮) ଓ ଗୋପବନ୍ଧୁ ନଗରର କୃଷ୍ଣ ଟାକ୍ରୀ(୨୬)।

ସୂଚନା ଅନୁଯାୟୀ, କିଛି ଦିନ ହେବ ଟାଉନ ପୋଲିସ ଓ ଏସ୍‌ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ନିଶା କାରବାର ହେଉଥିବା ନେଇ ଏକ ଗ୍ୟାଙ୍ଗ ଉପରେ ନଜର ରଖିଥିଲେ। ମଙ୍ଗଳବାର ସହରର ଢେପଗୁଡା ନିକଟରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ ଇଞ୍ଜେକସନ ଓ ଏକ ସ୍କୁଟି ଜବତ କରାଯାଇଛି। ଅଭିଯୁକ୍ତମାନେ ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କଠାରୁ ପେଣ୍ଟାପ୍ରାଜୋଲ ଇଞ୍ଜେକସନ ଏକ ଘରୋଇ ବସ୍‌ରେ ଆଣୁଥିଲେ। ବସରୁ ଓହ୍ଲାଇବା ପରେ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଥିଲା। ସହରରେ ଥିବା ଔଷଧ ବିତରଣ କେନ୍ଦ୍ରଗୁଡ଼ିକରୁ କିଣି ବ୍ୟବସାୟ କରୁଥିବା ଜଣାପଡ଼ିଛି। କମ୍ ଦାମରେ ଏହି ଇଞ୍ଜେକସନଗୁଡ଼ିକ କିଣି ଏହାକୁ ଚଢା ଦରରେ ଯୁବପିଢ଼ିଙ୍କୁ ବିକ୍ରି କରାଯାଉଛି। ଯୁବତୀମାନେ ମଧ୍ୟ ଏହି ନିଶା ଇଞ୍ଜେକସନ ବ୍ୟବହାର କରୁଥିବା ସୂଚନା ରହିଛି। ଆଗାମୀ ଦିନରେ ଏହାର ମାଷ୍ଟର ମାଇଣ୍ଡକୁ ଧରିବେ ବୋଲି ଟାଉନଥାନା ଅଧିକାରୀ ଉଲ୍ଲାସ ବେହେରା କହିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ରୟ ଦିନ ଧାନ ଉଠାଇବାକୁ ଦାବି

**କୃଷକ କଲ୍ୟାଣ ମଞ୍ଚର ଜିଲାପାଳଙ୍କୁ ଦାବିପତ୍ର**


ଜୟପୁର,୬।୫(ପବନ ପାଣିଗ୍ରାହୀ)

କୋରାପୁଟ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଚଳିତ ରବି ଧାନମଣ୍ଡିର ସୁପରିଚାଳନା ଓ ଅନ୍ୟାନ୍ୟ ସମସ୍ୟା ନେଇ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ମଞ୍ଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଦାବିପତ୍ର ପ୍ରଦାନ କରିଥିଲେ। ମେ ୨୦ରୁ ରବି ମଣ୍ଡି ଆରମ୍ଭ କରାଯାଇ ଧାନ କ୍ରୟ କରିବା, ରବିଋତୁରେ ଟୋକେନ ଅବଧି ୪୫ ଦିନ କରାଯାଇ ଧାନ କ୍ରୟ କରାଯାଉ, ଜୁନ୍ ୨୫ ସୁଦ୍ଧା ଧାନ କ୍ରୟ କରାଯିବା ବ୍ୟବସ୍ଥା କରିବା, କ୍ରୟ ଦିନ ହିଁ ଧାନ ଉଠାଇବା ବ୍ୟବସ୍ଥା କରାଯାଉ, ଦୈନିକ ମଣ୍ଡି କରିବା, ଦୈନିକ ୫ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଉ, ରବି ମଣ୍ଡିଗୁଡ଼ିକର ଭିତ୍ତିଭୂମିର ଉନ୍ନତି କରିବା ସହ କ୍ରୟକାରୀ ସଂସ୍ଥା, ପ୍ରଶାସନ, ସମବାୟ ବିଭାଗ, ଆର୍‌ଏମ୍‌ସି ଓ ଯୋଗାଣ ବିଭାଗ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଡିଏଲ୍‌ପିସି ବୈଠକରେ କୃଷକ ସମାଜ ଓ କୃଷକ କଲ୍ୟାଣ ମଞ୍ଚର ପ୍ରତିନିଧିମାନଙ୍କୁ ଭାଗନେବାକୁ ସୁଯୋଗ ଦିଆଯାଉ। ଗତ ଖରିଫରେ ଚାଷୀ ବିକ୍ରି କରିଥିବା ଖାଲି ଅଖା ଟଙ୍କା ଓ ହ୍ୟାଣ୍ଡଲିଂ ଖର୍ଚ୍ଚ ଚାଷୀଙ୍କୁ ପ୍ରଦାନ କରାଯାଉ, ଚଳିତ ଖରିଫ ଚାଷ ପୂର୍ବରୁ ଜିଲାରେ ଥିବା ସମସ୍ତ ଲ୍ୟାମ୍ପର ଆବଶ୍ୟକ ସାର, ବିହନ ଗଚ୍ଛିତ ରଖାଯାଉ, ଧାନ ବିକ୍ରି ପରେ ଚାଷୀ ମାସ ମାସ ଧରି ବିକ୍ରି ଅର୍ଥ ପାଉନାହାନ୍ତି। ସେଥିପ୍ରତି ପ୍ରଶାସନ ଯତ୍ନବାନ ହୁଅନ୍ତୁ। ମଣ୍ଡିରୁ ଧାନଚାଷୀ ମିଲରଙ୍କ ପାଖରେ ପହଞ୍ଚାଇବା, ମିଲର ରସିଦ୍ ଦେବା ପରେ କ୍ରୟକାରୀ ସଂସ୍ଥା ଧାନ ପ୍ରବେଶ କରାଇଥାନ୍ତି। ଏହି ପ୍ରଥା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି ।

# ଶିଳ୍ପ ନାଁରେ ଜମି ହାତଉଥିବା ଅଭିଯୋଗ

ସୁନାବେଡ଼ା/ସେମିଳିଗୁଡ଼ା,୬।୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ବିଭିନ୍ନ ସମୟରେ ଶିଳ୍ପ ପ୍ରତିଷ୍ଠାନ ଗଢ଼ିବାକୁ ସରକାର ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ କର୍ପୋରେଶନ(ଇଡ୍‌କୋ) ଜରିଆରେ ଜାଗା ଦେଉଥିବା ବେଳେ ଅନେକ କ୍ଷେତ୍ରରେ ସେଗୁଡ଼ିକର ଉପଯୁକ୍ତ ବିନିଯୋଗ ହୁଏ ନାହିଁ। ଅନେକ ଶିଳ୍ପ ଅନୁଷ୍ଠାନ ଆବଶ୍ୟକଠାରୁ ଅଧିକ ସରକାରୀ ଜମିକୁ ହାତେଇ ସେଗୁଡ଼ିକୁ ବିକ୍ରିକରି ଲାଭବାନ୍ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ଅନୁଯାୟୀ ସୁମନ୍ ଏଣ୍ଟରପ୍ରାଇଜେସ୍‌କୁ ଇଡ୍‌କୋ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ କାକିରେ ଶୂନ ଦଶମିକ ୪୦ ଏକର(୧୭୩୯୧ ବର୍ଗଫୁଟ) ଜମି ପେପର ପ୍ଲେଟ୍ ଶିଳ୍ପ ପାଇଁ ଦିଆଯାଇଥିଲା। କିନ୍ତୁ ଜମି ଗ୍ରହୀତା ୨୨୦୦ ବର୍ଗଫୁଟରେ ଅଫିସ୍ ଓ ଗୋଦାମ ଘର, ୧୭୮୫ ବର୍ଗଫୁଟରେ କାରଖାନା କରିଥିଲେ ସୁଦ୍ଧା ୧୩,୪୦୬ ବର୍ଗଫୁଟ ଖାଲି ଜାଗା ଥିବା ଇଡ୍‌କୋ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ମିଳିବା ପରେ ସରକାରୀ ଜମିର ଏଭଳି ଅପବ୍ୟବହାର କେବଳ ଗୋଟିଏ ଅନୁଷ୍ଠାନ ପାଉଛି ନା ଆହୁରି ରହିଛନ୍ତି ତାହା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସରକାର ସେଥିପ୍ରତି ଧ୍ୟାନଦେଇ ବର୍ଷ ବର୍ଷ ଧରି ପଡ଼ି ରହିଥିବା ଜମିକୁ ନିଜ ହେପାଜତକୁ ନେବା ଆବଶ୍ୟକ ଥିବା ଓ ଅନ୍ୟ ଲୋକଙ୍କୁ ନିୟମ ମୁତାବକ ଦେବାକୁ କେତେଜଣ ବୁଦ୍ଧିଜୀବୀ ମତ ଦେଇଛନ୍ତି। କେତେକାଂଶରେ ବେକାରି ସମସ୍ୟା ଦୂରହେବା ସହ ଲୋକେ ରୋଜଗାରକ୍ଷମ ହୋଇପାରିବେ ବୋଲି ସେମାନେ କହିଛନ୍ତି। ଏ ନେଇ ଇଡ୍‌କୋ ଡେପୁଟି ମ୍ୟାନେଜର ଏ. ଓମ୍ ପ୍ରକାଶ ସୁବୁଦ୍ଧିଙ୍କୁ ପଚାରିବାରୁ ତଥ୍ୟରେ ସତ୍ୟତା ରହିଛି। ସରକାରୀ ଜମିର ଲିଜ୍ ବିଭିନ୍ନ ସ୍ତରରେ ତଦନ୍ତ ହେବା ପରେ ଜିଲାପାଳଙ୍କ ଅନୁମୋଦନ ପରେ ଓ ତାଙ୍କ ଦ୍ୱାରା ଆବଣ୍ଟନ ହୁଏ। ଏଥିସହ ଲିଜ୍ ନେଇଥିବା ସଂସ୍ଥା ଭବିଷ୍ୟତରେ ନିଜ ଶିଳ୍ପର ବିକାଶ ପାଇଁ ଆବଶ୍ୟକ ମୁତାବକ ଜାଗା ନେଇଥାନ୍ତି ବୋଲି ସେ କହିଛନ୍ତି।



Odisha Industrial Infrastructure Development Corporation
(A Government of Odisha Undertaking)
IDCO, Koraput Division, Sunabeda At: A.E.F.Colony ,Qr.No 4R 1/1, PO/Sunabeda-1 , 763 001 , Dist: Koraput ,Odisha, India
Telephone & Fax:- 06653-220211 Mail: Mail: dmkoraput@idco.in

ସୂଚନା ଅଧିକାର ଆଇନ ଅନୁଯାଇ ଶ୍ରୀ ସୁଶାନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ମାଗିଥିବା ସୂଚନା ର ବିବରଣୀ

୧. M/s. ସୁମନ୍ ଏଣ୍ଟରପ୍ରାଇଜର୍ସ କୁ କାଗଜ ପ୍ଲେଟ୍ ଏବଂ କପ୍ ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା ପାଇଁ ୨୦.୧୨.୨୦୧୧ ରିଖ A.c ୦.୪୦ ଜମି ବଣ୍ଟନ କରାଯାଇଛି | ପ୍ରୋଜେକ୍ଟ ରିପୋର୍ଟ (Annexure-I) ସଂଲଗ୍ନ ହୋଇଛି |
୨. ସମୁଦାୟ କ୍ଷେତ୍ର ବଣ୍ଟନ- ୧୮୭ x ୯୩ – ୧୭୩୯୧ (ବର୍ଗ ଫୁଟ)
ଅଫିସ୍ କାମ ଷ୍ଟୋର କ୍ଷେତ୍ର- ୨୨୦୦ (ବର୍ଗ ଫୁଟ)
କାରଖାନା ସେଡ୍ କ୍ଷେତ୍ର- ୧୭୮୫ (ବର୍ଗ ଫୁଟ)
ଖାଲି କ୍ଷେତ୍ର- ୧୩୪୦୬ (ବର୍ଗ ଫୁଟ)
୩. M/s. ସୁମନ୍ ଏଣ୍ଟରପ୍ରାଇଜର୍ସ ପରିସର ଭିତରେ କଣସି ବୃକ୍ଷରୋପଣ କରାଯାଇ ନାହିଁ |
୪. IDCO Industrial Estate, Kaki, Sunabeda ରେ ଜମି ବଣ୍ଟନ ବିବରଣୀ (Annexure-II) ରେ ପ୍ରଦାନ କରାଯାଇଛି |
୫. IDCO Industrial Estate, Kaki, Sunabeda ରେ allotment ପାଇଁ ଉପଲବ୍ଧ ଜମି ବିବରଣୀ (Annexure-II) ରେ ପ୍ରଦାନ କରାଯାଇଛି |
୬. IDCO ର ଦୁଇଟି Industrial Estate ସୁନାବେଡା -1 ରେ ସ୍ଥିତ, ଯଥା Industrial Estate, Kaki ଓ Industrial Estate, Chikapar |
୭. IDCO sunabeda 1 office ଦ୍ୱାରା ଆବଣ୍ଟିତ ଜମିର ବିବରଣୀ (Annexure-II & III) ରେ ପ୍ରଦାନ କରାଯାଇଛି |

David Kerketta
Public Information Officer
IDCO, Koraput Division

ଆର୍‌ଟିଆଇ ଦ୍ୱାରା ମିଳିଥିବା ତଥ୍ୟ।



ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। **–ଶ୍ରୀମା**



# କଫ୍ ସିରପ୍‌ର ମଜା

ଔଷଧର ବ୍ୟବସାୟିକ ଲାଭ ତୁଳନାରେ ମଣିଷ ଜୀବନ ଗୌଣ ହୋଇଗଲାଣି। ଯେଉଁ ଔଷଧ ଘାତକ, ତାହା ଉପରେ କାହାରି ଦୃଷ୍ଟି ନ ରହିଲା ଭଳି ମନେହେଉଛି। ଓଡ଼ିଶାରେ ବିଶେଷକରି ସମ୍ବଲପୁରରୁ ବାରମ୍ବାର ଜବତ ହେଉଥିବା କଫ୍ ସିରପ୍ ଏହା ପ୍ରମାଣ କରୁଛି। ମେ ୫ ତାରିଖରେ ସମ୍ବଲପୁର ପୋଲିସ ସହରର ବିଭିନ୍ନ ସ୍ଥାନରୁ ୫,୦୧୧ଟି କଫ୍ ସିରପ୍ ବୋତଲ ଜବତ କରିବା ସହ ୧୦ ଜଣଙ୍କୁ ଗିରଫ କରିଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ମେ ୪ ତାରିଖରେ ବରଗଡ଼ ପୋଲିସ ୮୩୧ଟି କଫ୍ ସିରପ୍ ବୋତଲ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ଏମାନେ ସମସ୍ତେ ଓଡ଼ିଶାର। କିନ୍ତୁ ପଶ୍ଚିମବଙ୍ଗ ହାଓ୍ୱଡ଼ାରୁ ଏମାନେ କଫ୍ ସିରପ୍ ଆଣି ସମ୍ବଲପୁରର ବିଭିନ୍ନ ସ୍ଥାନରେ ବିକ୍ରି କରିଥା'ନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସମ୍ବଲପୁରରେ ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ମଧ୍ୟ ବିପୁଳ ପରିମାଣରେ କଫ୍ ସିରପ୍ ଜବତ ହୋଇଛି। ଚଳିତବର୍ଷ ଫେବୃଆରୀ ୧୦ରେ ସମ୍ବଲପୁରରୁ ୧୨୮୭ ବୋତଲ ସିରପ୍ ଜବତ ହୋଇଥିଲା। ଏହା ସହ ୯ ଅକ୍ଟୋବର ୨୦୨୩ରେ ୫ ହଜାରରୁ ଅଧିକ ଏବଂ ୨୫ ମାର୍ଚ୍ଚ ୨୦୨୪ରେ ପାଖାପାଖି ୧୬ ହଜାର କଫ୍ ସିରପ୍ ବୋତଲ ଜବତ ହେବା ବେଧଡ଼କ ବେଆଇନ କାରବାରକୁ ସୂଚିତ କରୁଛି। ଦେଖିବାକୁ ଗଲେ ସମ୍ବଲପୁର କଫ୍ ସିରପ୍‌ର ପେଣ୍ଠ ପାଲଟିଗଲାଣି। ଏବେ ସମ୍ବଲପୁରରୁ ମୁଖ୍ୟତଃ କୋରାକ୍ସ ଓ ଓ୍ୱିନ୍ସରେକ୍ସ କଫ୍ ସିରପ୍ ଜବତ ହେଉଛି। ବିନା ପ୍ରେସ୍‌କ୍ରିପ୍‌ସନରେ ଏସବୁ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ ଚୋରାରେ ଏହାକୁ ମାଦକ ଦ୍ରବ୍ୟ ଅର୍ଥାତ୍ ନିଶା ଦ୍ରବ୍ୟ ଭାବେ ବିକ୍ରି କରାଯାଉଛି। ପୂର୍ବରୁ ବଲାଙ୍ଗୀରରେ ନକଲି ଔଷଧ ପ୍ରସ୍ତୁତକର୍ତ୍ତାମାନେ ସକ୍ରିୟ ଥିଲେ। ଏବେ ବାହ୍ୟ ରାଜ୍ୟଠାରୁ ଅସଲି ଔଷଧ କିଣି ଆଣି ମାଦକ ଦ୍ରବ୍ୟ ଭାବେ ବିକ୍ରି କରିବାରେ ନୂଆ ଗ୍ୟାଙ୍ଗ ଗଢ଼ି ଉଠିଲାଣି। ଏଥିସହିତ ନିଶା ସେବନକାରୀମାନେ ବିନା ପ୍ରେସ୍‌କ୍ରିପ୍‌ସନରେ ଏହିସବୁ କଫ୍ ସିରପ୍ କିଣି ନେଇଯାଉଛନ୍ତି। ଏହିସବୁ ସିରପ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ବିଶେଷକରି ପିଲାମାନଙ୍କ ପାଇଁ ଘାତକ।

ସମ୍ବଲପୁରରୁ ଜବତ ହେଉଥିବା କଫ୍ ସିରପ୍ ମାମଲାରେ ବେଆଇନ କାରବାରରେ ଜଡ଼ିତ ଲୋକଙ୍କୁ କେବଳ ଗିରଫ କରାଗଲେ ଏହାର ସମାଧାନ ବାଟ ବାହାରିବା କଷ୍ଟକର। ଏଠାରେ କୁହାଯାଇପାରେ ଯେ, କୌଣସି ରାଜ୍ୟ ସରକାର କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ କିଛି ପରିବର୍ତ୍ତନ ଦେଖାଯିବ ନାହିଁ। ଯେଉଁ ଔଷଧ କାରଖାନାରେ ଏସବୁ କାଶ ଔଷଧ ନିର୍ମିତ ହେଉଛି, ସେଠାରେ କୌଣସି ବେଆଇନ କାର୍ଯ୍ୟ ହେଉଥିବାର ପ୍ରମାଣ ମିଳିବା ଅସମ୍ଭବ। ଏହି ଉପଦ୍ରବକୁ ରୋକିବା ପାଇଁ ପୋଲିସର ଭୂମିକା ଅତ୍ୟନ୍ତ ଅର୍ଥହୀନ। କାରଣ ପୋଲିସ କିଛି କରିପାରିବ ନାହିଁ। ଗୋଟିଏ ପଟେ ନିଶାସକ୍ତଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ସହିତ ଅନ୍ୟପଟେ ଡ୍ରଗ୍ ଇନ୍ସପେକ୍ଟରମାନଙ୍କ ଦ୍ୱାରା କଡ଼ାକଡ଼ି ନିରୀକ୍ଷଣ କରାଇବା ଏକମାତ୍ର ବାଟ ବୋଲି କୁହାଯାଇପାରିବ। କାଶ ରୋକିବା ପାଇଁ ଔଷଧର ଚାହିଦା ରହିବା ସ୍ୱାଭାବିକ। ସମସ୍ୟାଟି ଉପୁଜୁଛି ଯେତେବେଳେ ତାହାର ବଦ୍‌ଉପଯୋଗ ହେଉଛି। ଭାରତରେ ତିଆରି ହେଉଥିବା କଫ୍ ସିରପ୍‌ର ଇତିହାସ ବିଦେଶରେ ମଧ୍ୟ ବଦନାମ ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ୨୦୨୨ରେ ଗାମ୍ବିଆରେ, ଭାରତର ହରିୟାଣାରେ ଉତ୍ପାଦିତ କଫ ସିରପ୍ ସେବନ କରି ୭୦ ଜଣ ପିଲାଙ୍କର କିଡ୍‌ନୀ ନଷ୍ଟ ହେବା ସହ ମୃତ୍ୟୁ ଘଟିବା ଖବର ସାମ୍ନାକୁ ଆସିଥିଲା। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏସବୁ ସିରପ୍‌ର ଗୁଣବତ୍ତା ମାନ ପୂରଣ କରୁ ନ ଥିବା ଦର୍ଶାଇଥିଲା। ତଥାପି ଏହାର ଉତ୍ପାଦନ ଓ ଯୋଗାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। କେବଳ କଫ୍ ସିରପ୍ ନୁହେଁ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବିଷାକ୍ତ ଔଷଧ ବେଆଇନ ଭାବେ ବିକ୍ରି ହେଉଛି। ଗତବର୍ଷ ଶେଷାର୍ଦ୍ଧରେ ଦି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତୀୟ ଔଷଧ ମହାନିରୀକ୍ଷକ ୧୬ଟି ଔଷଧକୁ ବିଷାକ୍ତ ଘୋଷଣା କରିଥିଲା। ଉଲ୍ଲେଖନୀୟ ଯେ, ବିଷାକ୍ତ ଘୋଷିତ ୧୬ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନ୍‌ମାର୍କର ଟେଲ୍‌ମା ଏଚ୍ ଓ ପିତ୍ତକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଥିଲା। ତେବେ ଦୁଇ ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ ନ କରିପାରିବାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍‌ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ନିୟାମକ ସଂସ୍ଥାମାନେ କଡ଼ା ଯାଞ୍ଚ ଓ ପଦକ୍ଷେପ ନେଲେ ହୁଏତ ଔଷଧଗୁଡ଼ିକର ଗୁଣବତ୍ତା ରକ୍ଷା ହୋଇପାରନ୍ତା। କିନ୍ତୁ ସ୍ୱାଭାବିକ ଭାବେ ବିପୁଳ ଅର୍ଥ ଅର୍ଜନ କରୁଥିବା ଔଷଧକମ୍ପାନୀଗୁଡ଼ିକ ସରକାରୀ ଯାଞ୍ଚ ସଂସ୍ଥାମାନଙ୍କୁ ଯଥେଷ୍ଟ ଖୁସି କରି ରଖିଥା'ନ୍ତି। ତେଣୁ ସମ୍ବଲପୁରରେ ମୁଣ୍ଡ ଟେକିଥିବା କଫ୍ ସିରପ୍‌ର ମନ୍ଦ ବ୍ୟବହାରକୁ ଅଟକାଇବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଭାବେ ମନେହେଉଛି।

# ରେକର୍ଡ ମାୟାରେ ବାୟା



ନିରଞ୍ଜନ ସାହୁ

ରେକର୍ଡ କରିବାର ନିଶା ଗୋଟିଏ ଗଢ଼ିବାର ନିଶା ନା ଭାଙ୍ଗିବାର, ତାହା ଅନେକ ସମୟରେ ଏକ ପ୍ରଶ୍ନବାଚୀ ପାଲଟିଯାଏ। ନୂଆ ରେକର୍ଡ ହେଉ ହେଉ ପୁରୁଣାଟି ଆପେ ଆପେ ଭାଙ୍ଗିଯାଏ, ତାକୁ ଭାଙ୍ଗିବାକୁ ପଡ଼େନି। ସେଇଆକୁ ଲକ୍ଷ୍ୟ କରି ବୋଧହୁଏ, କେବେ କବିଙ୍କ ଲେଖନୀରୁ ଝରି ଆସିଥିଲା ହୃଦୟଗ୍ରାହୀ ପଦଟିଏ– 'ଏକର ବିନାଶେ ଆରେକ ପ୍ରକାଶେ ଏତ ସୃଷ୍ଟି ନିତ୍ୟ ବିଧି।'

ଏବେ ଖୁବ୍ ନିକଟରେ ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଆମେରିକାର ଡିମୋକ୍ରାଟ ଦଳର ସିନେଟର କୋରୀ ବୁକର– ସେ ବିନା ବିରାମରେ ପଚିଶ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସିନେଟରେ ଭାଷଣ ଦେଇ ନିଜ ନାଁରେ ଯୋଡ଼ିଛନ୍ତି ଏଇ କୀର୍ତ୍ତି। ଏକାଦିକ୍ରମେ କହିଲେ, ଯଦିଓ ବୁଝାଏ ସେ ଏକୁଟିଆ ହିଁ କହୁଥିଲେ, ତା' ନୁହେଁ ମଝିରେ ମଝିରେ ତାଙ୍କୁ କିଛି ପ୍ରଶ୍ନ ପଚରା ଯାଉଥିଲା ଓ ତା'ର ସେ ଉତ୍ତର ଦେଉଥିଲେ। ଅର୍ଥାତ୍ ମଝିରେ ମଝିରେ ଟିକିଏ ନିଃଶ୍ୱାସ ନେବାକୁ ତାଙ୍କୁ ଆପେ ଆପେ ଫୁରୁସତ୍ ମିଳିଯାଉଥିଲା ସେଇ କ୍ରମରେ। ଅବଶ୍ୟ ତାଙ୍କ ଦେଶର ଆଇନ ସେମିତି କରିବାକୁ ଅନୁମତି ରହିଛି। ତାଙ୍କ ଆଗରୁ ଷ୍ଟ୍ରର୍ମ ଥର୍ମାଣ୍ଡଙ୍କ ନାଁରେ ସେଇ ରେକର୍ଡଟି ଥିଲା, ଯିଏ କି ୧୯୫୭ରେ ଚବିଶଘଣ୍ଟା ଅଠର ମିନିଟ୍ ଭାଷଣ ଦେଇ ରେକର୍ଡ ସୃଷ୍ଟି କରିଥିଲେ।

ରେକର୍ଡ କହିଲେ, ସାଧାରଣ ଭାବରେ ଗୋଟାଏ ଧାରଣା ରହିଛି, ଏକ ବିଶେଷ ସ୍ୱୀକୃତିର ତାହା ହେଲା ଯେମିତି କେହି ଜଣେ ଅସାଧାରଣ କୀର୍ତ୍ତିର ଅଧିକାରୀ ହେଲେ ତାଙ୍କୁ 'ରେକର୍ଡ କଲେ' ବୋଲି କୁହାଯାଏ। ତାଙ୍କ ଉପରେ ଫୁଲ ବର୍ଷାହୁଏ, କେବେ ପୁରସ୍କାର ମିଳେ, ଅନେକ ଲୋକଙ୍କର ନଜର ତାଙ୍କ ଉପରେ ପଡ଼େ। ଅନେକ ରେକର୍ଡ ନିତିଦିନ ତିଆରି ହୁଏ ସେମିତି ରେକର୍ଡ ନିଶା ଏତେ ବଢ଼ିଯାଇଛି ଯେ ସଂପୃକ୍ତ କାମଟି ଉପଯୋଗୀ କି ନୁହେଁ ତାକୁ ବୁଝିବାକୁ ଆଜି ଯେମିତି କାହାରି ବେଳ ନାହିଁ।

କେହି ଜଣେ ଜମି କିଣିଲା ପରେ ତାକୁ ନିଜ ନାଁରେ କରେଇ ନିଅନ୍ତି– ଯାହାକୁ ଦାଖଲ ଖାରଜ କୁହାଯାଏ। ଅର୍ଥାତ୍ ପୁରୁଣା ମାଲିକଙ୍କ ନାଁ ଖାରଜ ହୁଏ ଏବଂ ନୂଆ କ୍ରେତାଙ୍କ ନାଁ ସେଇ ଦରଜ ହୁଏ। ଏଥିରୁ ଆମେ ଅନୁମାନ କରିପାରିବା ରେକର୍ଡ ଅର୍ଥ କିଛି ଉଲ୍ଲେଖଯୋଗ୍ୟ କୃତି ନୁହେଁ ବରଂ ଯେତେ ମାମୁଲି ଜିନିଷ ଲେଖା ହୋଇ ରହିଲେ ତାହା ରେକର୍ଡ ପର୍ଯ୍ୟାୟଭୁକ୍ତ ସେଇ ଦୃଷ୍ଟିରୁ ଆମମାନଙ୍କ ମନଭିତରେ ରହିଥିବା ଧାରଣା ହୁଏତ ସଂଶୋଧନ ସାପେକ୍ଷ।

ଆଗରୁ ଗୋଟିଏ କଥା ଗାଁ ଗହଳିରେ ପ୍ରଚଳିତ




ଥିଲା– ସେଇଟି ହେଲା– ମନ୍ଦିର ତୋଳିଲେ ନାଁ, ବାଟରେ ଝାଡ଼ାଗଲେ ବି ନାଁ। ଅର୍ଥାତ୍ ଭଲ କାମ କଲେ ତାହା ନଥିରେ ଚଢ଼େ ଖରାପ କାମରେ ବି। ଅବଶ୍ୟ ପାଠକେ ବୁଝିବା କଥା, ପ୍ରଥମଟି ହେଲା ନାଁ କରିବା ଆଉ ଦ୍ୱିତୀୟଟି ହେଲା ନାଁ ପକେଇବା ; ଉଭୟରେ ଯଦିଓ ନାଁ ଶବ୍ଦଟି ରହିଛି ପ୍ରଥମଟିରେ ଏହାର ବ୍ୟବହାର ଏକ ସକାରାତ୍ମକ କ୍ଷେତ୍ରର ଉପଲବ୍ଧି ଏବଂ ଦ୍ୱିତୀୟ କ୍ଷେତ୍ରରେ ତାହା ଏକ ନକାରାତ୍ମକ ଟିପ୍ପଣୀ, ଯାହା ଆଣିଦିଏ ଅପଯଶ। ମାତ୍ର ଆଜିକାଲି ଲୋକମାନେ ଯାହା ହେଲେ ବି ଗୋଟେ ଆପଣେଇବା ଚାହାନ୍ତି।

ଆଜିକାଲିର ଯୁବ ପିଢ଼ିଙ୍କ ଭିତରେ ଏକ ପ୍ରବଣତା ସୃଷ୍ଟି ହୋଇଛି ଯେମିତି ଯେନତେନ ପ୍ରକାରେଣ ତାଙ୍କର ରେକର୍ଡ ଦରକାର। ଆଉ ସେମିତି ସାର୍ଟିଫିକେଟ ବାଣ୍ଟିବାପାଇଁ ଅନୁଷ୍ଠାନ ମାନଙ୍କର ବି ଅଭାବ ନାହିଁ, ଯେମିତି ଗିନିଜ ବୁକ୍ ଅଫ୍ ରେକର୍ଡସ, ଲିମକା ବୁକ୍ ଅଫ୍ ରେକର୍ଡସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଇତ୍ୟାଦି।


ରେକର୍ଡ କହିଲେ, ଆମ ଭିତରୁ ଯେମିତି କେହି ମନେ ପକେଇ ଦିଏ– କିଛି ଗୋଟାଏ ପରୀକ୍ଷା ହେଉଥିବ ଯିଏ ସବୁଠୁ ବେଶି ନମ୍ବର ରଖିଲା, ତାକୁ କୁହାଯାଏ ସିଏ ରେକର୍ଡର ଅଧିକାରୀ କିମ୍ବା ଗୋଟିଏ ସ୍ପୋର୍ଟ୍ସ କମ୍ପିଟିସନ୍ ହେଉଥିଲେ ଯିଏ ସର୍ବୋତ୍ତମ ସ୍ଥାନ ଅଧିକାର କରେ ସିଏ ହୁଏ ରେକର୍ଡର ଅଧିକାରୀ। କ୍ରିକେଟ ଆଜିକାଲି ଯୁବପିଢ଼ିଙ୍କ ମନ ଭିତରେ ଯେମିତି ପଶିଯାଇଛି ଯେ ଗୋଟିଏ ଆଇ.ପି.ଏଲ୍. ମ୍ୟାଚ ଦେଖିବାକୁ ହଜାର ହଜାର କିଲୋମିଟର ଯାଇ ତାହା ଦେଖିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି। କ୍ରିକେଟ ଏତେ ଅଧିକ ଲୋକପ୍ରିୟ ହେବାର ଆଉ ଗୋଟିଏ ବିଶେଷ କାରଣ ହେଲା ସେଥିରେ ରେକର୍ଡ ସଂଖ୍ୟା ଅନ୍ୟ ଯେକୌଣସି ଖେଳଠୁ ଅଧିକ। ବଲ୍‌ଟିଏ ବୋଲିଂ ହେବା ମାତ୍ରେ ରେକର୍ଡରେ ତାହା ଯୋଡ଼ି ହୋଇଯାଏ। ଏମିତି କି ଗୋଟିଏ ଇନିଂସ ଭିତରେ କିଏ କେତୋଟି ଚାରି ବା ଛଅ ମାରିଲା ତାକୁ ନେଇ ବି ରେକର୍ଡ।

ଆଉ ଯେଉଁ ରେକର୍ଡ ଦେବାପାଇଁ ସଂସ୍ଥାମାନେ ଅଛନ୍ତି ସେମାନେ ଯୁବପିଢ଼ିଙ୍କ ମନ ଆଉ ମଗଜକୁ ଠିକ୍ ତଉଲିଥାନ୍ତି। ଧରନ୍ତୁ ଆପଣ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌କୁ ଜଣେଇଲେ ଆପଣ ବିଧାମାରି ଗୋଟିଏ ମିନିଟ୍‌ରେ ସର୍ବାଧିକ ପଇଡ଼ ଫଟେଇ ପାରିବେ– ଆପଣଙ୍କୁ ଗୋଟିଏ ଭିଡିଓ ପଠେଇବା ପାଇଁ ସେମାନେ କହିପାରନ୍ତି ଏବଂ ଆପଣ ତାଙ୍କର ନିୟମ ମୁତାବକ ଦେୟ ଡିପୋଜିଟ୍ କଲେ ତାଙ୍କ ତରଫରୁ ପର୍ଯ୍ୟବେକ୍ଷକ ନିର୍ଦ୍ଦିଷ୍ଟ ଦିନରେ ଆପଣଙ୍କ ପ୍ରସ୍ତାବିତ ସ୍ଥାନରେ ପହଞ୍ଚିଯିବେ। ଆପଣ ଯେଉଁ କଳା ପ୍ରଦର୍ଶନ କରିବେ ତା'ର ଭିଡିଓ କରିବା ସହିତ ଆପଣଙ୍କୁ ଗୋଟିଏ ସାର୍ଟିଫିକେଟ ଧରେଇ ଦେବେ। ଅର୍ଥାତ୍ ଆପଣ ବିଧାମାରି ମିନିଟରେ ଏତେ ସଂଖ୍ୟକ ପଇଡ଼ ଫଟେଇଛନ୍ତି। ଅଦ୍ଭୁତ ରକମର ଖେଳକୁ ଏଇ ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ– ଯାହାର କୌଣସି ଠିକଣା କି ପରିଭାଷା ଖେଳ ଜଗତରେ ନାହିଁ– ମାତ୍ର ଆପଣ ଗୋଟିଏ ରେକର୍ଡର ଅଧିକାରୀ ହେଲେ ବୋଲି ପରିଗଣିତ ହେବେ, ଯାହାର କୌଣସି ଉପଯୋଗିତା ନାହିଁ। ଯାହାର ସାମାଜିକ ଯଥାର୍ଥ ନାହିଁ, ସେପରି ରେକର୍ଡ ବା ପ୍ରଶଂସାପତ୍ରର କିଛି ଆବଶ୍ୟକତା ଅଛି କି ? ଯେମିତି କିଏ ମିନିଟିଏ ସମୟରେ ଶହେପାଞ୍ଚ ଅଣ୍ଡା ଗିଳିଲା, କିଏ ଏକ ଗୋଡ଼ିଆ ହୋଇ ଦେଢ଼ଦିନ ଠିଆ ହେଲା ଇତ୍ୟାଦି।

ବହୁ ପ୍ରାଚୀନ କାଳରେ ଭଗବାନଙ୍କ ନିକଟରେ ଲୋକେ ନିଜର ସନ୍ତାନ ସନ୍ତତିଙ୍କ ପାଇଁ କିଛି ଯାଚା କଲାବେଳେ ଶ୍ଲୋକ ପାଠ କରୁଥିଲେ। 'ଆୟୁ ଦେହୀ ଯଶୋ ଦେହୀ ଦେହୀ ମେ ଗଣନାୟକ', ଅର୍ଥାତ୍ କେବଳ ଆୟୁଷ ଦେଲେ ତାହା କୌଣସି କାମକୁ ନୁହେଁ ଯଦି ସେଇ ସମୟ ଭିତରେ ମଣିଷ ଯଶର ଅଧିକାରୀ ନ ହେଲା। ମନେପଡୁଛି ପୁତନାଙ୍କ ମୁହଁରେ ଅବତାରଣା କରାଯାଇଥିବା ଏକ ସଂସ୍କୃତ ଶ୍ଲୋକର ଅର୍ଥ– ଯେଦିଓ ପୃଥିବୀ ତୁଳନାରେ ପୃଥିବୀରେ ଥିବା ପର୍ବତ ସାନ ମାତ୍ର ଶବ୍ଦତତ୍ତ୍ୱ ଅନୁସାରେ ତାହା ପୃଥିବୀଠାରୁ ଭାରୀ କାରଣ ପର୍ବତକୁ କୁହାଯାଏ ମହୀଧର। ପର୍ବତକୁ ନିଜର ଅଙ୍ଗୁଳିରେ ଟେକି ଧରିଥିଲେ ବୋଲି ଶ୍ରୀକୃଷ୍ଣଙ୍କୁ କୁହାଯାଏ ଗୋବର୍ଦ୍ଧନଧାରୀ। ହେଲେ ସେଇ ଶ୍ରୀକୃଷ୍ଣଙ୍କୁ ପୁତନା ଯେହେତୁ ନିଜର ସ୍ତନପାନ କଲାବେଳେ ସ୍ତନାଗ୍ରରେ ଟେକି ଦେଇଥିଲା ସେଇ କ୍ରମରେ ସେ କହୁଛି ମୋତେ ଶ୍ରୀକୃଷ୍ଣଙ୍କଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯିବା କଥା ମାତ୍ର ସତରେ ତାହା ହେଲା କି ତାହା ଥିଲା ଏକ ଘୃଣ୍ୟକାମ। ସେ ଆସିଥିଲା କଂସର ନିର୍ଦ୍ଦେଶରେ ଶ୍ରୀକୃଷ୍ଣଙ୍କୁ ବଧ କରିବାପାଇଁ। ତେଣୁ ତାହାର ସାମୟିକ କର୍ମ ପାଇଁ ତାଙ୍କୁ ଜୀବନ ସାରା ଲଜ୍ଜା ସହିବାକୁ ହେଲା। ସଂକ୍ଷିପ୍ତରେ କହିଲେ ଯେଉଁ କାମ କଲେ ଜଣେ ଯଶପ୍ରାପ୍ତି କରେ ତାହାସିନା ଯୁବପିଢ଼ିଙ୍କର ଧେୟ ହୁଅନ୍ତା। ତୁଚ୍ଛା ରେକର୍ଡ ଖାଲି ପୁତନାର ଦୀର୍ଘଶ୍ୱାସ ସିନା– ଏଇଆ କ'ଣ ମନେରଖିବେ ଆଜିର ଯୁବସମାଜ।

**ମୋ: ୯୪୩୮୪୮୨୯୧୧**

# ଶିକ୍ଷା ବନାମ ସାକ୍ଷରତା



ଇପ୍ସିତା ମହାନ୍ତି

୧୯୮୬ରେ ପ୍ରଥମ ଥର ପାଇଁ 'ସମସ୍ତଙ୍କ ପାଇଁ ଶିକ୍ଷା'ର ନାରା (ସ୍ଲୋଗାନ) ଦିଆଯାଇଥିଲା। ଯାହା ଏଯାଏ ଶୁଭୁଛି। ଏହା ନୂଆ ନୁହେଁ। ଏପ୍ରିଲ ୨୦୨୫ରେ ଅର୍ଥାତ୍ ଶିକ୍ଷାବର୍ଷ ୨୦୨୫–୨୬ରୁ ଆମ ରାଜ୍ୟରେ ନୂତନ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ ହେବା ଉଚିତ, ସମସ୍ତେ ଶିକ୍ଷିତ ହେବା ଉଚିତ ଏକଥା ଭାରତର ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଶିକ୍ଷାର ସାର୍ବଜନୀନକରଣ ହେବା ଉଚିତ। କିନ୍ତୁ ଏସବୁର ଉଦ୍ଦେଶ୍ୟ କ'ଣ ? ଶିକ୍ଷା କ'ଣ ଲୋକମାନଙ୍କୁ ପଢ଼ିବା ଏବଂ ଲେଖିବାର କ୍ଷମତା ଦେବ ? ଅବା ଶିକ୍ଷା ଦ୍ୱାରା ଲୋକଙ୍କ ମଧ୍ୟରେ ଏପରି କିଛି ଶକ୍ତି ଜାଗ୍ରତ ହେବ, ଯଦ୍ୱାରା ସେମାନେ ଦୁର୍ବଳ ଅନୁଭବ କରିବେ ନାହିଁ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ଅନୁଭବ କରିବା ପରିବର୍ତ୍ତେ ନିଜ ମଧ୍ୟରେ ଭିନ୍ନ ଏକ ଶକ୍ତି ଜାଗ୍ରତ କରିପାରିବେ ? ବାସ୍ତବରେ ଶିକ୍ଷା ସେହି ଶକ୍ତିକୁ ଜାଗ୍ରତ କରିଥାଏ, ଗୁଣକୁ ଅର୍ଜିତ କରିବା ସହିତ ବିକଶିତ କରିଥାଏ। ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଜାଗ୍ରତ କରିବା। କୌଣସି ନୂତନତ୍ୱ ଆଣିବା ପରିବର୍ତ୍ତେ ଶିକ୍ଷା ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିକୁ ବିକଶିତ କରିଥାଏ। କିନ୍ତୁ କିଭଳି ଏବଂ କେତେ ବିକାଶ ଘଟିବ ତାହା ନୂତନ ଶିକ୍ଷାନୀତିର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର।

ଯେତେବେଳେ ଆମେ ଶିକ୍ଷା ଓ ଶିକ୍ଷିତ ପ୍ରସଙ୍ଗ ଉପରେ ଆଲୋଚନା କରୁ ସେତେବେଳେ କୃଷକ ପ୍ରଶ୍ନ କରେ ଏଥିରୁ ମୁଁ କି ଲାଭ ପାଇବି ! ମହିଳାମାନେ ପଚାରନ୍ତି ଏଥିରୁ ଆମକୁ କି ଲାଭ ମିଳିବ ! ଯେଉଁମାନେ ଚାଷ କରିବା ଜାଣନ୍ତି, ସେମାନେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ପାରନ୍ତି । ନିଜ ପାଇଁ ଆୟ କରିପାରନ୍ତି। ପଢ଼ିବା ଏବଂ ଲେଖିବା ଯେ ସେମାନଙ୍କୁ କୌଣସି ବିଶେଷ ଲାଭ ପ୍ରଦାନ କରିବ ! ଶିକ୍ଷା ସେମାନଙ୍କୁ ନୂତନ ସୂଚନା ଦେବ ! ଏଥିରୁ ସେମାନେ କିଛି ନୂଆ ଶିଖିବେ ! ନୂତନ ଆଲୋକ ପାଇବେ ! ଆମେ ଏପରି ପ୍ରଶ୍ନର ଉତ୍ତର ହଁରେ ଦେବାକୁ ଅସମର୍ଥ। ଆମେ କେବଳ ଏହା କହିଥାଉ ଯେ ପଢ଼ିବା ଏବଂ ଲେଖିବା ଦ୍ୱାରା ଅନ୍ଧକାର ଦୂର ହେବ। ଯଦି ଆମେ କିଛି ଲେଖାପଢ଼ା ଶିଖିଯିବା ତେବେ ପୂର୍ବ ତୁଳନାରେ ଆମେ ଉନ୍ନତତର ହୋଇଯିବା। 'କ–ଖ–ଗ' ଅର୍ଥାତ୍ ବହିର କିଛି ଅକ୍ଷର ପଢ଼ିଦେଲେ ଯେ ପୂର୍ବାପେକ୍ଷା ଉନ୍ନତତର ହୋଇଯିବା ଏକଥାର ମର୍ମ ଏଯାଏ ବୁଝି ହୁଏନି। ଶିକ୍ଷା ଯେ ପର୍ଯ୍ୟନ୍ତ ସୁପ୍ତ ଥିବା ଶକ୍ତିକୁ ଜାଗ୍ରତ ନ କରାଇଛି ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ଗୁଣଗୁଡ଼ିକ ବିକଶିତ ହେବନାହିଁ। ଏହାକୁ ଶିକ୍ଷା କୁହାଯାଇ ପାରିବ ନାହିଁ। ନିଜ ସମସ୍ୟାର କିପରି ବିଶ୍ଳେଷଣ କରିବ, ସମାଧାନର ପନ୍ଥା କିପରି ଖୋଜିବ, ସାମୂହିକ ଭାବରେ ଏହାର ସମାଧାନ କିପରି କରାଯିବ – ଏହି ବିଷୟଗୁଡ଼ିକ ଉପରେ ଶିକ୍ଷା ଯେ ପର୍ଯ୍ୟନ୍ତ ଆଲୋଚନା ନ କରିଛି, ଯେ ପର୍ଯ୍ୟନ୍ତ ଏହା ଲୋକଙ୍କୁ ସାମୂହିକ ଭାବରେ ବଞ୍ଚିବାକୁ ଶିଖାଏ ନାହିଁ ଏବଂ ସାମୂହିକ ଭାବରେ ନିଜ ଶକ୍ତି ଜାଗ୍ରତ କରିବାକୁ ଲକ୍ଷ୍ୟ ରଖି ନାହିଁ, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା ସମ୍ଭବ ନୁହେଁ।

ସର୍ବଶିକ୍ଷା ନିଜେ ଅତିବ୍ୟାପକ। ବ୍ୟକ୍ତି ତଥା ସମାଜର ପରିବର୍ତ୍ତନ ତଥା ଜାଗୃତି ପାଇଁ ସର୍ବଶିକ୍ଷା ଅଭିଯାନ ଆବଶ୍ୟକ। ସାକ୍ଷରତା ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଲୋକଙ୍କ ଶକ୍ତି ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ଅଭିଯାନ ବିଷୟରେ ଆଲୋଚନା କରିବା ପୂର୍ବରୁ, ପ୍ରଥମେ ସାକ୍ଷରତା



କ'ଣ ଜାଣିବା ଆବଶ୍ୟକ। ସାକ୍ଷରତାର ଅର୍ଥ ହେଉଛି ସମାଜର ଯେଉଁମାନେ ଲେଖାପଢ଼ା ଜାଣନ୍ତି ନାହିଁ, ଶିକ୍ଷାର ଆଲୋକଠାରୁ ଦୂରରେ ଅଛନ୍ତି ସେମାନଙ୍କୁ ସାକ୍ଷର କରିବା। ସମାଜକୁ ବୁଝିବା ପାଇଁ ସାକ୍ଷରତା ହିଁ ନୂତନ ଦର୍ଶନ ପ୍ରଦାନ କରେ। ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ଏହା ମାର୍ଗଦର୍ଶନ କରେ। ଏହା ଏକ ଅର୍ଥପୂର୍ଣ୍ଣ କର୍ତ୍ତବ୍ୟ, ଯାହାଦ୍ୱାରା ନିଜ ଭାବନାକୁ ଆମେ ଠିକ ଭାବରେ ପ୍ରକାଶ କରନ୍ତି। ନିରକ୍ଷର ବ୍ୟକ୍ତିର ବୁଝିବା ଏବଂ ବିଚାର କରିବା ଶକ୍ତି ଅପେକ୍ଷାକୃତ କମ୍ ହୋଇଥାଏ। ଦ୍ରୁତ ଗତିରେ ଦୌଡ଼ି ଚାଲୁଥିବା ଆଜିର ଏହି ଦୁନିଆରେ ଆନୁଷ୍ଠାନିକ ଶିକ୍ଷାର ଅଭାବରେ କାଗଜପତ୍ର ଏବଂ ଅନଲାଇନ ଦୁନିଆରୁ ସୁରକ୍ଷା ମିଳିବ ନାହିଁ। ଅନ୍ୟର ସାହାଯ୍ୟ ସହଯୋଗରେ ହିଁ ସେ ଏହି ବଳୟ ମଧ୍ୟରୁ ବାହାରି ପାରିବ।

ସାକ୍ଷରତା କେବଳ ଅକ୍ଷର ଏବଂ ସଂଖ୍ୟାର ଖେଳ ନୁହେଁ। ଏହା ମାଧ୍ୟମରେ ଏକସଙ୍ଗେ ଅନେକ ମାର୍ଗ ଖୋଲିଯାଏ। ସାମାଜିକ ଏବଂ ଭାବଗତ ଏକତା, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଛୋଟ ପରିବାରର ଧାରଣା, ପରିବେଶର ସୁରକ୍ଷା ଏବଂ ମହିଳାଙ୍କ ସମାନତା ଏସବୁ ଏହାର ଅଂଶ ବିଶେଷ। ସଂଖ୍ୟା ଓ ଅକ୍ଷରର ସମାହାର ହେଉଛି ଆଲୋକ ଜଗତ। ଆଲୋକ ବିସ୍ତାରିତ ହେଲେ କୌଣସି କୋଣ ଅନ୍ଧକାର ରହିବ ନାହିଁ। ମାର୍ଚ୍ଚ ୧୯୯୦ରେ ଥାଇଲାଣ୍ଡର ଜୋମଟିନ ନାମକ ସଂସ୍ଥା ଏକ ବିଶ୍ୱ ସମ୍ମିଳନୀ ଆୟୋଜନ କରିଥିଲା। ଏହାର ବିଷୟ କ୍ଷେତ୍ର ଥିଲା ଅତି ବ୍ୟାପକ। ଶିଶୁମାନଙ୍କ ପାଇଁ ପ୍ରାକ ପ୍ରାଥମିକ, ବାଳକ ବାଳିକାଙ୍କ ପାଇଁ ପ୍ରାଥମିକ ଏବଂ ଯୁବକ, ପ୍ରୌଢ଼ମାନଙ୍କ ପାଇଁ ସାକ୍ଷରତା ଓ ଦକ୍ଷତା କୌଶଳ ତାଲିମ ବିଷୟରେ ଅନେକ କଥା ଗୋଟିଏ ମଞ୍ଚରେ କୁହାଯାଇଥିଲା, ଶୁଣାଯାଇଥିଲା ଏବଂ ଚିନ୍ତା କରାଯାଇଥିଲା।

ବିକାଶର ପ୍ରଥମ ସର୍ତ୍ତ ହେଉଛି ଶିକ୍ଷା। ଶିକ୍ଷା ପାଇଁ ହିଁ ମାନବ ଆଜି ଶ୍ରେଷ୍ଠ ସମ୍ବଳ। ଶିକ୍ଷା କ୍ଷେତ୍ରରେ ଯାହା ବି ଖର୍ଚ୍ଚ ହୁଏ ତାହା ମାନବଙ୍କ ପାଇଁ ଖର୍ଚ୍ଚ ହୁଏ। ଏକ କାରଖାନାରେ ମେଶିନ (ଯନ୍ତ୍ରପାତି) ସ୍ଥାପନ କରାଯାଏ। ସେଥିରୁ ଯାହା ଉତ୍ପାଦିତ ହୁଏ ତାହା ଆମ କାମରେ ଆସେ। କିନ୍ତୁ ଶିକ୍ଷା ମାଧ୍ୟମରେ ଆମେ ମାନବଙ୍କ ଉପରେ ଅଧିକ କିଛି ଖର୍ଚ୍ଚ କରି ଦେଶକୁ ଏଭଳି ଏକ ସଂସାଧନ ଦେବାକୁ ପ୍ରୟାସ କରିବା ଉଚିତ, ଯାହା ବିକାଶକୁ ତ୍ୱରାନ୍ୱିତ କରିପାରିବ। ଏହି ଲକ୍ଷ୍ୟରେ ଦେଶର କୋଟି କୋଟି ପୁରୁଷ ଏବଂ ମହିଳାଙ୍କୁ ସାକ୍ଷର କରି ସେମାନଙ୍କୁ ଜାତୀୟ ବିକାଶର ଅଂଶୀଦାର କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସାକ୍ଷରତା ମିଶନକୁ ଜନ ଅଭିଯାନ ରୂପରେ ଆରମ୍ଭ କରାଯାଇଛି।

୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ସାକ୍ଷରତାର ଲକ୍ଷ୍ୟ ହାସଲ ଉପରେ ନୂତନ ଶିକ୍ଷା ନୀତି ଗୁରୁତ୍ୱ ଦେଇଛି। ଲୋକଙ୍କୁ ବ୍ୟବହାରିକ ଜ୍ଞାନ କୌଶଳ ବିଷୟରେ ଶିକ୍ଷା ଦେବା ଉଭୟ ଶିକ୍ଷା ଏବଂ ସାକ୍ଷରତାର ପ୍ରୟାସ ହେବା ଉଚିତ। ସମସ୍ତଙ୍କ ପାଇଁ ଏହା ଏକ ବିଚାରଯୋଗ୍ୟ ବିଷୟ। ଏପରି କୌଶଳ ଲୋକଙ୍କୁ ଦୈନନ୍ଦିନ ଜୀବନରେ ସାହାଯ୍ୟ କରିବ ଏବଂ ସହଜରେ ସେମାନେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ଲେଖିବା ଏବଂ ପଢ଼ିବା ଏକ ବ୍ୟବହାରିକ କୌଶଳ। ଏହି କୌଶଳ ବିନା ଜୀବନ ଜଟିଳ ହୋଇଯାଏ। ନିରକ୍ଷର ସହ ଅଧାରୁ ପ୍ରାଥମିକ ଶିକ୍ଷା ଛାଡୁଥିବା ବ୍ୟକ୍ତି ଅଶିକ୍ଷାର ବଳୟ ମଧ୍ୟରେ ରହିଯାଏ। ସମାଜ ସେମାନଙ୍କୁ ନୀଚ ଦୃଷ୍ଟିରେ ଦେଖେ। ସେମାନଙ୍କ ବ୍ୟକ୍ତିଗତ ବିକାଶ ପଥରେ ଅନେକ ବାଧା ସୃଷ୍ଟି ହୁଏ। ଶେଷରେ ପ୍ରଶ୍ନ ଉଠୁଛି ଶିକ୍ଷା ଏବଂ ସାକ୍ଷରତାର ଅର୍ଥ ସମାନ କି ? ନିଷ୍ପତ୍ତି ଆପଣଙ୍କର।

**ବୈପାରୀଗୁଡ଼ା, କୋରାପୁଟ**
**ମୋ:୬୩୭୦୬୭୯୪୦୫**

## ଏଇ ଭାରତରେ

ମଧ୍ୟପ୍ରଦେଶର ଗୋପାଳ ଭାଲୱାଲ ରାଜଗଡ଼ର ମୋହନପୁର କଲୋନିରେ ଥିବା ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲରେ ଶିକ୍ଷକ ଅଛନ୍ତି। ତାଙ୍କ କର୍ତ୍ତବ୍ୟ କେବଳ ଶିକ୍ଷାଦାନରେ ସୀମିତ ରହିନାହିଁ, ବରଂ ସେ ପିଲାଙ୍କୁ ପଢ଼ାଇବା ସହ ସ୍କୁଲର ପାରିପାର୍ଶ୍ୱିକ ପରିବେଶର ଉନ୍ନତିକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୮ରେ ମୋହନପୁର କଲୋନିରେ ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା। ଆରମ୍ଭରୁ ଏହି ସ୍କୁଲକୁ ଅଧିକ ପିଲା ଆସୁ ନ ଥିଲେ। ସ୍କୁଲରେ ମାତ୍ର ୨୩ ପିଲା ଥିଲେ। ସ୍କୁଲ୍‌ର ସ୍ଥିତି ମଧ୍ୟ ସେତେ ଭଲ ନ ଥିଲା। ଶ୍ରେଣୀଗୃହସବୁ ଅନ୍ଧାରିଆ ରହୁଥିଲା। ଏଭଳି ସ୍ଥିତି ଦେଖି ସ୍କୁଲକୁ ଆକର୍ଷଣୀୟ କରିବା ସକାଶେ ଭାଲୱାଲ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସ୍କୁଲରେ ରଙ୍ଗ ଦେଇଥିଲେ। ପରେ ସ୍କୁଲ ପରିସରରେ ଏକ ବଗିଚା ସହ ଜଳଯୋଗାଣର ବ୍ୟବସ୍ଥା କରିଛନ୍ତି। ସେ ମଧ୍ୟ ସେଠାରେ ଏକ ପାଠାଗାର କରିଛନ୍ତି। ଭାଲୱାଲଙ୍କ ଏଭଳି ପ୍ରଚେଷ୍ଟା ଦେଖି ପିଲାମାନେ ଅଧିକ ସଂଖ୍ୟାରେ ନାମ ଲେଖାଇବା ଆରମ୍ଭ କରିଦେଲେ। ବର୍ତ୍ତମାନ ଉକ୍ତ ସ୍କୁଲରେ ପିଲାସଂଖ୍ୟା ୧୦୦ରେ ପହଞ୍ଚିଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ମେ ୧୯୭୬

- ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ହଂସୁଆ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ।
- ଭାରତର ପୂର୍ବତନ ପ୍ରଧାନ ବିଚାରପତି କେ. ସୁବାରାଓଙ୍କ ୭୪ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. କରଣ ସିଂହ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀ ମନୋନୟନ କମିଟିର ଚେୟାରମ୍ୟାନ ଭାବେ ନିର୍ବାଚିତ।

## sudoku – ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| 3 | | | 9 | | | 6 | | |
| 6 | 9 | | | 8 | | 1 | | |
| 4 | | | | | | | 8 | |
| | | | 5 | 6 | | 4 | | |
| | 8 | 2 | 1 | | | | | |
| | 7 | | | | | | 6 | |
| | | | | | 5 | 8 | 1 | 2 |
| | | 3 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 1 | 7 | 3 | 8 | 5 | 2 | 4 |
| 2 | 4 | 5 | 1 | 9 | 6 | 7 | 3 | 8 |
| 8 | 7 | 3 | 2 | 5 | 4 | 9 | 6 | 1 |
| 1 | 3 | 2 | 4 | 6 | 7 | 8 | 9 | 5 |
| 9 | 5 | 8 | 3 | 1 | 2 | 6 | 4 | 7 |
| 4 | 6 | 7 | 9 | 8 | 5 | 2 | 1 | 3 |
| 3 | 8 | 4 | 6 | 7 | 9 | 1 | 5 | 2 |
| 5 | 2 | 9 | 8 | 4 | 1 | 3 | 7 | 6 |
| 7 | 1 | 6 | 5 | 2 | 3 | 4 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାସନରେ ଅପରାଧୀ ନେତା

ମହାଶୟ,

ମାଙ୍କଡ଼ ହାତରେ ଶାଳଗ୍ରାମ ଭଳି ଏତେ ବଡ଼ ଦେଶର ଶାସନଭାର ନେତାମାନେ ସମ୍ଭାଳୁଛନ୍ତି। ଦେଖିବାକୁ ଏମାନଙ୍କ ମଧ୍ୟରେ ଅନେକ ଅପରାଧରେ ଜଡ଼ିତ ଥିଲେ ମଧ୍ୟ ନିର୍ବାଚିତ ହୋଇଛନ୍ତି। ବହୁ ସମୟରେ ଭୋଟ ପୂର୍ବରୁ ଦଳଗୁଡ଼ିକ ଅପରାଧୀଙ୍କୁ ଟିକେଟ ନ ଦେବା ଲାଗି କହୁଥିଲେ ବି ତାହା ସମ୍ଭବ ହେଉନାହିଁ। କଳେବଳେ କୌଶଳେ ସେମାନେ ପଶିଆସୁଛନ୍ତି। ଜଣାପଡ଼େ ଯେ, ବିଭିନ୍ନ ଅସତ୍ ଉପାୟରେ ହିଁ କ୍ଷମତା ଦଖଲ ଚାଲିଛି। କଳେ ବଳେ ଆସନ ଦଖଲ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। କେବଳ ଶାସକ ଦଳ ନୁହେଁ ଅନ୍ୟ ଦଳମାନଙ୍କରେ ଅପରାଧୀମାନେ ରହିଛନ୍ତି। ଖବରରୁ ଜଣାପଡୁଛି, ଶାସକ ଦଳରେ ଆପରାଧିକ ମାମଲା ଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ଜାଣିବା ସହଜ ଯେ ଭାରତ ଭଳି ଏକ ସର୍ବୋତ୍କୃଷ୍ଟ ଗଣତନ୍ତ୍ର ଦେଶରେ ଅପରାଧୀ ନେତାଙ୍କୁ ସ୍ଥାନ ଦେବା ଠିକ୍ ନୁହେଁ।

**–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରାଣ–ରସାଳସେ
ରୂପର ମୋହବଶେ
ହୋଇଲା ଉଦେ ଯେଉଁ ପୀରତି
ଭାବର ଭାଷା–ଜାଲେ
ଲୁଚାଇ ସେ ଆବେଗ
ରଚିଲି କବିତାର କୀରତି।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗ୍ରାମବାସୀଙ୍କୁ ହତ୍ୟା ଧମକ

**ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ଦିଗପହଣ୍ଡି,୬।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ଗୁରୁବୁଡ଼ି ପଞ୍ଚାୟତ ବିରିବାଡିଆ ଗ୍ରାମର ଚିତ୍ରସେନ ମଲ୍ଲିକ ଗତ ଏପ୍ରିଲ ୨୨ ତାରିଖ ମଧ୍ୟାହ୍ନଠାରୁ ନିଖୋଜ ଥିଲେ। ୨୩ ତାରିଖ ସକାଳେ ଗାଁ ନିକଟ ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଥିଲା। ଥାନାରେ ନଂ.୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇଥିଲା। ଚିତ୍ରସେନଙ୍କ ପରିବାର ଲୋକେ ହିଁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରିଥିବା ନେଇ ଗ୍ରାମର କେତେ ଜଣ ବ୍ୟକ୍ତି ପୋଲିସକୁ ଜଣାଇଥିଲେ। ଏନେଇ ଚିତ୍ରସେନଙ୍କ ପୁଅ ଅଜୁ ମଲ୍ଲିକ ଘଟଣା ପରଠାରୁ ଉତ୍ତେଜିତ ହୋଇ ଗ୍ରାମର ବହୁ ସଂଖ୍ୟକ ଲୋକଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ଗ୍ରାମର ମିଟୁ ମଲ୍ଲିକ ଏନେଇ ସୋମବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ମାମଲା ନଂ.୧୬୦/୨୫ରେ ଅଜୁଙ୍କ ବିରୋଧରେ ମାମଲା ରୁଜୁ କରି ଏଏସଆଇ ଝୁନୁ ମାଝୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

# ବଳାତ୍କାର ପୀଡ଼ିତାଙ୍କୁ ଅପହରଣ ପାଇଁ ସୁପାରି

## ୬ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ସମ୍ବଲପୁର, ୬।୫ (ପ୍ରମୋଦ ବହିଦାର)



ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ଦ୍ୱାରା ଗିରଫ ୬ ଅଭିଯୁକ୍ତ।

ସମ୍ବଲପୁର ଜିଲା ଝୁଝୁମୁରା ଥାନା କୁଶାମୁରା ପଞ୍ଚାୟତ ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତା ଆଦିବାସୀ ନାବାଳିକାଙ୍କୁ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ବଳାତ୍କାର ଅଭିଯୁକ୍ତ ୩୦ ହଜାର ସୁପାରି ଦେଇ ପୀଡ଼ିତାଙ୍କୁ ଅପହରଣ ଯୋଜନା କରିଥିଲେ। କୋର୍ଟରେ ତାଙ୍କ ସପକ୍ଷରେ ବୟାନ ଦେବାକୁ ପୀଡ଼ିତାଙ୍କୁ ଚାପ ପ୍ରୟୋଗ ପାଇଁ ଏଭଳି କାର୍ଯ୍ୟ କରିଥିଲେ। ହେଲେ ଠିକଣା ସମୟରେ ପୋଲିସ ପହଞ୍ଚି ଯିବାରେ ଅପହରଣ ଉଦ୍ୟମ ପଣ୍ଡ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୬ଜଣଙ୍କୁ ଗିରଫ କରିଥିବାବେଳେ ବଳାତ୍କାର ଅଭିଯୁକ୍ତ ଝୁଝୁମୁରାର ନବକିଶୋର ନାଏକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହୀରାକୁଦ ଅଞ୍ଚଳର ଅଭିଷେକ ପଲାଇ, ବିବେକ ସିନ୍ହିଆ, ବବଲୁ ବେହେରା, ପ୍ରକାଶ ଗଉଡ଼, ରୋହିତ ଛଞ୍ଜାନ୍, କାଲୁ ବାହାଦୁର। ଏମାନଙ୍କ ସହ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ଧରିଛି। ସେମାନଙ୍କ ନିକଟରୁ ଏକ କାର (ଓଆର୍-୧୫-ଜେ-୫୪୮୮), ଲୁହାଛଡ଼, ପିସ୍ତଲ, ଭୁଜାଲି, ପ୍ଲାଷ୍ଟିକ ରଶି, କଳାରଙ୍ଗର ମୁଖା, ୬ଟି ମୋବାଇଲ ଫୋନ ଏବଂ ନଗଦ ୧୭ ହଜାର ୫୦୦ ଟଙ୍କା ଜବତ ହୋଇଛି। ଏ ନେଇ ଝୁଝୁମୁରା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୮୯(୨), ୧୪୦(୧), ୨୩୨, ୬୧(୨), ୬୨, ୩୫୧(୨), ୧୧୧(୧)(୩),୧୯୧(୩), ୧୯୦ରେ ଏକ ମାମଲା(ନଂ.୮୭/୨୫) ରୁଜୁ କରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ପ୍ରକାଶ ଜେମ୍ସ ଟପ୍ପୋ ଏକ ଖବରଦାତା ସମ୍ମିଳନୀରେ ଏହା କହିଥିଲେ।

ଏଏସ୍‌ପି ଟୋପ୍ପୋଙ୍କ ସୂଚନା ଅନୁସାରେ, ଝୁଝୁମୁରା ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ନବକିଶୋରଙ୍କ ଘରେ ଘରୋଇ କର୍ମଚାରୀଭାବେ କାମ କରୁଥିଲେ। ଏହି ସମୟରେ ସେ ସମ୍ପୃକ୍ତା ନାବାଳିକାଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଇ ବଳାତ୍କାର କରିଥିଲେ। ୨୦୨୪ ଜୁନ ୫ ତାରିଖରେ ପୀଡ଼ିତା କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ପୀଡ଼ିତା ତାଙ୍କ ମା'ଙ୍କ ସହ ଝୁଝୁମୁରା ଥାନାରେ ନବକିଶୋରଙ୍କ ନାମରେ ବଳାତ୍କାର ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏକ ମାମଲା (ନଂ.୧୦୩/୨୪) ରୁଜୁ କରି ପୋଲିସ ନବକିଶୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମ୍ବଲପୁର ପୋକ୍‌ସୋ ଅଦାଲତରେ ବିଚାରାଧୀନ ବଳାତ୍କାର ମାମଲାରେ ସେ ଗିରଫ ହୋଇ ଜେଲରେ ଥିଲେ। ନିକଟରେ ସେ ଜାମିନରେ ଆସିଥିଲେ। ଆସନ୍ତା ୧୪ ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇବାକୁ ଥିବାରୁ କୌଣସିମତେ ନାବାଳିକାଙ୍କୁ ଅପହରଣ କରି ତାଙ୍କ ସପକ୍ଷରେ ବୟାନ ଦେବାକୁ ଚାପ ପ୍ରୟୋଗ କରିବାକୁ ନବକିଶୋର ଯୋଜନା କରିଥିଲେ।

ସୋମବାର ରାତି ପ୍ରାୟ ୧୦ଟା ୩୦ରେ ନବକିଶୋର ନାଏକ ଦୁଇଟି କାରରେ ଉପରୋକ୍ତ ଅଭିଯୁକ୍ତମାନଙ୍କ ସହିତ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ପୀଡ଼ିତା ଓ ତାଙ୍କ ପରିବାର ଲୋକ ସେମାନଙ୍କୁ ଦେଖି ଘର କବାଟ ବନ୍ଦ କରି ପୋଲିସକୁ ଖବର ଦେଇଥିଲେ। ଝୁଝୁମୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ମାତ୍ର ନବକିଶୋର ସେଠାରୁ କୌଣସିମତେ ଖସି ପଳାଇଥିଲେ। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ପୀଡ଼ିତା ନାବାଳିକାଙ୍କୁ ଅପହରଣ କରିବା ପାଇଁ ସେମାନଙ୍କୁ ନବକିଶୋର ୩୦ହଜାର ଟଙ୍କା ସୁପାରି ଦେଇଥିଲେ ବୋଲି କହିଥିଲେ। ଅଭିଯୁକ୍ତଙ୍କ କହିବା ଅନୁସାରେ ସେମାନେ ରବିବାର ରାତିରେ ପୀଡ଼ିତାଙ୍କୁ ଅପହରଣ ପାଇଁ ତାଙ୍କ ଗ୍ରାମକୁ ଯାଇଥିଲେ। ମାତ୍ର ପରିବାର ଲୋକ କୌଣସିମତେ ମୁଖ୍ୟ ଅଭିଯୁକ୍ତ ନବକିଶୋରଙ୍କୁ ଚିହ୍ନି ପାରି ଘର କବାଟ ଖୋଲି ନ ଥିଲେ। ଫଳରେ ସେମାନଙ୍କ ପ୍ରଥମ ଅପହରଣ ଉଦ୍ୟମ ବିଫଳ ହୋଇଥିଲା।

# କଳାବାଘ ଶିକାରୀ ଗିରଫ

**୪ ବାଘନଖ ଜବତ, ବନ୍ଧୁକ ଜବତ**

ବାରିପଦା,୬।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ଶିକାରୀ ରବୀନ୍ଦ୍ର ନାୟକ

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରୁ କଳାବାଘ ଶିକାର ଘଟଣାରେ ଦୀର୍ଘଦିନ ଧରି ଫେରାର ଥିବା ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କାଣିକୁଣ୍ଡଳ ଗ୍ରାମର ରବୀନ୍ଦ୍ର ନାୟକ(୨୪)।

ସୂଚନା ଅନୁଯାୟୀ, ଶିମିଳିପାଳରୁ କଳାବାଘ ଶିକାର ଘଟଣାରେ ବନ ବିଭାଗ ତଦନ୍ତ ଚଳାଇଥିଲା। ଏଥିରେ ସଂପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ଫେରାର ହୋଇଯାଇଥିଲେ। କୋର୍ଟ ପକ୍ଷରୁ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ତେବେ ରବୀନ୍ଦ୍ର ଗୁଜରାଟରେ ଥିବା ନେଇ ବନ ବିଭାଗର ଗୋଇନ୍ଦା ସଂସ୍ଥା ଓ ଭୋପାଳର ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) କେନ୍ଦ୍ରୀୟ ଟିମ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ତେବେ ଶିମିଳିପାଳର ନିଜସ୍ୱ ଗୋଇନ୍ଦା ନେଟୱର୍କ ସହାୟତାରେ ରବୀନ୍ଦ୍ରଙ୍କୁ ବନ ବିଭାଗ ଗିରଫ କରିଛି। ତାଙ୍କ ଘରୁ ବାଘ ଶିକାରରେ ବ୍ୟବହୃତ ଗୋଟିଏ ବନ୍ଧୁକ ଓ ୪ଟି ବାଘନଖ ଜବତ ହୋଇଛି। ଏହି ମାମଲାରେ ବନ ବିଭାଗ ଅଦ୍ୟାବଧି ୧୧ ଜଣଙ୍କୁ ଗିରଫ କରିସାରିଲାଣି। ଅନ୍ୟ ୪ ଜଣ ଏବେବି ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

# ଘରୁ ଡାକି ନେଇ ନାବାଳିକାଙ୍କୁ ବଳାତ୍କାର

**ଅଭିଯୋଗ ଆଣିଲେ ପରିବାର, ଯୁବକ ଅଟକ**

ଦଶମନ୍ତପୁର, ୬।୫ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ଥନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ପରିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଦଶମନ୍ତପୁର ପୋଲିସ ଗାଁର ଜଣେ ଯୁବକଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ନାବାଳିକା ଘର ବାରଣ୍ଡାରେ ବସିଥିବା ବେଳେ ସେହି ଗ୍ରାମର ଜଣେ ଯୁବକ କୌଣସି କାମ ଥିବା କହି ତାଙ୍କୁ ଡାକିଥିଲେ। ଗାଁର ସମ୍ପର୍କୀୟ ଭାବି ସେ ତାଙ୍କ ସହ ଯାଇଥିଲେ। କିନ୍ତୁ ଯୁବକ ଜଣଙ୍କ ଗାଁଠାରୁ ୩୦୦ ମିଟର ଦୂର ଏକ ଗଛ ନିକଟକୁ ନେଇ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ନଚେତ୍ ତାଙ୍କ ପାଖରେ ଥିବା ଫଟୋଗୁଡିକ ଭାଇରାଲ କରିଦେବେ କହି ବଳାତ୍କାର କରିଥିଲେ। ପରିବାର ଲୋକେ ତାଙ୍କୁ ଘରେ ନ ପାଇ ଖୋଜାଖୋଜି କରିଥିଲେ। ଏହା ମଧ୍ୟରେ ରାତି ପ୍ରାୟ ୧୨ଟାରେ ନାବାଳିକା ଜଣକ ଘରକୁ ଫେରି ସମସ୍ତ ଘଟଣା ପରିବାରକୁ ଜଣାଇଥିଲେ। ଏହାପରେ ନାବାଳିକାଙ୍କ ବାପା ମଙ୍ଗଳବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କୁ ଗିରଫକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାବାଳିକା ଓ ପରିବାର ଲୋକେ ଦାବି କରିଛନ୍ତି। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ସୁକୁମା ହାଁସଦା ଓ ଟିମ୍ ତଦନ୍ତ କରୁଛନ୍ତି। ପୋଲିସ ଗାଁର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ହାଁସଦା ସୂଚନା ଦେଇଛନ୍ତି।

# ଦରମା, ଜିଏସ୍‌ଟି ଆଳରେ ଅର୍ଥ ହଡ଼ପ ଅଭିଯୋଗ

- **କେନ୍ଦୁଝର ଡିଏମ୍‌ଏଫ୍‌ରେ ହେରଫେର**
- **ରିଲିଜ୍ ହୋଇଛି ଅଧିକ, ଦିଆଯାଇଛି କମ୍**

କେନ୍ଦୁଝର/ହାଟଡ଼ିହୀ, ୬।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଅନୁଦାନରେ ବ୍ୟାପକ ଆର୍ଥିକ ହେରଫେର ହୋଇଛି। ପୂର୍ବରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ଏପରିକି ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ବେଳେ ତଦନ୍ତ ନିର୍ଦ୍ଦେଶ ହୋଇଛି। ଏବେ ପୁଣି ଏକ ଅନିୟମିତତା ସୂଚନା ଅଧିକାର ଆଇନ ବଳରେ ଧରାପଡ଼ିଛି। ଏ ନେଇ ବିଭିନ୍ନ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଅଭିଯୋଗ ହୋଇଛି। ଏମ୍‌ପି ଆବଶ୍ୟକ ପନ୍ଥା ଗ୍ରହଣ କରିବା ସହିତ ଜିଲାପାଳଙ୍କ ସହ କଥା ହେବେ ବୋଲି କହିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଦସ୍ତାବିଜ ଅନୁସାରେ, କେନ୍ଦୁଝର ଡିଏମ୍‌ଏଫ୍‌ରେ ପିଏମ୍‌ୟୁ (ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍) ଭାବେ ଇଆଣ୍ଡୱାଇ ଏଲଏଲପି ନାମକ ଏକ ସଂସ୍ଥା ସହ ୩ ବର୍ଷ ପାଇଁ ଗତ ୭ ଏପ୍ରିଲ ୨୦୨୨ରେ ଏଗ୍ରିମେଣ୍ଟ ହୋଇଥିଲା। ଏଗ୍ରିମେଣ୍ଟ ପରବର୍ତ୍ତୀ ସମୟ ୧୯ ନଭେମ୍ବର ୨୦୨୨ରେ ଅନୁଷ୍ଠିତ ୧୧ତମ ଟ୍ରଷ୍ଟ ବୋର୍ଡ ବୈଠକରେ ଅନୁମୋଦନ ହୋଇନି କି ବଜେଟ ପ୍ରସ୍ତାବ ଆଗତ ହୋଇନି। ଏଗ୍ରିମେଣ୍ଟରେ ୩ ବର୍ଷ ପାଇଁ ଉକ୍ତ ସଂସ୍ଥାର କଣ୍ଟ୍ରାକ୍ଟ ପ୍ରାଇସ୍ ୧୭ କୋଟି ୫ ଲକ୍ଷ ୫୭ ହଜାର ୨୦୦ ଟଙ୍କା ଥିଲା। ସେଥିମଧ୍ୟରୁ ୧୮ ଶତକଡ଼ା ହିସାବରେ ୨ କୋଟି ୬୦ ଲକ୍ଷ ୧୭ ହଜାର ୨୦୦ ଟଙ୍କା ଜିଏସ୍‌ଟି ବାବଦରେ ରହିଛି। ଏଥିସହ ପିଏମ୍‌ୟୁ ଭାବେ କାର୍ଯ୍ୟରତ ଉକ୍ତ ସଂସ୍ଥା ଟିମ୍ ଲିଡର ବିତନ ହାୱଲାଦାରଙ୍କ ମାସିକ ଦରମା ବାବଦରେ ୩ ଲକ୍ଷ ୪୫ ହଜାର ଟଙ୍କା, ୧୮ ଶତକଡ଼ା ଜିଏସ୍‌ଟି ବାବଦରେ ୬୨ ହଜାର ୧୦୦ ଟଙ୍କା ମୋଟ ୪ ଲକ୍ଷ ୭ ହଜାର ୧୦୦ ଟଙ୍କା ଡିଏମ୍‌ଏଫ୍‌ରୁ ରିଲିଜ୍ ହୋଇଛି। କିନ୍ତୁ ପେମେଣ୍ଟ ରିକ୍ୱେଷ୍ଟ ଭାଉଚର କପିରେ ଦରମା ବାବଦରେ ୯୯ ହଜାର ଟଙ୍କା ଏବଂ ଜିଏସ୍‌ଟି ପ୍ରଦାନ ହୋଇ ନ ଥିବା (ଶୂନ)ଉଲ୍ଲେଖ ରହିଛି। ସଂସ୍ଥା ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏପରି ସମାନ ଘଟଣା ଘଟିଛି । ଦରମା ଏବଂ ଜିଏସ୍‌ଟି ବାବଦରେ ଉକ୍ତ ସଂସ୍ଥା ଡିଏମଏଫ ଫଣ୍ଡରୁ ଗତ ୨୦୧୭ରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଅନେକ କୋଟି ଟଙ୍କା ଚଳୁ କରିଦେଇଥିବା ନେଇ ଓଡ଼ିଶା ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ଜିଲାପାଳ, ମିନିଷ୍ଟ୍ରି ଅଫ୍ ମାଇନ୍ସ, ପ୍ଲାନିଂ ଆଣ୍ଡ କନଭରଜେନ୍ସ (ପିଆଣ୍ଡସି) ବିଭାଗରେ ଅଭିଯୋଗ ହୋଇଛି। ପିଆଣ୍ଡସି ବିଭାଗର ଆଡିଶନାଲ ସେକ୍ରେଟାରି ପ୍ରଦ୍ୟୁମ୍ନ ମହାକୁଡ଼ କହିଛନ୍ତି, ରିଲିଜ ହୋଇଥିବା ଦରମା ଏବଂ ଜିଏସ୍‌ଟି ଟଙ୍କା ହେରଫେର, ଅନିୟମିତତା ସଂକ୍ରାନ୍ତୀୟ ଅଭିଯୋଗ ମିଳିଛି। ଏ ଦିଗରେ ବିଭାଗୀୟ ପଦକ୍ଷେପ ଆରମ୍ଭ ହୋଇଛି। ଜିଲାପାଳ ବିଶାଲ ସିଂ କହିଛନ୍ତି, ଅଭିଯୋଗ ପାଇଛି, ସେ ଦିଗରେ ଅନୁଧ୍ୟାନ କରାଯିବ।

# ଶମ୍ବର ଶିକାର: ୨ ଗିରଫ, ମାଂସ, ଚମଡ଼ା ଜବତ

ରାଇକିଆ,୬।୫ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକ କରଡ଼ା ରେଞ୍ଜର ପାତ୍ରପୁର ଗ୍ରାମରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶମ୍ବର ଶିକାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗ୍ରାମର କାଲୁ ମଲ୍ଲିକ ଏବଂ ଦାରିଙ୍ଗବାଡି ଅଞ୍ଚଳ କୁମ୍ଭାରବାଡି ଗ୍ରାମର ଏସିଆନ ପ୍ରଧାନ। ଉଭୟେ ସୋମବାର ରାତିରେ ଶମ୍ବର ଶିକାର କରିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବିଭାଗୀୟ ରେଞ୍ଜର ସବନମ ସାହୁଙ୍କ ନିର୍ଦ୍ଦେଶରେ ଗ୍ରାମରେ ଚଢାଉ କରାଯାଇଥିଲା। ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଧରିବା ସହ କର୍ମଚାରୀମାନେ ସେମାନଙ୍କ ନିକଟରୁ ୫ କେଜି ଶମ୍ବର ମାଂସ, ଚମଡା ଜବତ କରିଥିଲେ। ଫରେଷ୍ଟର ଅଜିତ ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଅକ୍ଷୟ ମଲ୍ଲିକ, ବିକାଶ ମଲ୍ଲିକ, ସ୍ୱାଗତିକା ଗୌଡ, ରବି ଶଙ୍କର ଦିଗାଲ ଏବଂ ସ୍କ୍ୱାଡ ଟିମ ଚଢାଉରେ ସାମିଲ ହୋଇଥିଲେ। ନଂ. ୧୨/୨୫ରେ ଏକ ମାମଲା ରୁଜୁ ହୋଇଛି।


ଗିରଫ ୨ ଅଭିଯୁକ୍ତ

# 'ସ୍ୱାମୀଙ୍କୁ ଛଡ଼ାଇନେବା ଭୟରେ ହାଣିଦେଲି'

**ଜଙ୍ଗଲରୁ ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ**

ଉଦଳା,୬।୫ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମ ଜଙ୍ଗଲରୁ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୨ ମହିଳାଙ୍କ ସମେତ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ୱାମୀଙ୍କୁ ଛଡ଼ାଇନେବା ଭୟରେ ତାଙ୍କ ପ୍ରେମିକାଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ନେଇ ମୁଖ୍ୟ ଅଭିଯୁକ୍ତ ସ୍ୱୀକାର କରିଥିବା ପୋଲିସ କହିଛି। ପ୍ରକାଶ ଯେ, ଗତ ୪ ତାରିଖରେ ବିଦ୍ୟାଧରନଗର ଗ୍ରାମ୍ୟ ଜଙ୍ଗଲରେ ସେହି ଗ୍ରାମର ମାଦେ ସିଂ(୩୫)ଙ୍କ ମୃତଦେହ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା(ନଂ.୧୦୩/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା। ଘଟଣାର ଖୋଳତାଡ଼ ପରେ ପୋଲିସ ମାଦେ ସିଂଙ୍କୁ ହତ୍ୟାକରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ରହିଥିବା ବେଳେ ଜଣେ ପୁରୁଷ ଅଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ ସଏ ଏବଂ ସହଯୋଗୀ ଦୁଃଖିଆ ସଏ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସଏ। ନିଜ ସ୍ୱାମୀଙ୍କୁ ମୃତା ମହିଳାଙ୍କ ପାଖରୁ ବଞ୍ଚାଇବା ପାଇଁ ବାଟରୁ ହଟାଇଦେଇଥିବା କହିଛନ୍ତି ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ। ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ ଏକୁଟିଆ ରହୁଥିବା ମୃତା ମାଦେ ସିଂଙ୍କୁ ସାବିତ୍ରୀଙ୍କ ସ୍ୱାମୀ ପ୍ରତାପ ସଏ ଭଲ ପାଉଥିଲେ। ପ୍ରତାପଙ୍କୁ ନିଜ ପାଖରେ ରଖିବାକୁ ଚେଷ୍ଟା କରିଥିଲେ ମାଦେ । ଏହାକୁ ନେଇ ପୂର୍ବରୁ ମାଦେ ଏବଂ ସାବିତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ସ୍ୱାମୀ ପ୍ରତାପଙ୍କ ପାଖରୁ ଦୂରେଇ ରହିବା ପାଇଁ ମାଦେଙ୍କୁ ବାରମ୍ବାର ଚେତାବନୀ ଦେଇଥିଲେ ମୁଖ୍ୟ ଅଭିଯୁକ୍ତ ସାବିତ୍ରୀ। ହେଲେ ମାଦେ ତାହା ନ ଶୁଣିବାରୁ ଶେଷରେ ଗତ ଶନିବାର ସନ୍ଧ୍ୟାରେ ମାଦେ ସୋନ ଡ୍ୟାମ୍ ନିକଟରେ ବସିଥିବା ବେଳେ ସାବିତ୍ରୀ ହଠାତ୍ ସେଠାରେ ପହଞ୍ଚିଥିଲେ। ସାବିତ୍ରୀଙ୍କୁ ଦେଖି ମାଦେ ସେଠାରୁ ଦୌଡ଼ି ପଳାଉଥିବା ବେଳେ ଏକ ଧାରୁଆ କଟୁରିରେ ମାଦେଙ୍କ ବେକକୁ ହାଣି ସାବିତ୍ରୀ ହତ୍ୟା କରିଥିଲେ । ହତ୍ୟା ପରେ ଗ୍ରାମର ଦୁଃଖିଆ ସଏ ଏବଂ ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କୁ ଡାକି ମୃତଦେହ ନେଇ ଜଙ୍ଗଲରେ ଫିଙ୍ଗିଦେଇ ଆସିଥିଲେ। ପୋଲିସ ଘଟଣାର ତଦନ୍ତକରି ୩ ଜଣଙ୍କୁ ଗିରଫ ପରେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି।

## ମା'ବାପାଙ୍କ ଭୁଲ୍ ପାଇଁ ଜେଲ ଗଲେ ୩ ଶିଶୁ

ଉଦଳା,୬।୫(ସନ୍ତୋଷ କୁମାର ବାଛିନୀ)- ଦୁନିଆ କ'ଣ ଭଲ ଭାବେ ଜାଣି ନ ଥିବା ୩ ଶିଶୁ ମା' ବାପାଙ୍କ ଭୁଲ୍ ପାଇଁ ଜେଲ ହାଜତକୁ ଯାଇଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ବିଦ୍ୟାଧରନଗର ଗ୍ରାମର ମାଦେ ସିଂଙ୍କୁ କଟୁରିରେ ହାଣି ହତ୍ୟା କରିବା ଅଭିଯୋଗରେ ସାବିତ୍ରୀ ସଏ ଏବଂ ତାଙ୍କ ସହଯୋଗୀ ଦୁଃଖିଆ ସଏ ଏବଂ ସ୍ତ୍ରୀ ଜୟନ୍ତୀ ଜେଲ ଯାଇଛନ୍ତି। ମୁଖ୍ୟ ଅଭିଯୁକ୍ତ ସାବିତ୍ରୀଙ୍କ ୨ ବର୍ଷର ପୁଅ ଏବଂ ଦୁଃଖିଆଙ୍କ ୪ ବର୍ଷର ଝିଅ ଓ ୩ ବର୍ଷର ପୁଅ ମଧ୍ୟ ମା' ବାପାଙ୍କ ସହ ଜେଲ ଯାଇଥିବା ସୂଚନା ମିଳିଛି।


झारखण्ड सरकार
पेयजल एवं स्वच्छता विभाग

ई–प्रोक्योरमेन्ट सूचना (प्रथम आमंत्रण)
ई–निविदा सूचना संख्या - (धनबाद) 06/2025-26
तिथि – 05-05-2025 (शुद्धि पत्र)

इस कार्यालय द्वारा विज्ञापित ई–प्रोक्योरमेन्ट निविदा सूचना संख्या–06/2025–26 (PR No-351154 Drinking water and Sanitation(25-26):D में आंशिक संशोधन किया जाता है, जो निम्नप्रकार से है–

1.वेबसाईट पर निविदा प्रकाश की तिथि–02.05.2025 के स्थान पर 07.05.2025 पढ़ा जाये।
2.निविदा प्राप्ति (ऑन लाईन) की अन्तिम तिथि–13.05.2025 के स्थान पर 16.05.2025 पढ़ा जाये।
3.निविदा का मूल्य एवं अग्रधन राशि ऑन लाईन जमा करने का अंतिम तिथि–13.05.2025 के स्थान पर 16.05.2025 पढ़ा जाये।
4. तकनीकी बीड खोलने की तिथि–14.05.2025 के स्थान पर 17.05.2025 पढ़ा जाये।

नोट :– अन्य सभी जानकारी तथा शर्तें पूर्ववत रहेंगें।

(मयंक कुमार भगत) कार्यपालक अभियंता
पेयजल एवं स्वचछता यांत्रिक प्रमंडल,धनबाद
PR 351766 (Drinking Water and Sanitation)25-26*D



ପୂର୍ବ ତଟ ରେଳପଥ

(1)ଟେଣ୍ଡର ସଂ.eT-M-LM-GRI-PUI-34-2025
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର ଟ୍ରେନ୍ ନଂ. 18477/78, 18425/26 (ଗ୍ରୁପ୍-I)ର ବେଡ୍ ରୋଲ୍ ଲିନେନ୍ ଗୁଡ଼ିକର ଯାନ୍ତ୍ରିକୃତ ସଫେଇ (Mechanized Washing)।
ବିଜ୍ଞାପିତ ମୂଲ୍ୟ : ₹ 7,69,66,137.84, EMD : ₹ 5,34,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-

(2)ଟେଣ୍ଡର ସଂ.eT-M-PURI-CCTV-35-2025
କାର୍ଯ୍ୟର ନାମ : ଏକ ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋର LHB କୋଚ୍‌ଗୁଡ଼ିକରେ ପ୍ରଦାନ କରାଯାଇଥିବା କ୍ଲୋଜ୍‌ଡ ସର୍କିଟ୍ ନିରୀକ୍ଷଣ ପ୍ରଣାଳୀ (CCTV)ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି କାର୍ଯ୍ୟର ଆଉଟ୍‌ସୋର୍ସିଙ୍ଗ୍।
ବିଜ୍ଞାପିତ ମୂଲ୍ୟ : ₹ 1,44,23,036.16, EMD : ₹ 2,22,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-

ଶେଷ ହେବା ଅବଧି : 24 ମାସ (କ୍ରମ ସଂ. 1 ପାଇଁ) ଓ 12 ମାସ (କ୍ରମ ସଂ. 2 ପାଇଁ)।
ବିଡ୍ ଆରମ୍ଭ ହେବା ତାରିଖ : 07.05.2025 (କ୍ରମ ସଂ. 1 ପାଇଁ) ଓ 08.05.2025 (କ୍ରମ ସଂ. 2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 21.05.2025, 1300 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ 22.05.2025, 1500 ଘଟିକାରେ (କ୍ରମ ସଂ. 2 ପାଇଁ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର କୋଚିଙ୍ଗ୍ ଡିପୋ ଅଧିକାରୀ / ପୁରୀ
PR-97/Q/25-26



Government of India
Government of India
Ministry of Skill Development & Entrepreneurship
Directorate General of Training (DGT)
Skill India कौशल भारत-कुशल भारत

CITS ADMISSION NOTICE - SESSION 2025-26

Admission to courses under Craft Instructor Training Scheme (CITS) at National Skill Training Institutes (NSTIs) and Institute of Training of Trainers (ITOTs) for the academic session 2025-26 will be made through All India Common Entrance Test (AICET), scheduled to be held on 25.06.2025. Applications are invited for Computer based Test (online) on www.nimionlineadmission.in from the eligible candidates w.e.f. from 08.05.2025 to 28.05.2025 to appear in the entrance test at various centers across the country.
For more details : www.nimionlineadmission.in

Last date to submit the applications 28.05.2025

CBC 63101/11/0001/2526



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED a young and dynamic SALES EXECUTIVE
for selling Automotive Battery based in PURI & BHUBANESWAR for a reputed Distributor.
Interested candidates may send resumes to
email ID: tbsa.bbsr@gmail.com
Call -7008713919

ରୋଷେଇ ପାଇଁ ସ୍ତ୍ରୀ ଲୋକ ଆବଶ୍ୟକ
ଭୁବନେଶ୍ୱର ଟଙ୍କପାଣି ରୋଡରେ ରହିବାର ସୁବିଧା ଅଛି। ଘରେ ରୋଷେଇ କରିବାକୁ ସ୍ତ୍ରୀ ଲୋକ ଦରକାର।
- ଯୋଗାଯୋଗ -
9437357532 / 8917516693

REQUIRED
ONE DRIVER and ONE COOK (Female)
Lodging and Fooding arrangements is ours only for Bhubaneswar.
9338675380, 7894505580

WANTED
Applications are invited for temporary appointment for Jr. Steno, Data Entry Operator, Accounts Assistant, Accounts Officer and Assistant Secretary in the office of Odisha State Bar Council, Cuttack. For details visit the official website of Odisha State Bar Council :
www.odishabarcouncil.org



OFFICE OF THE EXECUTIVE ENGINEER
Road Construction Department,
Road Division, Daltonganj.

e-Procurement Short Tender Notice 2nd Call
e-Tender Ref No.- 2/RCD/Daltonganj/2025-26/414
Dated:- 05.05.2025

| | | |
|---|---|---|
| 1. | Name of Work | IRQP Work of Chiyanki-Rajwadih ByPass (Total Length - 6.00 Km.) Road for the year 2023-24. |
| 2. | Estimated Cost | Rs. 4,78,31,835.21 (Rupees Four Crore Seventy Eight Lacs Thirty One Thousand Eight Hundred Thirty Five and Twenty One Paise) Only. |
| 3. | Bid Security (Amount) | Rs. 4,78,500.00 (Rupees Four Lacs Seventy Eight Thousand Five Hundred) Only. |
| 4. | Time of Completion | 04 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 22.05.2025, 12:00 Noon |
| 7. | Date and Time of Bid opening | 23.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562–225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e-Procurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in.
Executive Engineer
Road Construction Department
Road Division, Daltonganj.
PR 351750 (Road)25-26*D

# ୧୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୬।୫(ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା କଟାଗୁଡେମ ଜିଲ୍ଲା ଏସ୍‌ପିଙ୍କ ନିକଟରେ ମଙ୍ଗଳବାର ୧୪ ହାତକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୩ ଛତିଶଗଡ଼ର ହୋଇଥିବା ବେଳେ ଜଣେ ମହିଳା ମାଓବାଦୀ ତେଲଙ୍ଗାନାର ବୋଲି ଜଣାପଡ଼ିଛି। ଏମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାପାଇଁ ନିଷ୍ପତି ନେଇଥିବା ବେଳେ ବର୍ତ୍ତମାନ ମାଓ ସଂଗଠନରେ ନୂଆ ଆଦର୍ଶ ନାହିଁ ଏବଂ ଛତିଶଗଡ଼ ଓ ତେଲଙ୍ଗାନା ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ତେଲଙ୍ଗାନା ସରକାର ଏମାନଙ୍କୁ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ସହ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି।



ଆତ୍ମସମର୍ପଣ କରିଥିବା ମାଓବାଦୀ।

# ହୋଟେଲରେ ଚଢ଼ାଉ, ୨୦ ହଜାର ଜରିମାନା ଆଦାୟ

ଜୟପୁର,୬।୫ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲ୍ଲା ଜୟପୁର ସହରରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ହେଲେ ଜୟପୁର, ସିଗନେଚର, ମା ତାରିଣୀ, ହୋଟେଲ ହାଇ ଏଣ୍ଡ ହିଲ୍ ଭଳି ଅନେକ ହୋଟେଲରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ହୋଟେଲ ପରିବେଶ, ଖାଦ୍ୟ ତିଆରି ସାମଗ୍ରୀ, ରନ୍ଧା ଖାଦ୍ୟ ମାନ ତଦାରଖ ହୋଇଥିଲା। ଖରାପ ତେଲ, ଖାଇବା ସାମଗ୍ରୀ ସହ ଖରାପ ସାମଗ୍ରୀ ସବୁକୁ ନଷ୍ଟ କରାଯାଇଛି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଚଢ଼ାଉ ସମୟରେ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ପ୍ରଭାସ କୁମାର ସେଠୀ, ଅତିରିକ୍ତ ପୌର ନିର୍ବାହୀ ଅଧିକରୀ କୃତ୍ତିବାସ ସାହୁ, ପୌର କର୍ମଚାରୀ ଭୁବନୀ ହାଲବା, ଜଗଦୀଶ ରାଓ, ସତ୍ୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କରାଟେ ଚାମ୍ପିୟନ୍‌ସିପ୍‌ରେ କୋରାପୁଟର ୧୬ କରାଟେକା

ସେମିଲିଗୁଡା, ୬।୫(ବାସୁଦେବ ବରାଡ)

ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା କରାଟେ ଚାମ୍ପିୟନସିପରେ କୋରାପୁଟ ଜିଲ୍ଲା ସେମିଲିଗୁଡା ଉତ୍କଳ କରାଟେ ସ୍କୁଲର ୧୬ କରାଟେକା ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ୩୭ତମ କାଡେଟ୍, ଜୁନିୟର ଓ ୩୨ତମ ସବ୍ ଜୁନିୟର ଚ୍ୟାମ୍ପିଅନସିପ୍ ମେ'ରୁ ୧୧ ପର୍ଯ୍ୟନ୍ତ ଭୁବନେଶ୍ୱର ଉତ୍କଳ କାରାଟେ ସ୍କୁଲରେ ଆୟୋଜିତ ହେବ। ସେମିଲିଗୁଡ଼ାର ଅନୁମାନ ରାଉତ, ରୁଦ୍ରାଂଶ କୁମାର ସାମଲ, ଅକାଂକ୍ଷା ମହାନ୍ତି, ଏଞ୍ଜେଲ ଅଭିଷିକ୍ତା ମିନିଆକା, ଶିବାପ୍ରି ଚନ୍ଦନ୍ ସ୍ୱାଇଁ, ଅଙ୍କିତ ଖରା, ନନ୍ଦିନୀ ନଏର, କେ. ଭେଙ୍କଟ୍ ସତ୍ୟବିକ୍, ତୃପ୍ତି ରାଣୀ ମହାନ୍ତି, ତାପସ୍ୱିନୀ ନାୟକ, ସମ୍ପୂର୍ଣ୍ଣା ଦାଶ, ଶ୍ରୁତି ଶିଖା ସାହୁ, ବିଦ୍ୟାଶ୍ରୀ ନିବେଦିତା ମାଲିକ, ଦେପ୍ତି ନାମଦେଓ, ଅକାଂକ୍ଷା ପଟି ଓ ଶୁଭମ ନାୟକ ଅଂଶ ଗ୍ରହଣ କରିବେ। ଏହି ଖେଳାଳିମାନଙ୍କୁ କୋରାପୁଟ ଜିଲା କାରାଟେ ଅଶୋସିଏଶନର ସଚିବ ସେନ୍ସେଇ ଦୁର୍ଗାପ୍ରସାଦ ରଥ ଓ ସେମିଲିଗୁଡା ଉତ୍କଳ କାରାଟେ ସ୍କୁଲର ଅଧ୍ୟକ୍ଷ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।



ମନୋନୀତ ହୋଇଥିବା ୧୬ କରାଟେକା।

# ମୃତ ଦର୍ଶାଇ ସୁଭଦ୍ରା ଟଙ୍କାରୁ ବାଦ୍ ଦିଆଯାଉଥିବା ଅଭିଯୋଗ

ଜୟପୁର,୬।୫(ପବନ ପାଣିଗ୍ରାହୀ)

## ସିଡିପିଓଙ୍କ ଦ୍ୱାରସ୍ଥ

ଜୟପୁର ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ପ୍ରଥମ କିସ୍ତି ଦିଆଯାଇଥିଲା। କିନ୍ତୁ ପ୍ରଥମ କିସ୍ତି ୫ ହଜାର ମିଳିବା ପରେ ଦୀର୍ଘ ଦିନରୁ ଦ୍ୱିତୀୟ କିସ୍ତି ଟଙ୍କା ଆସି ନଥିଲା। ଜଣେ ମହିଳାଙ୍କୁ ମୃତ ହୋଇଥିବା ଦର୍ଶାଇ ଟଙ୍କା ଆସି ନ ଥିବା ଅନ୍‌ଲାଇନ୍ ଯାଞ୍ଚ ବେଳେ ଜଣାପଡ଼ିଥିଲା। ଜୟପୁର ସହରର ୭ ନଂ ୱାର୍ଡର ମଞ୍ଜୁଳା ନାୟକଙ୍କ ସହ ଅନ୍ୟ ୫ ମହିଳା ସ୍ଥାନୀୟ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ମହିଳାମାନଙ୍କୁ ମୃତ ଦର୍ଶାଇ ଯୋଜନାରୁ ବାଦ୍ ଦେବା ନେଇ ପ୍ରଶ୍ନ ଉଠିଛି। ସେହିପର ଜୟପୁର ବ୍ଲକ୍ ଗଡପଦର ପଞ୍ଚାୟତର ସଦର ମହକୁମାର ଭାନୁମତି ଖରାଙ୍କ ସୁଭଦ୍ରା ଯୋଜନା ନଂ ଏସ୍‌ୟୁ ୧୧୯୭୮-୦୦୪୨୨ ରହିଛି। ପ୍ରଥମ କିସ୍ତି ସେ ବ୍ୟାଙ୍କ ଜମାଖାତା ମାଧ୍ୟମରେ ପାଇଥିଲେ ସୁଦ୍ଧା ଦ୍ୱିତୀୟ କିସ୍ତି ଦୀଘଦିନ ପର୍ଯ୍ୟନ୍ତ ଆସିନଥିଲା। କେନ୍ଦ୍ରକୁ ଯାଇ ଅନ୍‌ଲାଇନ୍ ଯାଞ୍ଚ କରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା। ଏ ସମ୍ପର୍କରେ ସିଡିପିଓ କାଞ୍ଚନ ପଣ୍ଡାଙ୍କୁ ପଚାରିବାରୁ, ଅନ୍‌ଲାଇନ ମାଧ୍ୟମରେ ସଂଶୋଧନ କରାଯାଇ ସେମାନଙ୍କ ପ୍ରାପ୍ୟ ଟଙ୍କା ପାଇବା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


No.CAD-315

idco | ODISHA NEW OPPORTUNITIES

## OFFICE OF THE DIVISIONAL HEAD(ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT-II/E-286/24-25/1168 Dated : 29.04.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Supply, Installation, Testing and Commissioning of 2 nos of 13 passenger lift for C and D block of Pulah Hall of Residence, VSSUT Burla along with the buyback of 2nos of 13 passenger lift existing in the same building.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/e-15/24-25 | 06.05.2025 at 12.00 Hrs. | 14.05.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect-II) IDCO, Bhubaneswar

OIPR-14003/11/0145/2526



## OFFICE OF THE PANCHAYAT SAMITI, BINKA, SUBARNAPUR

At/P.O.-Binka, Dist.-Subarnapur, Odisha
(E-Mail : ori-binka@nic.in)
TCN NO-01/2025-26

Advt. No:01/2025-26 Date : 03.05.2025

**No.i-67** : Bid Documents consisiting of work, Estimated Cost, Cost of Tender Paper, EMD, Time of complition, Class of contractors and the set of terms and conditions of Contract and other necessary documents can be seen in Government website.i.e : https://subarnapur.odisha.gov.in

1. Name of the Work : Construction of GPLF office building with market complex as mentioned in DTCN
2. No. of Works : 04 Nos.
3. Estimated Cost : As per Annexure
4. Period of Completion : Four calendar months
5. Date & Time of Availability of Bid Documents in the portal : Dt.03.05.2025 to 16.05.2025 till 5 P.M.
6. Last date & Time for receipt of bids : Dt.17.05.2025 till 01.00 P.M.
7. Bids received online shall be opened on : Dt.20.05.2025 at 9.00 A.M.
8. Name and Address of the officer inviting Bid : Block Development Officer, Binka, Subarnapur

Further details can be seen from the Dist. website i.e. : https://subarnapur.odisha.gov.in

Sd./- Block Development Officer, BINKA, SUBARNAPUR

OIPR-19426/11/0003/2526



## ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଝାରସୁଗୁଡ଼ା

**ଝାରସୁଗୁଡ଼ା ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ବିଜ୍ଞାପନ ପତ୍ର ସଂଖ୍ୟା-୯୦/ଗୃହରକ୍ଷୀ ତା.୦୩.୦୫.୨୦୨୫

No.D-ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଚିଠି ସଂଖ୍ୟା ୫୫୯/ଗୃହରକ୍ଷୀ ତା.୨୧.୦୨.୨୦୨୫ ରିଖ ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ପାଇଁ ମୋଟ ୬୨ ଗୋଟି ଗୃହରକ୍ଷୀ ପଦବୀ ପୂରଣ ନିମନ୍ତେ ପୂର୍ବରୁ ବିଜ୍ଞାପନ ପତ୍ର ସଂଖ୍ୟା ୫୧/ଗୃହରକ୍ଷୀ ତା.୨୪.୦୨.୨୦୨୫ ରିଖରେ ଆବେଦନ କରିବା ନିମନ୍ତେ ଆହ୍ୱାନ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶା ସରକାର ଝାରସୁଗୁଡ଼ା ଜିଲ୍ଲା ପାଇଁ ୪୦ ଗୋଟି ନୂତନ ଗୃହରକ୍ଷୀ ପଦବୀ ମଞ୍ଜୁର କରିଥିବା ହେତୁ ପୁନର୍ବାର ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିର୍ଦ୍ଧାରିତ ଫର୍ମ-'ଏ' (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form-'A')ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି । ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ପୂର୍ବରୁ ହୋଇଥିବା ବିଜ୍ଞାପନ ଅନୁଯାୟୀ ଆବେଦନ କରିଛନ୍ତି, ସେମାନେ ପୁନର୍ବାର ଆବେଦନ କରିବା ଆବଶ୍ୟକ ନାହିଁ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ ପତ୍ର ସିଧାସଳଖ ସମାଦେଷ୍ଟା ଗୃହରକ୍ଷୀ ବାହିନୀ (District Police Office) ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ ତା.୦୮.୦୫.୨୦୨୫ ରିଖ ସକାଳ ୭.୦୦ ଘଟିକା ଠାରୁ ତା.୧୭.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘଟିକା ଯାଏଁ ଦାଖଲ କରିପାରିବେ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ, ଗାଡିଚାଳନା ଜ୍ଞାନ, ରୋଷେଇ ଜ୍ଞାନ, ବିଦ୍ୟୁତ ମିସ୍ତ୍ରି ଜ୍ଞାନ, ପାଇପ ମିସ୍ତ୍ରି ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମୋଟ ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-୧୦୨ (ପୁରୁଣା-୬୨ ଗୋଟି ଏବଂ ନୂତନ-୪୦ ଗୋଟି) । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା /ସାକ୍ଷାତ୍‌କାରର ସମ୍ମୁଖୀନ ହେବାକୁ ପଡିବ । ଗୃହରକ୍ଷୀ ସେବା ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି, ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No.01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମଗୁଡ଼ିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

**ପୋଷାକ/ଭତ୍ତା**-ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭତ୍ତା କାର୍ଯ୍ୟ ଦିବସ ହିସାବରେ ପ୍ରଦାନ କରାଯିବ ।

**ଯୋଗ୍ୟତା**

୧. ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।
୨. ଆବେଦନକାରୀ ଅତି କମ୍‌ରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।
୩. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି,ଲେଖି ଏବଂ କହିପାରୁଥିବେ ।
୪. ଆବେଦନକାରୀ ସୁସ୍ଥ, ଉତ୍ତମ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।
୫. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।
୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନଥିବ ।
୭. ବହିଷ୍କୃତ ଗୃହରକ୍ଷୀ କିମ୍ବା ଇସ୍ତଫା ଦେଇଥିବା ଗୃହରକ୍ଷୀ ମଧ ଆବେଦନ କରିପାରିବେ ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଂଲଗ୍ନ କରିବାକୁ ପଡିବ:-**

୧.ଆବାସିକ ଓ ଜାତିଗତ ପ୍ରମାଣପତ୍ର ।
୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।
୩.ଚାରିଗୋଟି ପାସ୍‌ପୋର୍ଟ ଆକାରର ଫଟୋ ।
୪. ବୈଷୟିକ ଦକ୍ଷତା ପ୍ରମାଣପତ୍ରର ନକଲ (ଯଦି ଥାଏ) ।
୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାରକାର୍ଡ/ଭୋଟର କାର୍ଡ) ।

**ଅଫିସ ଯୋଗାଯୋଗ ନଂ.- ୯୪୩୭୯୪୪୩୩୦**

ସ୍ୱା./-
ସମାଦେଷ୍ଟା ଗୃହରକ୍ଷୀ ବାହିନୀ
ଝାରସୁଗୁଡ଼ା

OIPR-12184/11/0002/2526



## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

"e" Procurement Notice for Road Work

Identification No.-Online Tender-PM-JANMAN/PMGSY Road Works N.C.B. No.374 for 2025-26

Letter No.2015/ Date 30.4.25

**No.O-107:**Name of the Work: PM-JANMAN/PMGSY Road Works. 2. Total No. of Work: 02 Nos. (Two). 3. Estimated Cost: Rs.340.13 Lakhs to Rs.616.16 Lakhs (Approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.374 | Dt.09.05.2025 at 11.00 A.M. | Dt.26.05.2025 upto 5.00 P.M. | Dt.23.05.2025 upto 1.00 P.M. | Dt.28.05.2025 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in.
- Any Corrigendum / Addendum will be displayed in the above e_tender website only.

OIPR-25130/11/0031/2526 Sd./-Er.A.K. Naik, Chief Construction Engineer, R.W.Circle, Baripada



## ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
## OFFICE OF MUNICIPAL COUNCIL: BRAJRAJNAGAR

At/Po- Lamtibahal, Dist- Jharsuguda, Odisha, Phone No.-8457812260, Mail-eobrjnmpl@gmail.com

No.1591/ Dt.05.05.2025

**QUOTATION CALL NOTICE**

**No.C-240:**Quotation in sealed covers are invited from intending Authorised Firms/ Agencies, Civil contractors having upto date GST Registration Copy, PAN Card Copy, for Supplying, fitting and fixing iron shutter at Brajarajnagar Municipality as per the specification mentioned in BOQ.

| Sl.No. | Title of Project | Security Deposit | Time for Completion of project | Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing iron shutter at Brajarajnagar Municipality | Rs.4,000/- | One Month | Rs.2000/- |

The Bid documents to be downloaded from the official website of Jharsuguda District www.jharsuguda.odisha.gov.in from dt.06.05.2024 to 15.05.2025. Last date of receipt of bid is 01.00 PM, 15.05.2025 through speed post/ registered post/ courier/by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

OIPR-13099/11/0048/2526 Sd./- Executive Officer, Brajrajnagar Municipality



## NOTIFIED AREA COUNCIL BELLAGUNTHA-761119 (GANJAM)
## ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)

Phone No.06821-258244, Sri Banamali Satapathy, OAS, Executive Officer
ଦୂରଭାଷ - ୦୬୮୨୧-୨୫୮୨୪୪
ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୦୯ ତାରିଖ:୦୩.୦୫.୨୦୨୫

**ବିଜ୍ଞାପନ**

No.C-231:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା୦୯.୦୫.୨୦୨୫ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନ ଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା୦୯.୦୫.୨୦୨୫ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ଆହାର କେନ୍ଦ୍ର ସମ୍ମୁଖରେ ଥିବା କାଫେ ଗୃହ | ୨,୦୦୦/- | ୬୦,୦୦୦/- | ୫୦,୦୦୦/- |

OIPR-13113/11/0031/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା



## NOTIFIED AREA COUNCIL BELLAGUNTHA-761119 (GANJAM)
## ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠା-୭୬୧୧୧୯, (ଗଞ୍ଜାମ)

Phone No.06821-258244, Sri Banamali Satapathy, OAS, Executive Officer
ଦୂରଭାଷ - ୦୬୮୨୧-୨୫୮୨୪୪
ଶ୍ରୀ ବନମାଳୀ ଶତପଥୀ, (ଓ.ପ୍ର.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ
E-Mail ID: eonacbellaguntha@gmail.com

ପତ୍ର ସଂ:୬୧୨ ତାରିଖ:୦୩.୦୫.୨୦୨୫

**ବିଜ୍ଞାପନ**

No.C-232:ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା.୦୧.୦୬.୨୦୨୫ ଠାରୁ ୩୧.୦୫.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ ଦିଆଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ତା.୦୩.୦୫.୨୦୨୫ରିଖଠାରୁ ତା.୦୯.୦୫.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଫର୍ମ ନିମ୍ନଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା.୦୯.୦୫.୨୦୨୫ ରିଖ ୧୨.୦୦ ଘଣ୍ଟା ସମୟ ମଧ୍ୟରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନଥିବା ପ୍ରାପ୍ତ ପ୍ରମାଣପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦଦିଆ ଟେଣ୍ଡର ଦରଖାସ୍ତଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା.୦୯.୦୫.୨୦୨୫ ରିଖ ଅପରାହ୍ନ ୧.୦୦ ଘ. ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧ୍ୟରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମର ମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ବାର୍ଷିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | ନୂତନ ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାର | ୨୦୦୦/- | ୧,୨୬,୦୦୦/- | ୧,୦୦,୦୦୦/- |

OIPR-13113/11/0029/2526 ସ୍ୱା./- ନିର୍ବାହୀ ଅଧିକାରୀ, ଏନ.ଏ.ସି., ବେଲଗୁଣ୍ଠା



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

No.2270/Date 02.05.2025

No.O-120:

"e" Procurement Notice for Road Works

| | | | |
|---|---|---|---|
| 1. | Name of the Work | : | Road Works under SDMF |
| 2. | Total No. of Works | : | 12 Nos. of Road Works for the year 2024-25 |
| 3. | Estimated Cost of the Work | : | Varying from Rs.83.00 Lakhs to Rs.1516.00 Lakhs |
| 4. | Class of Contractor | : | |
| | a) Estimated cost more than Rs.20.00 Lakh upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.1.00 Crore upto Rs.20.00 Crores | : | A Class (of Odisha PWD) or relevant class of other licensing authorities |
| | c) Estimated cost more than Rs.6.00 Crore upto Rs.50.00 Crores | : | Special Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender Online for bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Engineer, Central Rural Works Circle, Bhubaneswar | Tender-Online- C.C. 12 of 2025 | 13.05.2025 at 11.00 AM | 29.05.2025 upto 5.00 P.M. | 30.05.2025 at 11.00 A.M. | To be intimated lateron |

Further details can be seen from the website www.tendersodisha.gov.in

Sd./- Chief Construction Engineer, Central Rural Works Circle, Bhubaneswar

OIPR-25194/11/0042/2526



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 4853 IND-II-PC-୦୧ ତା.03.05.2025
No. CAD-318

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ବିଦ୍ୟମାନ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନରେ ୪୮.୯% ବୃଦ୍ଧି) ତଥା ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ)ରୁ ମୋଟ ୨୮.୭୩୭୫ ମିଲିଅନ ଟିପିଏ (ଆରଓଏମ:୨୨.୩୩୫ ମିଲିଅନ ଟିପିଏ+ ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+ ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ବୃଦ୍ଧି ନିମନ୍ତେ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ର ପାରା 7(ii) (a) ଏବଂ ଏହାର ପରବର୍ତ୍ତୀ ସଂଶୋଧନର ବ୍ୟବସ୍ଥା ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M. No.) F.No. IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଅତିରିକ୍ତ ଜମି ଅଧିଗ୍ରହଣ ଏବଂ ଜନଶୁଣାଣି ବିନା ବିଦ୍ୟମାନ ପରିସର/ଖଣି ଲିଜ୍ ଅଞ୍ଚଳ ମଧ୍ୟରେ 50% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ପରିବେଶଗତ ମଞ୍ଜୁରୀ ପ୍ରଦାନ ଲାଗି ନିର୍ଦ୍ଦେଶାବଳୀ ଜାରି କରିଅଛନ୍ତି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 11.04.2022 ରେ 40% ରୁ ଅଧିକ କିନ୍ତୁ 50%ରୁ କମ୍ ଉତ୍ପାଦନ ଥିବା ପ୍ରକଳ୍ପଗୁଡିକର ଆବେଦନ ପ୍ରକ୍ରିୟାକରଣ ପାଇଁ ଗ୍ରହଣ କରାଯିବାକୁ ଥିବା ପଦ୍ଧତିଗୁଡ଼ିକୁ ନିର୍ଦ୍ଦିଷ୍ଟ କରାଯାଇଛି, ଯାହା 40% ର ସମ୍ପ୍ରସାରଣ ଏବଂ ପ୍ରସ୍ତାବିତ ପ୍ରକଳ୍ପର ପରବର୍ତ୍ତୀ ସମ୍ପ୍ରସାରଣ ସହିତ ସମ୍ବନ୍ଧିତ ପୂର୍ବ ପରିବେଶଗତ ସୁରକ୍ଷାର ସଫଳ ଅନୁପାଳନ ଉପରେ ଆଧାରିତ, ଯାହା EIA ବିଜ୍ଞପ୍ତି ୨୦୦୬ ର ପାରା 7 (ii) (a) ଅନ୍ତର୍ଗତ ବିଦ୍ୟମାନ ପରିବେଶୀୟ ମଞ୍ଜୁରୀ (EC) ରେ ସର୍ବନିମ୍ନ ତିନୋଟି ପର୍ଯ୍ୟାୟରେ ଉଲ୍ଲେଖ କରାଯାଇଅଛି ।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M No.) F.No. IA3-22/10/2022-IA.III (E177258), ତାରିଖ 30.5.2022 ରେ ଆହୁରି ସ୍ପଷ୍ଟ କରାଯାଇଅଛି ଯେ, ମାନକ TORs ଉପରେ ଆଧାରିତ ସଂଶୋଧିତ EIA-EMP ରିପୋର୍ଟ ମୂଳ ପରିବେଶୀୟ ମଞ୍ଜୁରୀ (EC) କ୍ଷମତାର ସର୍ବାଧିକ ୫୦% ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇପାରିବ, ଯାହା ପାଇଁ ତା. ୧୧.୦୪.୨୦୨୨ ରିଖ କାର୍ଯ୍ୟାଳୟ ସ୍ମାରକପତ୍ର (O.M.)ର ଲାଭ ପାଇବା ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ତଥାପି, ଉପରୋକ୍ତ ସଂଶୋଧିତ EIA-EMP ରିପୋର୍ଟ ଉପରେ ଆଧାରିତ ୨୦%, ୪୦% ଏବଂ ୫୦% କ୍ଷମତା ବିସ୍ତାର ପର୍ଯ୍ୟାୟରେ ପରିବେଶୀୟ ମଂଜୁରୀ (EC) ପ୍ରଦାନ କରାଯିବ, ପ୍ରତ୍ୟେକ ପର୍ଯ୍ୟାୟରେ ମଞ୍ଜୁର ପରିବେଶୀୟ ମଞ୍ଜୁରୀ (EC) ପାଇଁ ପ୍ରମାଣିତ ଅନୁପାଳନ ରିପୋର୍ଟ ଦାଖଲ କରିବା ଉପରେ ନିର୍ଭର କରେ । ପ୍ରକଳ୍ପ ପ୍ରସ୍ତାବକଙ୍କୁ ପ୍ରତ୍ୟେକ ସମ୍ପ୍ରସାରଣ ପର୍ଯ୍ୟାୟ ପାଇଁ ସଂଶୋଧିତ EIA-EMP ରିପୋର୍ଟ ପ୍ରସ୍ତୁତ କରିବାକୁ ପଡିବ ନାହିଁ ଯଦି ପ୍ରାରମ୍ଭିକ ସଂଶୋଧିତ EIA/EMP ରିପୋର୍ଟ ପ୍ରସ୍ତାବିତ ଉଚ୍ଚ କ୍ଷମତା କିମ୍ବା ସର୍ବାଧିକ ୫୦% କ୍ଷମତା ବିସ୍ତାର ପାଇଁ ପ୍ରସ୍ତୁତ କରାଯାଇଥିଲା, ଯାହା ପ୍ରଯୁଜ୍ୟ ।

**ୟୁନିଟର ବିବରଣୀ ନିମ୍ନଲିଖିତ ଭାବରେ ପ୍ରଦାନ କରାଗଲା :**

୧.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା- ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କ ଠାରୁ ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ, ଯାହା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258) ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି ୨୦୦୬ର ପାରା 7 (ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ୧୯.୫% ବୃଦ୍ଧି କରାଯାଇଥିଲା ଅର୍ଥାତ୍ ୧୬.୫ ଏମ୍‌ଟିପିଏ (ମୋଟ ପଦାର୍ଥ ପରିଚାଳନା ୧୯.୩ ଏମ୍‌ଟିପିଏ:୧୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୫୦ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+୨.୮୦ ଏମଟିପିଏ ବର୍ଜ୍ୟ ପରିଚାଳନା) ରୁ ୧୯.୭ ମିଲିଅନ ଟିପିଏ (ମୋଟ ୨୩.୦୬୪ ମିଲିଅନ ଟିପିଏ ପଦାର୍ଥ ପରିଚାଳନା: ୧୭.୯୨୫ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନ ଗ୍ରେଡ ଖଣିଜ ୧.୭୯୩ ଏମଟିପିଏ+୩.୩୪୬ ମିଲିଅନ ଡଲାର ବର୍ଜ୍ୟ ପରିଚାଳନା ପାଇଁ ପରିବେଶୀୟ ମଂଜୁରୀ (EC) ପ୍ରାପ୍ତ କରିଥିଲେ ।

୨.ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ, ସାନିନ୍ଦପୁର ଏବଂ ଓରାଘାଟ, କୋଇଡା ତହସିଲ, ଜିଲ୍ଲା-ସୁନ୍ଦରଗଡ ରାଜ୍ୟସ୍ତରୀୟ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (SEIAA), ଓଡ଼ିଶାଙ୍କଠାରୁ **ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ**, ଯାହା ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା (O.M.No.) F.No.IA3-22/10/2022-IA.III (E177258), ତାରିଖ 11/4/2022 ଅନୁଯାୟୀ, EIA ବିଜ୍ଞପ୍ତି 2006ରେ ପାରା 7(ii)(a) ଅନୁଯାୟୀ ଲୌହ ଖଣିଜ ଉତ୍ପାଦନ କ୍ଷମତାରେ ବଳକା ୧୯.୫% ବୃଦ୍ଧି ପାଇଁ ଅର୍ଥାତ୍ ୧୯.୭ ଏମପିଟିଏ (୨୩.୦୬୪ ଏମ୍‌ଟିପିଏ ମୋଟ ପଦାର୍ଥ ପରିଚାଳନା:୧୭.୯୨୫ ଏମ୍‌ଟିପିଏ ଆରଓଏମ ଲୌହ ଖଣିଜ+୧.୭୯୩ ମିଲିଅନ ଟିପିଏ ଡମ୍ପ ଏବଂ ପୁରୁଣା ଷ୍ଟାକ୍ସ ରୁ ନିମ୍ନମାନର ଖଣିଜ+ ୩.୩୪୬ ଏମ୍‌ଟିପିଏ ବର୍ଜ୍ୟ ପରିଚାଳନା) ରୁ ୨୨.୯ ମିଲିଅନ ଟିପିଏ (୨୬.୮୨୭ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା:୨୦.୮୫୦ ମିଲିଅନ ଟିପିଏ ଆରଓଏମ ଲୌହ ଖଣିଜ+୨.୦୮୫ ପୁରୁଣା ଷ୍ଟାକ୍ସ ଏବଂ ଡମ୍ପରୁ ନିମ୍ନମାନର ଖଣିଜ+ ୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ ପରିଚାଳନା) ପାଇଁ ପରିବେଶୀୟ ମଞ୍ଜୁରୀ (EC) ପ୍ରାପ୍ତ କରିଥିଲେ ।

୩. ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ/ ପରିଚାଳନା ଉପରେ ୪୮.୯% ବୃଦ୍ଧି) ଲୁହାପଥର ଉତ୍ପାଦନକୁ ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ) ରୁ ୨୮.୭୩୭୫ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା (୨୨.୩୩୫ ମିଲିଅନ ଟିପିଏ ଆରଓଏମ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ନିମ୍ନ ମାନର ଖଣିଜ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ + ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ ଅନ୍ତର୍ଗତ ପାରା ୭ (ii) (a)ର ବ୍ୟବସ୍ଥା ଏବଂ ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରାଯାଇଛି ।

୪. ଉଲ୍ଲିଖିତ ତାରିଖ ୧୧ ଏପ୍ରିଲ ୨୦୨୨ ସ୍ମାରକପତ୍ର (O.M.) ଅନୁଯାୟୀ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଜନଶୁଣାଣି କୁ ଛାଡ କରାଯାଇଛି, ଯାହା ପ୍ରକଳ୍ପ ପ୍ରସ୍ତାବକ EIA ବିଜ୍ଞପ୍ତି ୨୦୦୬ର ପାରା ୭ (ii) (a) ଅନୁଯାୟୀ ଆବଶ୍ୟକ ଫର୍ମରେ PARIVESH ପୋର୍ଟାଲରେ ଆବେଦନ କରି ମାନକ ToRs ଉପରେ ଆଧାରିତ ସଂଶୋଧିତ EIA/ EMP ରିପୋର୍ଟ ସହିତ ଆବେଦନ କରିଥିବା ଉପରେ ନିର୍ଭର କରେ । ଉପରୋକ୍ତ ବ୍ୟତୀତ ୪୦% ରୁ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ, EIA ବିଜ୍ଞପ୍ତି ୨୦୦୬ର ପାରା ୭ III (ii) (b) ଅନୁଯାୟୀ ଜନ ପରାମର୍ଶ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ପଡିବ ।

୫. ତଦନୁସାରେ ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ /ପରିଚାଳନା ଉପରେ ୪୮.୯% ବୃଦ୍ଧି) ପାଇଁ ଏକ ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) ଏବଂ ପରିବେଶ ପରିଚାଳନା ଯୋଜନା (EMP) ଦାଖଲ କରିଅଛନ୍ତି ।

ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପର ପରିବେଶଗତ ଦିଗଗୁଡିକ ସମ୍ପର୍କରେ ଉପରୋକ୍ତ ବିଷୟଗୁଡିକ ଉପରେ ପୁଣିଥରେ ଜନ ପରାମର୍ଶ/ଆପତ୍ତି ଆହ୍ୱାନ କରାଯାଉଅଛି, ଯେଉଁଥିରେ ପ୍ରକୃତ ବାସିନ୍ଦା, ପରିବେଶଗତ ଗୋଷ୍ଠୀ ଏବଂ ପ୍ରସ୍ତାବିତ ସ୍ଥାନ/ବିସ୍ଥାପନ/ପ୍ରଭାବିତ ହେବାର ସମ୍ଭାବନା ଥିବା ସ୍ଥାନଗୁଡିକରେ ଅବସ୍ଥିତ ସମସ୍ତ ବ୍ୟକ୍ତି ସାମିଲ ଅଟନ୍ତି ।

ଉପରୋକ୍ତ ପ୍ରକଳ୍ପ ସହିତ ସମ୍ପର୍କିତ ସେମାନଙ୍କର ମତାମତ, ଆପତ୍ତି ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଉକ୍ତ ପ୍ରକଳ୍ପର ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) / ପରିବେଶ ପରିଚାଳନା ଯୋଜନା (EMP) ଦେଖିପାରିବେ ଯାହା ନିମ୍ନଲିଖିତ କାର୍ଯ୍ୟାଳୟଗୁଡିକରେ ଉପଲବ୍ଧ ହେବା ସହିତ କାର୍ଯ୍ୟନିର୍ବାହୀ ସାରାଂଶର ଏକକିତା ନକଲ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମଧ୍ୟ ନିମ୍ନଲିଖିତ କାର୍ଯ୍ୟାଳୟ ଗୁଡିକରେ ଉପଲବ୍ଧ ଏବଂ ଏହାକୁ https://ospcboard.odisha.gov.in ୱେବସାଇଟ୍‌ରୁ ମଧ୍ୟ ମାଗଣାରେ ଡାଉନଲୋଡ୍ କରାଯାଇପାରିବ ।

୧.ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ ।
୩. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ, ସୁନ୍ଦରଗଡ ।
୪.ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮,ଭୁବନେଶ୍ୱର-୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଉପରୋକ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବ୍ୟକ୍ତି ସେମାନଙ୍କର ମତାମତ, ଆପତ୍ତି ଅଭିଯୋଗ ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିଲେ, ସେମାନେ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଞ୍ଜିକୃତ ପୋଷ୍ଟ ମାଧ୍ୟମରେ କିମ୍ବା ଇମେଲ୍- publichearing@ospcboard.org ଜରିଆରେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର, ଓଡ଼ିଶାଙ୍କୁ ଲିଖିତ ଭାବରେ ଜଣାଇପାରିବେ ।

ଏହି ବିଷୟରେ ଅଧିକ ସ୍ପଷ୍ଟୀକରଣ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ସଦସ୍ୟ ସଚିବଙ୍କ ସହିତ ଯୋଗାଯୋଗ କରାଯାଇପାରିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଖିତ ଭାବରେ ଦାଖଲ କରାଯାଇନଥିବା ମତାମତ ଗ୍ରହଣ କରାଯିବ ନାହିଁ ।

ସ୍ୱା./-ସଦସ୍ୟ ସଚିବ

OSPCB-PH-MISC-0024-2025/2/2025 OIPR-08012/11/0248/2526

# ପ୍ରକଳ୍ପ ତଦାରଖ, ଚାଷୀ, ହିତାଧିକାରୀଙ୍କ ସହ ଆଲୋଚନା

ନବରଙ୍ଗପୁର/ପାପଡ଼ାହାଣ୍ଡି,୬।୫
(ସଦାଶିବ ପ୍ରହରାଜ/ସ୍ୱପ୍ନଜିତ ପଟ୍ଟନାୟକ)



ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଏକ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ନବରଙ୍ଗପୁର ଜିଲା ଗସ୍ତ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଙ୍ଗଳବାର ନବରଙ୍ଗପୁର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକାରୀ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ସମୟରେ ତାଙ୍କ ସହ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ମଙ୍ଗଳବାର ସକାଳ ୯ଟାରେ ସେ ପ୍ରଥମେ ଡାଇଭଟାରେ ଥିବା ମେଗା ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ରବିଋତୁରେ ମକା, ବୁଟ ଓ ସୂର୍ଯ୍ୟମୁଖୀ ଚାଷ କରିଥିବା ହିତାଧିକାରୀଙ୍କୁ ଭେଟି ଉତ୍ପାଦନ, ବଜାର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସେଭଳି ଗ୍ୟାରେଜ, ଟିଫିନ୍ ଷ୍ଟଲ୍, ପାୱାର ଟିଲର କରିଥିବା ଆଦିବାସୀ ମାଇକ୍ରୋ ଉଦ୍ୟୋଗୀଙ୍କ ସହ ଆଲୋଚନା କରିଥିଲେ। ନିଜର ଉତ୍ପାଦ ବିକ୍ରି ପାଇଁ ଏକ ହାଟ ପିଣ୍ଡି ଆବଶ୍ୟକ ଥିବା ଚାଷୀମାନେ ସଚିବଙ୍କୁ ଜଣାଇଥିଲେ। ସେଠାରୁ ତାରାଗାଁକୁ ଯାଇ ଇମରାନ ଖାଁ ସ୍ଥାପନ କରିଥିବା ମାଛ ଯାଆଁଳା ଉତ୍ପାଦନ କେନ୍ଦ୍ର ଓ ଇର୍ଫାନ ଖାନ୍‌ଙ୍କ ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏଭଳି ୟୁନିଟ୍ ଅନ୍ୟମାନେ ଯେଭଳି ସ୍ଥାପନ କରିବାକୁ ଆଗ୍ରହ ଦେଖାଇବେ, ପ୍ରଶିକ୍ଷାର୍ଥୀଙ୍କୁ ପ୍ରାଣୀ ପାଳନ ତାଲିମ ସହ ନିଜ କେନ୍ଦ୍ର ପରିଦର୍ଶନର ସୁଯୋଗ ଦେବାକୁ ସଚିବ ଇମ୍‌ରାନ ଓ ଇର୍ଫାନଙ୍କୁ କହିଥିଲେ। ପାପଡ଼ାହାଣ୍ଡି ବ୍ଲକ ଅଧୀନ ପ୍ରଧାନୀଗୁଡା ଯାଇ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ନିର୍ମାଣ ହୋଇଥିବା ଛତୁ ଫାର୍ମ ଦେଖିଥିଲେ। ଏହାର ଉତ୍ପାଦନ ଓ ବିକ୍ରି ନେଇ ଆଲୋଚନା କରିଥିଲେ। ବାବାଜିଗୁଡ଼ାରେ ନିର୍ମାଣାଧୀନ ଏକଲବ୍ୟ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେମଲାରେ ଆୟୋଜିତ ଖାଦ୍ୟ ମେଳାରେ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ପିଠା, ଲଡୁ, ଲସିର ପ୍ରସ୍ତୁତି ପ୍ରଣାଳୀ ପଚାରି ବୁଝିଥିଲେ। ସେମଲାସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ, ମାତୃଶକ୍ତି ପ୍ରତ୍ୟୁସର ଏଣ୍ଟରପ୍ରାଇଜେସ ମହିଳାଙ୍କ ସହ ଖଲି ଉତ୍ପାଦନ, ବିକ୍ରୟ, ବଜାର ବ୍ୟବସ୍ଥା ଓ ମକାଚାଷୀଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଖଲି ସିଲେଇ କେନ୍ଦ୍ର ବୁଲି ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାକୁ ସେ ପରାମର୍ଶ ଦେଇଥିଲେ। ବକ୍ସାଗୁଡ଼ାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାଜୁ ଚାରା ରୋପଣ, ଫର୍ସାଗୁଡ଼ାରେ ବନ ବିଭାଗ ଦ୍ୱାରା ବର୍ଣ୍ଣମାଳା ଉଦ୍ୟାନ, କୋଷାଗୁମୁଡ଼ା ବ୍ଲକ ଅଧୀନ ଡକିଆପାଲି ଜଳ ବିଶୋଧନ କେନ୍ଦ୍ର, ମିଶନ ଶକ୍ତି କ୍ୟାଫେ ପରିଦର୍ଶନ କରିଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀଙ୍କ ସହ ଭାବ ବିନିମୟ, ନବରଙ୍ଗପୁର ବ୍ଲକ ସାନ ମସିଗାଁରେ ହସ୍ତତନ୍ତ୍ର କ୍ଲଷ୍ଟର ପରିଦର୍ଶନ ସହ ଆର୍‌ଏମ୍‌ସି କ୍ୟାମ୍ପସ ପରିସରରେ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ପିଏ ଆଇଟିଡିଏ ରାଜୀବ କୁମାର ସାହୁ, ସିଡିଭିଓ, ଡିଡବ୍ଲ୍ୟଓ ବାସନ୍ତି ହେମ୍ବ୍ରମ, ଡିଏଫ୍‌ଓ, ସହକାରୀ ସିଇଓ, ଓର୍‌ମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ. ଉମା ମହେଶ, ମେଗା ଲିଫ୍ଟ ଜଳସେଚନ ନିର୍ବାହୀ ଯନ୍ତ୍ରୀ ଆର୍‌ଡବ୍ଲ୍ୟୁଏସ୍‌ଏସ୍, କୋଷାଗୁମୁଡା ବିଡିଓ ଅଶୀତ ତ୍ରିପାଠୀ, ପାପଡ଼ାହାଣ୍ଡି ଭାରପ୍ରାପ୍ତ ବିଡିଓ ମନୋଜ ପାଣିଗ୍ରାହୀ, ପାପଡ଼ାହାଣ୍ଡି ଡିପିସି, ମିଶନ ଶକ୍ତି, ଡିଡି ଟେକ୍ସଟାଇଲ, ପିଡି ୱାଟର ସେଡ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ: ମୀନାକ୍ଷୀ ବାହିନୀପତି

- ହଷ୍ଟେଲରେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଘଟଣା
- ପୀଡ଼ିତାଙ୍କ ପରିବାରକୁ ଭେଟିଲେ, ପୋଲିସ ସହ ଆଲୋଚନା କଲେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ

ନନ୍ଦପୁର/ ଲମତାପୁଟ, ୬।୫
(ତୁଷାରକାନ୍ତ ମହାନ୍ତି/ ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ଲମତାପୁଟ ବ୍ଲକସ୍ଥିତ ମଙ୍ଗଳ ବିଭାଗ ପରିଚାଳିତ ଛାତ୍ରୀ ନିବାସ ଅନ୍ତେବାସୀଙ୍କୁ ହଷ୍ଟେଲରେ ବଳାତ୍କାର ଘଟଣାକୁ ମଙ୍ଗଳବାର ୭ଦିନ ବିତିଛି। ଏବେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ବିଫଳ ରହିଛି। ମଙ୍ଗଳବାର ରାଜ୍ୟ କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଦ୍ୱିତୀୟ ଥର ପାଇଁ ପୀଡ଼ିତାଙ୍କ ଗାଁକୁ ତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ, ପୀଡ଼ିତାଙ୍କ ପରିବାର ଓ ଖବରଦାତାଙ୍କ ସମ୍ମୁଖରେ ପ୍ରତିକ୍ରିୟା ରଖି ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ଭାଜପା ସରକାର ସମୟରେ ରାଜ୍ୟରେ ମହିଳା, ନାବାଳିକା ଓ ଛାତ୍ରୀମାନେ ଅସୁରକ୍ଷିତ ଅଛନ୍ତି। ହଷ୍ଟେଲ ଭିତରେ ପଶି ଜଣେ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ଧରା ନ ପଡ଼ିବା ପୋଲିସର ବିଫଳତା ପ୍ରମାଣ କରୁଛି ବୋଲି ସେ କହିଛନ୍ତି। ସେଠାରୁ ହଷ୍ଟେଲ ପରିଦର୍ଶନ କରି ମାଛକୁଣ୍ଡ ଥାନାକୁ ଯାଇ ପୋଲିସ ସହ ଘଟଣାର ତଦନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ମହିଳା କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମୟରେ ତାଙ୍କ ସହ ଲମତାପୁଟ ଜୋନ୍-୧ ଜିଲା ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ଜୋନ୍-୨ ସଦସ୍ୟ ଗୀତାରାଣୀ ମାହାଲା, ବ୍ଲକ କଂଗ୍ରେସ ସଭାପତି ପୂର୍ବ ଖିଲଙ୍କ ସମେତ ମହିଳା କଂଗ୍ରେର ଏକାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଆଇନ ମଦ କାରବାରରେ ସମ୍ପୃକ୍ତ ୨ ଗିରଫ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୬/୫
(ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ଚିତ୍ରକୋଟ ଗ୍ରାମରେ ମଙ୍ଗଳବାର ଅବକାରୀ ଚଢ଼ାଉ କରାଯାଇଛି। କ୍ଷୀରମଣି ବିଷୋୟୀଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ, ୫୦ ଲିଟର ପୋଚ ଓ ବାଗନାଗୁଡ଼ା ଗ୍ରାମର ଭାସ୍କର ବିଷୋୟୀଙ୍କ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ଅବକାରୀ କର୍ମଚାରୀ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ, ଅବକାରୀ ନୀରିକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ, ପାପଡ଼ାହାଣ୍ଡି ଅବକାରୀ ଥାନା, ନବରଙ୍ଗପୁର ଅବକାରୀ ଥାନା କର୍ମଚାରୀ ସହ ମିଶି ଏହି ଚଢ଼ାଉ କରିଥିଲେ। ରେଶମା ସୁନା, ସୁଧାଂଶୁ ଶେଖର ବାଗ, ଆକ୍ରମ ଖାନ ଏବଂ ଉମେଶ ହରିଜନ ଚଢ଼ାଉରେ ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଦାମନଯୋଡି,୬।୫(ମାନସ ରଞ୍ଜନ କର)

ଦାମନଯୋଡି ନାଲ୍‌କୋ ସମ୍ପ୍ରସାରଣ ପ୍ରକଳ୍ପରେ କାର୍ଯ୍ୟରତ ଭାରତ ସରକାରଙ୍କ ଉଦ୍ୟୋଗ ବ୍ରିଜ୍ ଏଣ୍ଡ ରୁଫ କମ୍ପାନୀ ଇଣ୍ଡିଆ ଲିମିଟେଡ ପକ୍ଷରୁ ଲେବର୍ କ୍ୟାମ୍ପରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଉପମହାପ୍ରବନ୍ଧକ ଦୁର୍ଗାପ୍ରସାଦ ପଣ୍ଡା, ପ୍ରବନ୍ଧକ ସୌମ୍ୟକାନ୍ତ ସେନାପତି ଓ ମାଥାଲପୁଟ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡ. ମାର୍ଶାଲିନ ବିଶ୍ୱାଳ ଉପସ୍ଥିତ ଥିଲେ। ଏଥିରେ ଡ. ଅବିନାଶ ଚିନାରା,ଡ.ସୁଶ୍ରୀତା ଦାସ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଫ୍ଟି ଅଧିକାରୀ କାହ୍ନୁଚରଣ ଭୋଳ,ସଂଗ୍ରାମ ଭୋଳ,ଫାର୍ଷ୍ଟଏଡ ଅଧିକାରୀ ରମେଶ ଚନ୍ଦ୍ର ଖରା,ସୁପରଭାଇଜର ସୁବିର ଚାଟାର୍ଜୀ ପ୍ରମୁଖ ସହାୟତା କରିଥିଲେ। ଶିବିରରେ ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା।

# ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ଧାରଣା

## ଚନ୍ଦାହାଣ୍ଡି ବ୍ଲକ୍ ଅଫିସ୍‌ରେ ତାଲା ପକାଇଲେ ଜନ ପ୍ରତିନିଧି

ଚନ୍ଦାହାଣ୍ଡି,୬।୫(ଦିଲୀପ ଦାସ)



ଧାରଣାରେ ବସିଥିବା ଲୋକପ୍ରତିନିଧି।

ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ମଙ୍ଗଳବାର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଜେଡି ନେତାମାନେ ତାଲା ପକାଇ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରୁ ହଟିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରେ ପ୍ରବେଶକରି ନ ପାରି ବାହାରେ ଠିଆ ହୋଇଥିଲେ। ଖବର ଲେଖାଯିବା ସୁଦ୍ଧା ଧାରଣା ହଟି ନ ଥିଲା।

ସୂଚନା ଅନୁଯାୟୀ, ୩ ମାସ ପୂର୍ବରୁ ଏଠାରେ ଥିବା ବିଡିଓ ରାମକୃଷ୍ଣ ନାୟକଙ୍କୁ କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍‌କୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଝରିଗାଁ ବିଡିଓ ମଧୁସୂଦନ ମାଝିଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେ ଏଠାରେ ୧ ମାସ ଅତିରିକ୍ତ ଦାୟିତ୍ୱ ସମ୍ଭାଳି ଥିଲେ। ପରେ ଏଠାରେ ବିଡିଓଭାବେ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଥିଲା। ଦେଢ଼ ମାସ ପର୍ଯ୍ୟନ୍ତ ସେ ଏଠାରେ ରହିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଉନ୍ନୟନ କାର୍ଯ୍ୟ ଠିକ୍‌ଠାକ୍ ଚାଲୁଥିଲା। ଏହାରି ଭିତରେ ତାଙ୍କୁ ବୋରିଗୁମ୍ମା ବ୍ଲକ୍‌କୁ ବଦଳି କରାଯାଇ ଗତ ଏପ୍ରିଲ ୮ରେ ଏଠାରୁ ରିଲିଫ୍ କରାଯାଇଥିଲା। ଏହାପରେ ଉମରକୋଟ ବିଡିଓ ମନୋଜ କୁମାର ମେହେରଙ୍କୁ ଚନ୍ଦାହାଣ୍ଡି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଚନ୍ଦାହାଣ୍ଡି-ଉମରକୋଟ ଦୂରତା ପ୍ରାୟ ୫୦ କି.ମି. ହେବ। ଭାରପ୍ରାପ୍ତ ବିଡିଓ ସପ୍ତାହେ କିମ୍ବା ୨ ସପ୍ତାହରେ ଚନ୍ଦାହାଣ୍ଡି ଆସନ୍ତି। ଏହି ସମୟରେ ଉନ୍ନୟନ କାର୍ଯ୍ୟରେ ତାଙ୍କ ଦସ୍ତଖତ ହେଉଥିଲା। ଅତି ଜରୁରୀ ସରକାରୀ କାର୍ଯ୍ୟ ପାଇଁ ଏଠାକାର ଅଧିକାରୀମାନେ ଉମରକୋଟ ଯାଇ ବିଡିଓଙ୍କ ଦସ୍ତଖତକରି ଆଣୁଥିଲେ ବୋଲି ଧାରଣାରେ ବସିଥିବା ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏଠାରେ ସ୍ଥାୟୀ ବିଡିଓ ଅଭାବରେ ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟର ମଞ୍ଜୁର, ତଦାରଖ ଆଦି ହୋଇପାରୁନାହିଁ। ପେନ୍‌ସନ, ପିଡିଏସ୍, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି କାର୍ଯ୍ୟ ସମ୍ପାଦନରେ ବ୍ୟାଘାତ ଦେଖାଦେଉଥିବା ଲୋକ ପ୍ରତିନିଧି ଅଭିଯୋଗ କରିଛନ୍ତି। ତୁରନ୍ତ ଏଠାରେ ସ୍ଥାୟୀ ବିଡିଓ ନିଯୁକ୍ତି ସମେତ ଖାଲି ପଡ଼ିଥିବା ଅନ୍ୟ କର୍ମଚାରୀ, ପିଇଓଙ୍କୁ ନିଯୁକ୍ତି ଦେବାକୁ ଦାବି କରି ଧାରଣାରେ ବସିଛନ୍ତି। କିଛିଦିନ ତଳେ ଏ ସମ୍ପର୍କରେ ଝରିଗାଁ ବିଧାୟକ ନରସିଂ ଭତ୍ରାଙ୍କୁ ବିଡିଓ ନିଯୁକ୍ତି ବାବଦରେ ପ୍ରଶ୍ନ କରିବାରୁ ସଚିବାଳୟକୁ ପତ୍ର ଲେଖିଥିବା ନେଇ କହିଥିଲେ। ଏହି ଧାରଣାରେ ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଉପାଧକ୍ଷ ବାସୁଦେବ ଗୌଡ଼, ସନ୍ତୋଷ ପଟ୍ଟନାୟକ, ଜଳନ୍ଧର ମାଝି, କୃଷ୍ଣ ଜାନୀ, ଗୌରୀ ନେଙ୍ଗୀ, ଗୌରୀ ନାଗ, ଅନୁପମା ଧୁରୁଆ, ଟେକରାମ ମାଝି ପ୍ରମୁଖ ଜନପ୍ରତିନିଧି ସାମିଲ ଥିଲେ।

# ପାଣି ମୋଟର ଚୋରିକରି ୨ ଗିରଫ

ଉମରକୋଟ, ୬।୫
(ସନ୍ତୋଷ ଶତପଥୀ)




ଗିରଫ ଅଭିଯୁକ୍ତ।

ଜମିରେ ଲାଗିଥିବା ଏକ ପାଣି ମୋଟରକୁ ଚୋରି କରିଥିବା ୨ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଉମରକୋଟ ପୋଲିସ ଗିରଫ କରିଛି। ସେମାନେ ହେଲେ ସତ୍‌ନାମୀ ପାରା ଗ୍ରାମର ଉତ୍ତମ ସତ୍‌ନାମୀ(୨୦) ଓ ମନୀଷ ସତ୍‌ନାମୀ (୨୨)।

ସୂଚନାନୁଯାୟୀ ଉମରକୋଟ ସହର ନିକଟ ଅଧିକାରୀଗୁଡ଼ା ଗ୍ରାମର ପ୍ରବୀଣ ମଣ୍ଡଳ ନିଜ ଚାଷ ଜମିରେ ଥିବା ନଳକୂପରେ ଏକ ପାଣି ମୋଟର ଲଗାଇ ଚାଷ କରୁଥିଲେ। ୨ ତାରିଖ ରାତିରେ ଉକ୍ତ ମୋଟରଟି ଚୋରି ହୋଇଯାଇଥିଲା। ୩ ତାରିଖ ସକାଳେ ଏହା ଜାଣିବା ପରେ ସେ ଖୋଜାଖୋଜି କରିଥିଲେ। ତଥାପି ମଧ୍ୟ ମୋଟର ନ ମିଳିବାରୁ ସେ ୪ ତାରିଖରେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ ତଦନ୍ତ ବେଳେ ଏହି ଘଟଣାରେ ଉତ୍ତମ ଓ ମନୀଷଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ, ଗୋଟିଏ ବାଇକ୍ ଓ ଚୋରି ହୋଇଥିବା ପାଣି ମୋଟର ଜବତ କରିଛି। ୨ ଅଭିଯୁକ୍ତଙ୍କୁ ଉମରକୋଟ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ପଠାଯାଇଛି। ଏସ୍‌ଆଇ ସଞ୍ଜୟ ମଣ୍ଡଳ ଘଟଣାର ତଦନ୍ତ କରୁଛନ୍ତି।

# 'ସଙ୍କେତ ମୋ ଭାଷା' କର୍ମଶାଳା ଉଦ୍‌ଘାଟିତ

ଜୟପୁର,୬।୫(ପବନ ପାଣିଗ୍ରାହୀ)

ଆଲିୟାଭର ଜଙ୍ଗ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ସ୍ପିଚ ଆଣ୍ଡ ହିୟରିଂ ଡିସବିଲିଟି ଏବଂ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ମିଳିତ ସହଯୋଗରେ ମଙ୍ଗଳବାର ଜୟପୁର ଟାଉନହଲ ପରିସରରେ 'ସଙ୍କେତ ମୋ ଭାଷା' ୫ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ସହକାରୀ ନିର୍ଦ୍ଦେଶକ ଜାନଲା ଲାନୁ ବାନବୟ ଆଇମୋଲ କର୍ମଶାଳା ଉଦ୍‌ଘାଟନ କରିଥିଲେ। ସାଙ୍କେତିକ ଭାଷା ଅନୁବାଦକ ତାଲିମ ପ୍ରଦାନ, ସୁଯୋଗ ସୃଷ୍ଟି ଏହାର ଲକ୍ଷ୍ୟ। ତାଲିମଦାତାଭାବେ ଅଭିଲିପ୍ସା ପ୍ରଧାନ, ଆଦର୍ଶ ଗୁପ୍ତା ଓ ଶକ୍ତି ସ୍ୱରୂପ ରାଉତ ଉପସ୍ଥିତ ଥିଲେ। ଅଙ୍ଗନାଡି କର୍ମୀ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଛାତ୍ରୀ, ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ସମେତ ପ୍ରେମକୁଞ୍ଜ ବିଦ୍ୟାଳୟର ଅଭିଭାବକ ଓ ଛାତ୍ରମାନେ ତାଲିମ ନେଇଥିଲେ। ସ୍ମିତା ରାଣୀ ପଟ୍ଟନାୟକ, କଳ୍ପଲତା ସାହୁ, ନିନି ମହାକୁଡ, ଜ୍ଞାନ ସାଗର, ପ୍ରିୟା ପାତ୍ର, ସନ୍ଧ୍ୟା ପଟ୍ଟନାୟକ ପରିଚାଳନା କରିଥିଲେ।

# ବୈଠକ ବର୍ଜନକଲେ ଜନପ୍ରତିନିଧି

## ଲମତାପୁଟ ପଞ୍ଚାୟତ ସମିତି ବୈଠକ

- ପୂର୍ବ ବୈଠକରେ ଆଲୋଚିତ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ
- ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ବିଗିଡ଼ିଲେ ବିଧାୟକ

ଲମତାପୁଟ, ୬।୫(ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ଲମତାପୁଟ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ପୂର୍ବ ବୈଠକରେ ଯେଉଁ ସବୁ ଆଲୋଚନା ହୋଇଥିଲା ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିବାରୁ ସମିତି ସଭ୍ୟମାନେ ହଟ୍ଟଗୋଳ କରି ବୈଠକରୁ ପଳାଇଥିଲେ। ବିଧାୟକ ସମସ୍ତଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆସି ବୈଠକରେ ସାମିଲ ହୋଇଥିଲେ। ପରେ ବୈଠକରେ ଆଲୋଚନା ହୋଇଥିଲା।

ଲମତାପୁଟ ବ୍ଲକର ଏକ ସେବାଶ୍ରମରେ ଛାତ୍ରୀଙ୍କୁ ବଳାତ୍କାର ଘଟଣାକୁ ନେଇ ସମସ୍ତେ ପିଆର୍‌ଆଇ ମେମ୍ବର ହଟ୍ଟଗୋଳ କରିବା ସହ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଘେରିଥିଲେ। ବ୍ଲକର ଅଧିକାଂଶ ରାସ୍ତା ସମ୍ପୂର୍ଣ୍ଣ ହେଉ ନାହିଁ। ଟିକରପଡ଼ା ପଞ୍ଚାୟତର ଅଧିକାଂଶ ରାସ୍ତା ଠିକ ନ ଥିବା ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ କୁହାଯାଇଥିଲା। ୩ ମାସ ଭିତରେ ସବୁ ରାସ୍ତା ସମ୍ପୂର୍ଣ୍ଣ କରିବାକୁ ସମିତି ସଭ୍ୟମାନେ ଦାବି କରିଥିଲେ। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେଉ ନେଇ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ବୈଠକରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ଥିଲେ। ବିଧାୟକ ଏ ନେଇ ଜିଲାପାଳଙ୍କୁ ଅବଗତ କରିବା ସହ ଆଗାମୀ ବୈଠକରେ ସମସ୍ତେ ଉପସ୍ଥିତ ରହିବାକୁ ପରାମର୍ଶ ଦେବା ସହ ଚିଠି କରିବାକୁ ବ୍ଲକ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।




ବୈଠକରେ ଆଲୋଚନା ଚାଲିଛି।


BRAHMAPUR DEVELOPMENT AUTHORITY
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
No.153/BeDA, Brahmapur, dated 28.04.2025

PUBLIC NOTICE

No.CAD-316 : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
Sd./- Secretary
BeDA Brahmapur
OIPR-13086/11/0005/2526



OFFICE OF THE DIVISIONAL FOREST OFFICER, DHENKANAL DIVISION
Tele Fax No-06762226717, e-mail Id - dfo.dhenkanal@gmail.com

TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION

No.MM-23 : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

Sd./- Divisional Forest Officer
Dhenkanal Division
OIPR-08037/11/0017/2526



PANCHAYAT SAMITI, RARUAN, DIST-MAYURBHANJ (Odisha) PIN-757035
Adv No-01/2025-26

Tender Call Notice

No.i-72 : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer,
Raruan, Mayurbhanj
OIPR-19311/11/0002/2526



Forest Environment and Climate Change Department, Odisha
OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION
Email - dfo.jharsuguda@odisha.gov.in, Ph. - 06645-295040
Tender Notification No.99 1F(Acct)/Date 03.05.2025
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

Sd./- Divisional Forest Officer,
Jharsuguda Forest Division
OIPR-08054/11/0016/2526



OFFICE OF THE MUNICIPAL COUNCIL, SONEPUR
No.1135/Dt.05.05.2025

QUOTATION CALL NOTICE

No.C-243 : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

Sd./- Executive Officer
Sonepur Municipality
OIPR-13098/11/0034/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାର୍ଷିକ ଭିତ୍ତିରେ ବେଦାନ୍ତର ଲାଭାଂଶ ୧୭୨% ବୃଦ୍ଧି

**ନୂଆଦିଲ୍ଲୀ,୬ା୫(ଅଭୟ ଦାଶ)**

ବେଦାନ୍ତ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଏବଂ ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ପୂର୍ଣ୍ଣ ବର୍ଷର ସମନ୍ୱିତ ଫଳାଫଳକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।

ସେହିଭଳି ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ରାଜସ୍ୱ ୧୦% ବାର୍ଷିକ ବୃଦ୍ଧି ସହିତ ୧,୫୦,୭୨୫କୋଟିରେ ପହଞ୍ଚିଛି, ଯାହା ଏ ପର୍ଯ୍ୟନ୍ତ ସର୍ବାଧିକ ବୋଲି କୁହାଯାଉଛି। ଏହି ଆର୍ଥିକ ବର୍ଷ ପାଇଁ କମ୍ପାନୀର ଇବିଆଇଟିଡିଏ ୪୩,୫୪୧ କୋଟିରେ ପହଞ୍ଚିଛି, ଯାହା ବାର୍ଷିକ ବୃଦ୍ଧି ୩୭% ସହ କମ୍ପାନୀ ପାଇଁ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବେଦାନ୍ତର ଟିକସ ପରବର୍ତ୍ତୀ ଲାଭ ୧୭୨% ବାର୍ଷିକ ବୃଦ୍ଧି ପାଇ ୨୦,୫୩୫ କୋଟିରେ ପହଞ୍ଚିଛି।

ସେହିପରି କମ୍ପାନୀର ତ୍ରୈମାସିକ ରାଜସ୍ୱ ୩୯,୭୮୯ କୋଟିରେ ସର୍ବକାଳୀନ ସର୍ବାଧିକ ହୋଇଥିଲାବେଳେ ବାର୍ଷିକ ବୃଦ୍ଧି ୧୪% ରେ ପହଞ୍ଚିଛି। ଏପରିକି ୪ର୍ଥ ତ୍ରୈମାସରେ କମ୍ପାନୀର ଇବିଆଇଟିଡିଏ ୩୦% ବୃଦ୍ଧି ପାଇ ୧୧,୬୧୮ କୋଟି ଏବଂ ଇବିଆଇଟିଡିଏ ମାର୍ଜିନ୍ ୩୫% ସହ ୨ୟ ସ୍ଥାନରେ ପହଞ୍ଚିଛି, ଯାହା ବାର୍ଷିକ ଭିତ୍ତିରେ ୪୬୫ ବିପି ଥିଲା, ଯାହା ଗତ ୧୨ ତ୍ରୈମାସରେ ସର୍ବାଧିକ ବୋଲି କୁହାଯାଉଛି। ଏହି ତ୍ରୈମାସରେ କମ୍ପାନୀର ଲାଭ ୧୧୮% ବୃଦ୍ଧି ପାଇ ୪,୯୬୧ କୋଟିରେ ପହଞ୍ଚିଛି। ୭,୮୧୪ କୋଟିର ମାଗଣା ନଗଦ ପ୍ରବାହ (ପ୍ରି-କ୍ୟାପେକ୍ସ) ପଛରେ ତ୍ରୈମାସ ପାଇଁ ବେଦାନ୍ତର ନଗଦ ଏବଂ ନଗଦ ସମକକ୍ଷ ୩୪% ବୃଦ୍ଧି ପାଇଛି।

କମ୍ପାନୀର ମୋଟ ପୁଞ୍ଜି ଖର୍ଚ୍ଚ ୧୨,୬୨୬ କୋଟିରେ ପହଞ୍ଚିଛି, ଯାହାର ପରିମାଣ ବିସ୍ତାର ଏବଂ ଯୋଗାଣ ଶୃଙ୍ଖଳ ସମନ୍ୱୟ ଉପରେ କେନ୍ଦ୍ରିତ ରହିଛି। ଏହି ତ୍ରୈମାସରେ ବେଦାନ୍ତର ପୁଞ୍ଜି ନିଯୁକ୍ତି ଉପରେ ରିଟର୍ନ (ରୋସ୍) ୩୭୧ ବିପିଏସ୍ ବାର୍ଷିକଭିତ୍ତିରେ ବୃଦ୍ଧି ପାଇ ୨୭% ହୋଇଛି। ଏହି ତ୍ରୈମାସିକ ପାଇଁ କମ୍ପାନୀର ନେଟ୍ ଋଣ ୫୩,୨୫୧ କୋଟିକୁ ହ୍ରାସ ପାଇଛି, ନେଟ୍ ଋଣ/ ଇବିଆଇଟିଡିଏ ୧.୨ଗୁଣ (୨୦୨୪ ଡିସେମ୍ବର୨୪ ମଧ୍ୟରେ ୧.୪ଗୁଣ)। ବେଦାନ୍ତ କ୍ରିସିଲ ଏବଂ ଆଇସିଆରଏ ଉଭୟଙ୍କଠାରୁ ଏଏକୁ କ୍ରେଡିଟ୍ ରେଟିଂ ଅପ୍‌ଗ୍ରେଡ୍ ପାଇଛି।

ଏହି ସମୟ ମଧ୍ୟରେ ବେଦାନ୍ତ ଆଲୁମିନିୟମର ସର୍ବୋଚ୍ଚ ଉତ୍ପାଦନ ୨,୪୨୨ କେଟି ରେକର୍ଡ କରିଛି। ଯେତେବେଳେ ଭାରତରେ କମ୍ପାନୀର ଜିଙ୍କ୍ କାର୍ଯ୍ୟ ଯଥାକ୍ରମେ ୧,୦୯୫ କେଟି ଏବଂ ୧,୦୫୨ କେଟିରେ ସର୍ବୋଚ୍ଚ ଖଣି ଏବଂ ପରିଷ୍କୃତ ଧାତୁ ଉତ୍ପାଦନ ହାସଲ କରିଛି। ବେଦାନ୍ତର ଲୁହା ପଥର ବ୍ୟବସାୟ ୬.୨ ଏମଟି ଲୁହା ପଥର ଉତ୍ପାଦନ ସହିତ ୧୨% ଅଭିବୃଦ୍ଧି ହାସଲ କରିଛି ଏବଂ ତମ୍ବା ବ୍ୟବସାୟ ବାର୍ଷିକ ତମ୍ବା କାଥୋଡ୍ ଉତ୍ପାଦନ ୧୪୯ କେଟି ପୋଷ୍ଟ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅରୁଣ ମିଶ୍ର କହିଛନ୍ତି, ଆମେ ଆମର ୪ର୍ଥ ତ୍ରୈମାସିକ ଓ ବାର୍ଷିକ ଆର୍ଥିକ ଫଳାଫଳକୁ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏହି ତ୍ରୈମାସିକ ଫଳାଫଳ ଏକ ଅସାଧାରଣ ସଫଳତାର ବର୍ଷ ସହ ସମାପ୍ତ କରିଛି, ଯେଉଁଠାରେ ଆମେ କେବଳ ଆଲୁମିନିୟମ ଏବଂ ଜିଙ୍କ୍ ପାଇଁ ସର୍ବାଧିକ ବାର୍ଷିକ ପରିମାଣ ପ୍ରଦାନ କରି ନାହୁଁ ବରଂ ଉତ୍ପାଦନ ଖର୍ଚ୍ଚକୁ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ କରିଛୁ।

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

**ପଡିଆ,୬ା୫(ଭାସ୍କର ରାଓ)**

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ନୂତନ ଶାଖା ମଙ୍ଗଳବାର ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ପ୍ରବନ୍ଧକ ଦିନେଶ ପୃଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ଡିଜିଏମ୍ ଶମଦେନ ଦୋରଜୀ ଲାମା, ଡିଜିଏମ୍ ସନ୍ଦୀପ କୁମାର ଚବେ, ଆର୍‌ଏମ୍ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ପଡିଆ ବ୍ଲକ ବିଡିଓ ଅଶ୍ୱିନୀ କୁମାର ବିଶୋୟୀ, ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶେଷଦେବ ବେହେରା ଓ ପଡିଆ ଥାନାର ଉପ ନିରୀକ୍ଷକ ନୀରୋଦ କୁମାର ବାଘ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ଶାଖା ଜରିଆରେ ପଡିଆ ବ୍ଲକ ୮ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବ୍ୟାଙ୍କର ବିଭିନ୍ନ ସେବା ପାଇବେ ବୋଲି କୁହାଯାଇଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଷ୍ଟେଟ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ସୁବିଧା ସୁଯୋଗ ବାବଦରେ ପଚାରି ବୁଝିବା ସହ ଆଗାମୀ ଦିନରେ ପଡିଆ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଉପକରଣ ଯୋଗାଇବା ଦିଗରେ ଅନୁବନ୍ଧିତ ହୋଇ ସହଯୋଗ କରିବା ନେଇ ଆଲୋଚନା କରିଥିଲେ।

# ଦକ୍ଷତା ବୃଦ୍ଧି କରୁଛି ଟିପିଏନ୍‌ଓଡିଏଲ୍ ଏଚ୍‌ଓଟିଟି ସେଣ୍ଟର



ବାଲେଶ୍ୱର କୌଶଳ ବିକାଶ କେନ୍ଦ୍ର ସମ୍ମୁଖରେ ଅଧିକାରୀଙ୍କ ସହ କର୍ମଚାରୀ।

### ୫ ଅତ୍ୟାଧୁନିକ ତାଲିମ କେନ୍ଦ୍ରରେ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ପ୍ରଦାନ

**ବାଲେଶ୍ୱର, ୬ା୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ଏହାର ୫ଟି ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ହାଣ୍ଡସ-ଅନ୍ ଟେକ୍ନିକାଲ୍ ଟ୍ରେନିଂ (ଏଚ୍‌ଓଟିଟି) କେନ୍ଦ୍ରର ନେଟ୍‌ୱର୍କ ଜରିଆରେ କର୍ମଚାରୀଙ୍କ ବିକାଶ ଓ ଗୋଷ୍ଠୀ ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଏହି କେନ୍ଦ୍ରଗୁଡ଼ିକ ବାଲେଶ୍ୱର, ମୟୂରଭଞ୍ଜ ଜିଲାର ବେତନଟୀ, କେନ୍ଦୁଝରର ଯୋଡ଼ା, ଭଦ୍ରକର ରାହାଞ୍ଜ ଓ ଯାଜପୁରର ପାଣିକୋଇଲିରେ ରହିଛି। ସମଗ୍ର ଉତ୍ତର ଓଡ଼ିଶାରେ ବୈଷୟିକ ଦକ୍ଷତାକୁ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ଟିପିଏନ୍‌ଓଡିଏଲ୍‌ର ପ୍ରତିଟି ପରିଚାଳନା ସର୍କଲ୍‌ରେ ସ୍ଥାପନ କରାଯାଇଥିବା ଏହି କେନ୍ଦ୍ରଗୁଡ଼ିକ ବାସ୍ତବ ବିଦ୍ୟୁତ ଶକ୍ତି ବ୍ୟବସ୍ଥାରେ ପ୍ରତ୍ୟକ୍ଷ ତାଲିମ ସହିତ ଥିଓରିକୁ ମିଶାଇ ଏକ ଚମତ୍କାର ଶିକ୍ଷଣୀୟ ପରିବେଶ ପ୍ରଦାନ କରୁଛନ୍ତି। କେନ୍ଦ୍ରଗୁଡ଼ିକରେ ସ୍ୱିଚ୍‌ଗିୟର ୱାର୍କଶପ୍, ଟ୍ରାନ୍ସଫର୍ମର ୟୁନିଟ୍, ଆର୍‌ଏମ୍‌ୟୁ, ସିଟି, ପିଟି, ଏଲ୍‌ଏ, ସ୍କାଡ଼ା ବ୍ୟବସ୍ଥା ଏବଂ ସିମୁଲେଟରର ନେଟୱର୍କ ଭଳି ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରଠାରୁ କେନ୍ଦ୍ରଗୁଡ଼ିକ ସଫଳତାର ସହିତ ଟିପିଏନ୍‌ଓଡିଏଲ୍ ଓ ବିଜନେସ୍ ଆସୋସିଏଟ୍ (ବିଏ) ମାନଙ୍କ ୪,୧୯୦ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କ ପରିଚାଳନା, ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦକ୍ଷତାରେ ଉନ୍ନତି ଆଣିପାରିଛନ୍ତି। କେବଳ ବାଲେଶ୍ୱରରେ ୩୩୯୬ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବେତନଟୀର ୫୬୧ ଓ ଯୋଡ଼ାର ୨୩୩ କର୍ମଚାରୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯାଇଛି। ଆର୍ଥିକବର୍ଷ ଶେଷ ଆଡ଼କୁ ଭଦ୍ରକ ଓ ଯାଜପୁର କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସହିତ ଏମ୍‌ଓୟୁ ଅଧୀନରେ ସେଗୁଡ଼ିକ ସରକାରୀ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ ଆରମ୍ଭ କରିଛନ୍ତି। ଏହି କେନ୍ଦ୍ରଗୁଡିକର ପ୍ରଭାବ ଦକ୍ଷତା ବିକାଶଠାରୁ ଅଧିକ କିଛି ରହିଛି। ସୁରକ୍ଷିତ କର୍ମ ସଂସ୍କୃତି, ନବସୃଜନକୁ ଗ୍ରହଣ କରିବା ଏବଂ କର୍ମଚାରୀଙ୍କୁ ଯୋଡ଼ିବାରେ ଇନ୍‌କୁବେଟର୍ ଭାବେ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରୁଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୬ା୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୬ (୧୫୫.୭୭) ପଏଣ୍ଟ ହ୍ରାସ ଘଟି ୮୦,୬୪୧ (୮୦,୬୪୧.୦୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୮୧ (୮୧.୫୫) ପଏଣ୍ଟ କମି ୨୪,୩୮୦ (୨୪,୩୭୯.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


## ମନେ ପଡ଼ନ୍ତି

**୧୩ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଡଃ ପଦ୍ମିନୀ ମିଶ୍ର**

ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨

ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୮୨୦



# Classified Everyday
0674-2580101, 9692975378



**MATRIMONIAL**


**BRIDE WANTED**

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମୀନ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମୀନ ପାତ୍ରୀ ଦରକାର। ଯୋଗାଯୋଗ-7978626462. D-377

**GROOM WANTED**

Retd Govt. ଏକାକୀ ରହୁଥିବା ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378



**AUTOMOBILE**
**SALE**


Hywa Model 2018, 2017 & 2016, Creata 2023, Audi sale with Refinance. 7008612835. D-419



**REAL ESTATE**
**SALE**

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call-9861642492.** D-200

CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728



**CONSTRUCTION**


Do you want to construct a building on your own plot please contact K.K. Construction. 7 0 0 8 2 6 8 1 2 9 , 9439143273. D-71397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**FOR RENT**

Medical coworking space strategic location Chandrasekharpur, Bhubaneswar Ground Floor. 9437008388. D-74729



**Healthcare**

**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open Jyoti SPA positively health benefits (Expert therapist). 8458067955. D-76912

**LOST**

I, Manish Kumar have lost my Original B.Tech. Final Degree Certificate affiliated to BPUT, Reg. No.- 1101314161. If found, please contact 7280888813. D-418

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Notice is hereby given to all concerned that Smt. Lopinti Janaki, W/o- Lopinti Simanchal resident of At- Nimasahi, Buxibazar, Cuttack has sworn an affidavit on dated 03.05.2025 regarding the Loss of Original RSD No.- 11832102562, dated 11.10.2021, ROR No.- 239/494, Mouza- Madhupur, Baranga, Cuttack, Smt. Lopinti Janaki has applied to the loan LIC Housing Finance Ltd. to avail Housing Loan by mortgaging Loan the said document. All concerned therefore having any claim over the property purchased under the said document RSD No.- 11832102562, ROR No.- 239/494 are required to file their claim with the undersigned within 15 (Fifteen) days from the date of publication of this notice failing which it will be presumed that the property having link with the said documents is/are free from encumbrances and any claim in respect there of against the applicant as a mortgagor & the compart as the mortgagee shall be void and in effective after the lapse of 15 (Fifteen) days of publication of this Notice. Sanjib Kumar Sharma, Advocate, LIC Housing Finance Ltd. Plot No.-M16, Phase-1, Chhend, Rourkela-15, Dist.-Sundargarh, Odisha. Mob- 7978747882. D-421

**AFFIDAVIT**

By virtue of an affidavit sworn before Executive Magistrate, Erasama, dated 03.05.2025, I, Raj Kumar Samanta, Address: At- Khurantutha, P.O.- Kunjakothi, P.S.- Erasama, Dist.- Jagatsinghpur, PIN-754139 declare that I have changed my son's name from R.RAGUL (Old name) to RAHUL SAMANTA (New name). Henceforth, he shall be known as RAHUL SAMANTA (New name) for all purposes. Raj Kumar Samanta D-425

By virtue of an affidavit sworn before the Executive Magistrate, Nayagarh on dated 5th May 2025, I, Mrs. Sasmita Mishra, behind Nayagarh Women's College, Dist.- Nayagarh, Odisha, PIN-752069 have changed my name from Sashmita Padhiary to Sasmita Mishra. Henceforth, I shall be known as "Sasmita Mishra" for all purposes. D-424

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Bhubaneswar, dated 19.04.2025, I, Megha Swikruti Behera, D/o- Ranjan Kumar Behera, resident At- Andilo, P.O./P.S.- Balianta, Dist.- Khurda, Odisha, PIN-752101 declare that I have changed my name from Megha Sikruti Behera (Old name) to Megha Swikruti Behera (New name). Henceforth, I shall be known as Megha Swikruti Behera for all purposes. D-71238

By virtue of an affidavit sworn before the Executive Magistrate, Bhubaneswar, dated 05.5.25, I, Khushboo Sao, Address: At- Narsingarh, P.O./P.S.- Dhalbhumgarh, Dist.- East Singhbhum 832302 declare that I have changed my name from Khushboo Rani to Khushboo Sao. Henceforth, I shall be known as Khushboo Sao for all purposes. Khushboo Sao. D-422

I, Kailas Chandra Suabi, aged about 24 years, Son of Bhagaban Suabi, resident of At/P.O.- Bilaput, P.S.- Padwa, Dist.- Koraput, Odisha, have changed my name to KAILASH CHANDRA SUABI vide affidavit sworn before the Notary Public, Sunabeda on dated 02.05.2025 vide Sl. No.- 742. Henceforth, I shall be known as KAILASH CHANDRA SUABI for all purposes. D-426

I, Pan Khilla, aged about 46 years, Wife of Khilo Saniya, resident of Village- Chikapar, P.O.- Sunabeda-01, P.S.- Sunabeda, Dist.- Koraput, Odisha have changed my name to PANA KHILO and Husband's name is KHILO SANIYA vide affidavit sworn before the Notary Public, Sunabeda on dated 01-05-2025 vide Sl. No.- 736. Henceforth, I shall be known as PANA KHILO for all purposes. D-427

By virtue of affidavit No.- 954, dtd. 05.05.2025, I, Susanta Sahu, S/o- Gopal Sahu, P.O.- Balimela (Aurobinda Line), P.S.- ORKEL, Dist.- Malkangiri my daughter's actual name is "Hansika Sahu" mentioned in her School Register. But her Aadhaar Card No.- xxxx xxxx 1519 her name wrongly mentioned as "Sanjana Sahu" instead of "Hansika Sahu". Both are same & one person. D-428

By virtue of affidavit No.-953, dtd. 05.05.2025, I, Susanta Sahu, S/o- Gopal Sahu, P.O.- Balimela (Aurobinda Line), P.S.- ORKEL, Dist.- Malkangiri my son's actual name is "Ansuman Sahu" mentioned in his School Register. But his Aadhaar Card No.- xxxx xxxx 0120 his name wrongly mentioned as "Sameer Sahu" instead of "Ansuman Sahu". Both are same and one person. D-429

## ରଜନୀଗନ୍ଧାରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୁର ସିଙ୍ଗଲ୍ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ଆଖୁରେ ପିଲ ବାହାରୁଥିଲେ...



ଆଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷାକରିବା ସକାଶେ ଶତକଡ଼ା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ୨ଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

# ଖରାଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା

କୃଷି ସହ ପଶୁପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହ ଅଧିକ ଉତ୍ପାଦନକ୍ଷମ ପଶୁପାଳନର ଆବଶ୍ୟକତା ରହିଛି । ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଆମେ ଦେଶୀଗାଇଠାରୁ ସଙ୍କର ଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିଆନା ପ୍ରଭୃତି ଦୁଧିଆଳୀ ଗାଇ ଉତ୍ପନ୍ନ କରାଯିବା ସହ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କର ଜାତୀୟ ଦୁଧିଆଳୀ ଗାଇ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି। ଖରାଦିନେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ । ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ । ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଇ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପ୍ରତ୍ୟକ୍ଷ ପ୍ରଭାବ :** ଉତ୍ତାପ ଥାଇରଏଡ୍ ହର୍‌ମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ । ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରି ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ । ଗ୍ରୀଷ୍ମଋତୁରେ ଏଫ୍‌ଏସ୍‌ଏଚ୍ ଓ ଏଲ୍‌ଏଚ୍ ହର୍‌ମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ । ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହର୍‌ମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସ୍‌ରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହର୍‌ମୋନ୍ ଝରଣରେ ବାଧା ସୃଷ୍ଟିକରେ । ଫଳରେ ଗାଇ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି।

**ରୌଦ୍ରତାପରୁ ସୁରକ୍ଷା ପ୍ରଦାନ**
ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା - ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ । ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ । ଖରାଦିନେ ଦେଶୀ ଗାଇଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ । ସଙ୍କର ଜାତୀୟ ଗାଇ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ଦିନ ଗାଇଙ୍କୁ ଗାଧୋଇଦେବା ଉଚିତ । ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ । ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ । ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଦରକାର ଏବଂ ୨ ଲିଟର ପାଣି

"ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା - ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ । ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ ।"



ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି । ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ । ବାହାରେ ମଇଳା, ନାଳନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ଆଶଙ୍କା ଥାଏ ।

**ଗୁହାଳକୁ ଥଣ୍ଡା ରଖିବା ଉପାୟ**
ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରରେ ଟାଙ୍ଗିବା ଆବଶ୍ୟକ । ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରରେ ହେଲାଣି । ଗୁହାଳର ଛପର ଉପରେ ଛଣ, ଜାମୁଡ଼ାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ ।

**ଉତ୍ତମ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା :** ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତା'ହେଲେ ପ୍ରାତଃ ସକାଳେ ଚରାଇବା ଦରକାର। ଦିନବେଳା ଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଫଳରେ ଶରୀରରେ ଧାତବଲବଣ ବା ଭିଟାମିନ୍‌ର ଅଭାବ ପରିଲକ୍ଷିତ ହୁଏ । ତେଣୁ ଧାତବ ଲବଣ ବା ମିନେରାଲ ମିକ୍ସଚର ୪ରୁ ୬ ଚାମଚ ଗୋରୁଙ୍କ ଖୁଆଇବା ଆବଶ୍ୟକ । ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ । ସବୁଜ ଘାସ ୬-୮କେ.ଜି. ଏବଂ ନଡ଼ା ବା କୁଟା ୨କେ.ଜି. ପ୍ରତି ୧୦୦କେ.ଜି. ଶରୀରର ଓଜନ ହିସାବରେ ଖୁଆଯିବା ଉଚିତ । ଫାର୍ମମାନଙ୍କରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ୍ୟ ଖାଇବାକୁ ଦିଆଯାଇଥାଏ ।

**ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :** ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଇ, ପଡ଼ିଆ ଗାଇ, ପ୍ରଜନନକ୍ଷମ ଷଣ୍ଢମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଉଚିତ । ନିକଟରୁ ପର୍ଯ୍ୟବେକ୍ଷଣକରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା କରନ୍ତୁ। ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତିର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ । ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲ ଗୁଣ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରାଇନେବା ଆବଶ୍ୟକ । ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇ ଦେବା ଆବଶ୍ୟକ । ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ।

**ଗୋରୁଙ୍କ ଖାଦ୍ୟର ବିକଳ୍ପ ବ୍ୟବସ୍ଥା**
ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ । ତେଣୁ ଖରାଦିନେ ସବୁଜ ଘାସ ବଦଳରେ ଗଛପତ୍ର ଯଥା - ସୁବାବୁଲ ପତ୍ର, ଅଶ୍ୱତ୍ଥ ପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଖୁଆଇବା ଦରକାର । ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି । ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ । ଏହା ଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗୋରୁ ସନ୍ତୋଷ ଲାଭ କରନ୍ତି । ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ । ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲ୍‌ସିୟମ୍ ସହ ମିଶି କ୍ୟାଲ୍‌ସିୟମ୍ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି ବାହାରି ଆସେ। (କ୍ରମଶଃ...)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ



➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

➤ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

➤ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ




ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରଡିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ



ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

## ଖରାଟିଆ ମୁଗ ଫସଲରେ ଜଳସେଚନ



ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## କୁଜି ସାରୁ କିସମ



ଜଳସେଚନର ସୁବିଧା ଥିଲେ ମେ'ରୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡ଼ି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନକରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ ଓଡ଼ ଗଭୀର ଚାଷକରି ମଇଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ସଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ , ୨୪କି.ଗ୍ରା. ଫସ୍‌ଫରସ୍,୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ



ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ସଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଦମନ



ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍, ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୭/୨୦୨୫ Bhubaneswar, Wednesday, May 7/ 2025

# ଗୁଜରାଟ ବୋଲର ପ୍ରଭାବୀ



ଉଇକେଟ ନେବା ପରେ ସାଇ କିଶୋରଙ୍କୁ ଶୁବମନ ଗିଲ୍ ବଧେଇ ଜଣାଉଛନ୍ତି।

ମୁମ୍ବାଇ,୬।୫

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ଗୁଜରାଟ ଟାଇଟନ୍ସ (ଜିଟି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ଗୁଜରାଟ ଆଗରେ ୧୫୬ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ଟସ୍ ଜିତି ଗୁଜରାଟ ଅଧିନାୟକ ଶୁବମନ ଗିଲ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମୁମ୍ବାଇ ଖୁବ ଶସ୍ତାରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ରିୟାନ ରିକଲଟନ ୨ ଓ ରୋହିତ ଶର୍ମା ୭ ରନ କରି ଆଉଟ୍ ହୋଇଥିଲେ। ଏହାପରେ ୱିଲ ଜ୍ୟାକ୍ସ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୭୧ ରନ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ପାଖାପାଖି ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଜ୍ୟାକ୍ସ ୩୫ ବଲରେ ୫ ଚୌକା ଓ ୩ ଛକା ସହିତ ୫୩ ଏବଂ ସୂର୍ଯ୍ୟକୁମାର ୨୪ ବଲରେ ୫ ଚୌକା ସହ ୩୫ ରନ କରି ପାଭିଲିଅନ ଫେରିଥିଲେ। ତିଲକ ବର୍ମା (୭), ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧) ଓ ନମନ ଧିର (୭) ବିଫଳ ହୋଇଥିଲେ। ଏଥିଯୋଗୁ ୧୦.୩ ଓଭର ସୁଦ୍ଧା ୯୭/୨ ସ୍କୋର କରିଥିବା ମୁମ୍ବାଇ ୧୬.୨ ଓଭର ସୁଦ୍ଧା ୧୨୩ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ କର୍ବିନ ବୋଶ୍ଚ ୨୨ ବଲରେ ୧ ଚୌକା ଓ ୨ ଛକା ସହିତ ୨୭ ରନ କରି ଦଳୀୟ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଗୁଜରାଟ ପକ୍ଷରୁ ଆର୍ ସାଇ କିଶୋର ୨ ଉଇକେଟ ନେଇଥିବା ବେଳେ ରଶିଦ ଖାନ, ମହମ୍ମଦ ସିରାଜ, ପ୍ରସିଦ୍ଧା କ୍ରୀଷ୍ଣା ଓ ଜେରାଲ୍ଡ କୋଜି ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୫୫/୮ (ୱିଲ ଜ୍ୟାକ୍ସ-୫୩, ସୂର୍ଯ୍ୟକୁମାର ଯାଦବ-୩୫, କର୍ବିନ ବୋଶ୍ଚ-୨୭, ଆର୍ ସାଇ କିଶୋର-୨/୩୪, ଜେରାଲ୍ଡ କୋଜି-୧/୧୦, ରଶିଦ ଖାନ-୧/୨୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**କୋଲକାତା ବନାମ ଚେନ୍ନାଇ**

**ସ୍ଥାନ: କୋଲକାତା**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

# ଜାତୀୟ ଦଳରେ ଆର୍ଯ୍ୟନ, ରଞ୍ଜିତ

**ଏସିଆନ ପୁରୁଷ ବିଚ୍ ହ୍ୟାଣ୍ଡବଲ**

ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ)

ଚଳିତ ମାସ ୬ରୁ ୧୫ ପର୍ଯ୍ୟନ୍ତ ଓମାନର ମସ୍କଟଠାରେ ୧୦ମ ଏସିଆ ପୁରୁଷ ବିଚ୍ ହ୍ୟାଣ୍ଡବାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ଓଡ଼ିଶାର ଯୁବ ଅନ୍ତର୍ଜାତୀୟ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ଓ ବରିଷ୍ଠ ଖେଳାଳି ରଞ୍ଜିତ ମହାନ୍ତି ସ୍ଥାନ ପାଇ ଇତିହାସ ରଚିଛନ୍ତି। ପ୍ରତିଯୋଗିତାରେ ଏସୀୟ ମହାଦେଶର ୯ଟି ଦେଶ ଭାଗ ନେଉଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ ନାୟକ, କୋଚ ଗୌରୀଶଙ୍କର ମିଶ୍ର ଆର୍ଯ୍ୟନ ଓ ରଞ୍ଜିତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ଆର୍ଯ୍ୟନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି।

# ମୁହଁ ଖୋଲିଲେ କୋହଲି

**ଭାରତ, ଆର୍‌ସିବି ନେତୃତ୍ୱ ଛାଡ଼ିବା ପ୍ରସଙ୍ଗ**



ବିରାଟ କୋହଲି

ବେଙ୍ଗାଲୁରୁ,୬।୫: ପ୍ରତ୍ୟେକ ଆଥଲେଟ୍‌ଙ୍କ ଜୀବନରେ ଏମିତି ସମୟ ଆସେ, ଯେତେବେଳେ ସମର୍ଥକଙ୍କ ଆଶା ଆହୁରି ଭଲ ପ୍ରଦର୍ଶନ କରିବାକୁ ମୋଟିଭେଶନ ଯୋଗାଇବା ବଦଳରେ ଏକ ବୋଝ ପାଲଟିଯାଏ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ କ୍ୟାରିୟରରେ ୨୦୧୬ରୁ ୨୦୧୯ ମଧ୍ୟରେ ସେଭଳି ସମୟ ଆସିଥିଲା। ଏହି ବୋଝ ଅତ୍ୟଧିକ ହେବାରୁ କୋହଲି ଭାରତୀୟ ଦଳ ଓ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ନେତୃତ୍ୱ ଛାଡ଼ିଥିଲେ। ଏ ନେଇ କୋହଲି ମଙ୍ଗଳବାର ଆର୍‌ସିବି ପଡକାଷ୍ଟରେ ପ୍ରକାଶ କରିଛନ୍ତି।

'ମୁଁ ୮ରୁ ୯ ବର୍ଷ ହେଲା ଭାରତୀୟ ଦଳ ଓ ୯ ବର୍ଷ ଧରି ଆର୍‌ସିବି ଦଳର ନେତୃତ୍ୱ ନେଉଥିଲି। ଏଥିସହିତ ପ୍ରତ୍ୟେକ ମ୍ୟାଚ୍‌ରେ ମୁଁ ବ୍ୟାଟରେ ପ୍ରଦର୍ଶନ କରିବି ବୋଲି ସମର୍ଥକଙ୍କ ଆଶା ମଧ୍ୟ ରହିଥିଲା। ଏହା ଅତ୍ୟଧିକ ହୋଇଯାଇଥିଲା। ଏହାକୁ ନେଇ ଅତ୍ୟଧିକ ଚର୍ଚ୍ଚା ଓ ତୀବ୍ରତା ଯୋଗୁ ମୋ ପାଖରେ ନିଃଶ୍ୱାସ ନେବାକୁ ସ୍ଥାନ ନ ଥିଲା। ମୁଁ କଦାପି ଚର୍ଚ୍ଚାରେ ନ ଥିବା ଭଳି ଅନୁଭବ କରିନାହିଁ। ଲଗାତର ମୋ ନେତୃତ୍ୱ ଓ ପ୍ରଦର୍ଶନକୁ ସମୀକ୍ଷା କରାଯାଉଥିଲା। ଶେଷରେ ମୋତେ ନିଜକୁ ପଚାରିବାକୁ ପଡ଼ିଥିଲା ଯେ, ମୁଁ ଏବେ ବି ଖୁସି ଅଛି କି। ମୁଁ ଏହାକୁ ଜାରି ରଖିବାକୁ ଚାହୁଁଛି କି' ବୋଲି କୋହଲି କହିଛନ୍ତି। ୨୦୨୧ ଆଇପିଏଲ୍ ଶେଷ ହେବା ପରେ କୋହଲି ଆର୍‌ସିବି ନେତୃତ୍ୱରୁ ଓହରି ଯାଇଥିଲେ। ଏହାପରେ ସେ ଭାରତୀୟ ଟି୨୦ ଦଳର ନେତୃତ୍ୱ ମଧ୍ୟ ଛାଡ଼ିବା ପରେ ତାଙ୍କୁ ଦିନିକିଆ ଦଳର ନେତୃତ୍ୱରୁ ବିସିସିଆଇ ହଟାଇଥିଲା। ୨୦୨୨ ଆରମ୍ଭରେ କୋହଲି ଟେଷ୍ଟ ଦଳର ନେତୃତ୍ୱ ମଧ୍ୟ ଛାଡ଼ିଥିଲେ।

### ଏକଦା ଆର୍‌ସିବି ଛାଡ଼ିବାକୁ ଚିନ୍ତା କରିଥିଲି

କୋହଲି ଆଇପିଏଲ୍ ଆରମ୍ଭରୁ ଆର୍‌ସିବି ସହ ଯୋଡ଼ି ହୋଇରହିଛନ୍ତି। ହେଲେ ଏକଦା ସେ ଆର୍‌ସିବି ଛାଡ଼ି ଅନ୍ୟ ଦଳରେ ସାମିଲ ହେବାକୁ ଚିନ୍ତା କରିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

ମୁଁ ଆର୍‌ସିବି ଛାଡ଼ିବା ଲାଗି ବ୍ୟଗ୍ର ନ ଥିଲି। କିନ୍ତୁ ମୁଁ ଏ ସମ୍ପର୍କରେ ଚିନ୍ତା କରିଥିଲି। ମୋତେ ଦଳ ପରିବର୍ତ୍ତନ କରିବାକୁ ପରାମର୍ଶ ମିଳୁଥିଲା। ମୁଖ୍ୟତଃ, ମୁଁ ମୋ କ୍ୟାରିୟରର ଶୀର୍ଷରେ ଥିଲା ବେଳେ ମୋତେ ସୁଯୋଗ ମିଳିଥିଲା। କିନ୍ତୁ ଶେଷରେ ମୁଁ ନିଜକୁ ପଚାରିଥିଲି ଯେ, ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ କ'ଣ। ମୋ ପାଇଁ ବିଶ୍ୱସ୍ତତା ଓ ଦୀର୍ଘ ବର୍ଷ ଧରି ଗଢ଼ିଉଠିଥିବା ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ। ଏହା ମୋ ଘର। ଆମେ ହାରୁ କି ଜିତୁ, ତାହା ଚଳିବ। ମୁଁ ଭାରତ ଲାଗି ଅନେକ କିଛି ଜିତିଛି। ମୋତେ କିଛି ନୂଆ ଉପଲବ୍ଧି ପଛରେ ଦୌଡ଼ିବାର ଆବଶ୍ୟକତା ନାହିଁ। ମୋତେ ଯେଉଁ ସ୍ଥାନ ସର୍ବଦା ସମର୍ଥନ କରିଆସିଛି, ସେଥିଲାଗି ମୁଁ ସଚ୍ଚୋଟ ରହିବାକୁ ଚାହେଁ ବୋଲି କୋହଲି କହିଛନ୍ତି।

# ଅକ୍ଟୋବର ୨ରୁ କଳିଙ୍ଗ କପ୍

ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ)

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ କଳିଙ୍ଗ କପ୍ ୨୦୨୫ର ୪ର୍ଥ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତିଯୋଗିତା ଅକ୍ଟୋବର ୨ରୁ ୫ ପର୍ଯ୍ୟନ୍ତ ହେବ। ସ୍ଥାନୀୟ ଗୋପବନ୍ଧୁ ପଡ଼ିଆରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟ ପାଇଁ କୌଣସି ଏଣ୍ଟ୍ରି ଫି ରଖା ଯାଇନାହିଁ ବୋଲି ଆୟୋଜକଙ୍କ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚାମ୍ପିୟନ ଦଳକୁ ୧.୫ ଲକ୍ଷ, ରନରଅପ୍‌କୁ ୧ ଲକ୍ଷ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ଶୃଙ୍ଖଳିତ ଦଳକୁ ୫୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବ। ଟୁର୍ନାମେଣ୍ଟ ଟେନିସ୍ ବଲରେ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ୧୦ ଓଭର ଏବଂ ସେମିଫାଇନାଲ ଓ ଫାଇନାଲ ୧୫ ଓଭର ବିଶିଷ୍ଟ ହେବ। ସମ୍ମିଳନୀରେ କ୍ଲବ କର୍ମକର୍ତ୍ତାଙ୍କ ମଧ୍ୟରେ ମହମ୍ମଦ ମୋସିନ, ସତ୍ୟ ନାରାୟଣ ସେଠୀ, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ, ସୋମନାଥ ଦାସ, ଦେବ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

## ଭାରତ ଆଇସିସି ଟୁର୍ନାମେଣ୍ଟରେ ବି ପାକିସ୍ତାନ ସହ ଖେଳିବା ଉଚିତ ନୁହେଁ :ଗମ୍ଭୀର

**ନୂଆଦିଲ୍ଲୀ, ୬।୫ (ପି.ଟି.):** ଆତଙ୍କବାଦ୍ ଶେଷ ନ ହେବା ପର୍ଯ୍ୟନ୍ତ ଭାରତ ଏସିଆ କପ୍ ଓ ଆଇସିସି ଇଭେଣ୍ଟରେ ମଧ୍ୟ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବା ଉଚିତ ନୁହେଁ। ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି। ଦୁଇ ଦେଶ ମଧ୍ୟରେ ତିକ୍ତତାପୂର୍ଣ୍ଣ ସମ୍ପର୍କ ଯୋଗୁ ୨୦୦୭ଠାରୁ କୌଣସି ଦ୍ୱିପାକ୍ଷିକ ସିରିଜ ହୋଇନାହିଁ। ଦୁଇ ଦେଶ କେବଳ ଆଇସିସି କିମ୍ବା ଏସିଆ କପ୍ ଇଭେଣ୍ଟରେ ପରସ୍ପର ସହ ଖେଳୁଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଭାରତ ଆଦୌ ପାକିସ୍ତାନ ସହ ଖେଳିବା ଉଚିତ ନୁହେଁ ବୋଲି ଗମ୍ଭୀର ସ୍ପଷ୍ଟଭାବେ ପ୍ରକାଶ କରିଛନ୍ତି।

# ବିଶ୍ୱ ଆଥ୍‌ଲେଟିକ୍ସ ଦିବସ

ନୂଆଦିଲ୍ଲୀ,୬।୫

ଆଜି ବିଶ୍ୱ ଆଥ୍‌ଲେଟିକ୍ସ ଦିବସ। ଶାରୀରିକ ଫିଟନେସର ପ୍ରଚାର, ଆଥ୍‌ଲେଟିକ୍ସରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନ ଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମେ ୭ ତାରିଖରେ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପାଳନ କରାଯାଏ। ୱାର୍ଲ୍ଡ ଆଥଲେଟିକ୍ସ ଭାବେ ଏବେ ପରିଚିତ ଅନ୍ତର୍ଜାତୀୟ ଆମେଚର ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପକ୍ଷରୁ ଟ୍ରାକ ଓ ଫିଲ୍ଡ ଇଭେଣ୍ଟ ମାଧ୍ୟମରେ ଯବପିଢ଼ି ମଧ୍ୟରେ ଏକ ସଶକ୍ତ କ୍ରୀଡ଼ା ପରମ୍ପରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ଉତ୍ସର୍ଗ କରାଯାଇଛି। ଏହାକୁ ପୂରା ବିଶ୍ୱରେ ପାଳନ କରାଯାଏ। ଏହା ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସକ୍ରିୟ ଜୀବନଶୈଳୀର ଗୁରୁତ୍ୱକୁ ଦର୍ଶାଏ। ଚଳିତ ବର୍ଷର ବିଶ୍ୱ ଆଥଲେଟିକ୍ସ ଦିବସ ଲାଗି ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଥିମ ଘୋଷଣା କରାଯାଇ ନାହିଁ। ପ୍ରତ୍ୟେକ ବର୍ଷ ଥିମ କ୍ରୀଡ଼ା ବିକାଶର ବିଭିନ୍ନ ଦିଗକୁ ପ୍ରଦର୍ଶିତ କରେ।

ବିଶ୍ୱ ଆଥଲେଟିକ୍ସ ଦିବସ ପ୍ରଥମେ ୧୯୯୬ରେ ପାଳିତ ହୋଇଥିଲା। ପ୍ରିମୋ ନେବିଓଲୋଙ୍କ ନେତୃତ୍ୱାଧୀନ ଆଇଏଏଏଫ୍ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଥ୍‌ଲେଟିକ୍ସ ପ୍ରତି ଇଚ୍ଛା ସୃଷ୍ଟି କରିବା ପାଇଁ ଏହାକୁ ଆରମ୍ଭ କରାଯାଇଥିଲା।



# ଦିବ୍ୟଦର୍ଶିନୀ, କାଜଲଙ୍କ ଶତକ

**ଆନ୍ତଃ ଜିଲା ମହିଳା କ୍ରିକେଟ**

ଭୁବନେଶ୍ୱର, ୬।୫ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍ ପର୍ଯ୍ୟାୟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ କଟକ, ଯାଜପୁର ବଲାଙ୍ଗୀର, ଭୁବନେଶ୍ୱରର ସହଜ ବିଜୟ ହାସଲ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କଟକ ୧୦୧ରନରେ ଭଦ୍ରକକୁ ହରାଇ ଦେଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ ମୋନାଲିସା ରାଉତଙ୍କ ଅପରାଜିତ ୮୧ରନ (୫୨ ବଲ୍) ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଜବାବରେ ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ହରାଇ ୭୨ ରନ କରିପାରିଥିଲା। ବିପକ୍ଷ ଦଳର ଜାହ୍ନବୀ ଷଡ଼ଙ୍ଗୀ ୩ ଓ ଶୁଭ୍ରା ସ୍ୱାଇଁ ୨ ଉଇକେଟ ନେଇଥିଲେ। ବିଜୟୀ ଦଳର ମୋନାଲିସା ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସମ୍ବଲପୁରକୁ ୯୭ ରନରେ ପରାସ୍ତ କରିଛି ଯାଜପୁର। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଯାଜପୁର ନିର୍ଦ୍ଧାରିତ କାଜଲ ଜେନା (୧୦୧, ୬୬ ବଲ୍)ଙ୍କ ଅପରାଜିତ ଶତକ ଓ ଆଲିପ୍ସା ବିଶ୍ୱାଳ (୫୦ରନ, ୩୬ ବଲ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ସହାୟତାରେ ୨ ଉଇକେଟରେ ୧୮୮ ରନ କରିଥିଲା। ଜବାବରେ ସମ୍ବଲପୁର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୯୧ରନ କରିବାରେ ସମର୍ଥ ହୋଇଥିଲା। ଯାଜପୁର ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବଲାଙ୍ଗୀର ୮ଉଇକେଟରେ କିଟ୍‌କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୧୪.୪ ଓଭରରେ ମାତ୍ର ୩୮ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଶାରଦା ମହାନନ୍ଦ(୩-୨-୧-୩) ଓ ରସନାରା ପରବିନ(୨.୪-୦-୬-୩) ତିନୋଟି ଲେଖାଏଁ ଉଇକେଟ ହାସଲ କରିଥିଲେ। ବଲାଙ୍ଗୀର ୬.୧ ଓଭରରେ ୨ ଉଇକେଟରେ ୪୧ ରନ କରି ମ୍ୟାଚ ଜିତି ନେଇଥିଲା। ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ ବରଗଡ଼ ବିପକ୍ଷରେ ଭୁବନେଶ୍ୱର ୧୨୧ରନରେ ବୃହତ୍ ବିଜୟ ହାସଲ କରିଛି। ଏଥିରେ ସୁଶ୍ରୀ ଦିବ୍ୟଦର୍ଶିନୀ (୧୧୧ ରନ*, ୬୭ବଲ୍)ଙ୍କ ଅପରାଜିତ ଶତକ ସହାୟତାରେ ୨ଉଇକେଟ ବିନିମୟରେ ୧୮୦ରନ କରିଥିଲା। ଜବାବରେ ବଲାଙ୍ଗୀର ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୫୯ରନ କରିବାରେ ସକ୍ଷମ ହୋଇଥିଲା। ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅପରାଜିତ ଶତକ ବ୍ୟତୀତ ସେ ୧୫ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ।



ସୁଶ୍ରୀ ଦିବ୍ୟଦର୍ଶିନୀ



କାଜଲ ଜେନା

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ